ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶନିବାର, ଫେବୃଆରୀ ୭/୨୦୨୬ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 7/2026 Page 14 ₹ 7.00 | BALASORE
୫୨ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 75 ମୂଲ୍ୟ₹୭/-

# ଇସ୍‌ଲାମାବାଦରେ ଆତ୍ମଘାତୀ ବିସ୍ଫୋରଣ: ୩୧ ମୃତ



ଇସ୍‌ଲାମାବାଦର ଶେହଜାଦ ସହରସ୍ଥିତ ତରଲାଇ ଇମାମବରଗାହ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ପରେ ଅର୍ଦ୍ଧସାମରିକ ସୁରକ୍ଷାବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଛି।

**ପାକିସ୍ତାନର ଇସ୍‌ଲାମାବାଦରେ ଶୁକ୍ରବାର ଏକ ଆତ୍ମଘାତୀ ବିସ୍ଫୋରଣରେ ଅନ୍ୟୂନ ୩୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୬୯ ଆହତ ହୋଇଛନ୍ତି। ରାଜଧାନୀର ଶେହଜାଦ ଟାଉନ୍‌ରେ ଥିବା ତରଲାଇ ଇମାମବରଗାହରେ ସମୂହ ନମାଜ ପାଠ ପାଇଁ ଶିଆ ମୁସଲମାନମାନେ ଏକତ୍ରିତ ହୋଇଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟାଯାଇଥିବା କୁହାଯାଉଛି। କିଛିବର୍ଷ ମଧ୍ୟରେ ଏହାକୁ ପାକିସ୍ତାନରେ ଶିଆଙ୍କ ଉପରେ ଅନ୍ୟତମ ବୃହତ୍ ଘାତକ ବିସ୍ଫୋରଣ ବୋଲି କୁହାଯାଇଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହି ଆକ୍ରମଣ ପାଇଁ ଭାରତ ଓ ଆଫ୍‌ଗାନିସ୍ତାନକୁ ଦାୟୀ କରିଥିବାବେଳେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏହାର ଦୃଢ଼ ନିନ୍ଦା କରିଛନ୍ତି।**

## ■ ଶିଆଙ୍କୁ ଟାର୍ଗେଟ୍, ମସ୍‌ଜିଦରେ ବିସ୍ଫୋରଣ: ୧୬୯ ଆହତ
## ■ ଭାରତ, ଆଫ୍‌ଗାନିସ୍ତାନକୁ ଦାୟୀ କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ

ଇସ୍‌ଲାମାବାଦ,୬ା୨ (ରଏଟର୍ସ/ଡନ୍)

ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନକୁ କଠୋରପନ୍ଥୀଙ୍କ ପ୍ରତି ନରମ ଆଭିମୁଖ୍ୟ ମହଙ୍ଗା ପଡ଼ିଛି। ଇସ୍‌ଲାମାବାଦର ଶେହଜାଦ ସହରସ୍ଥିତ ତରଲାଇ ଇମାମବରଗାହ ମସ୍‌ଜିଦ ମୁଖ୍ୟ ପ୍ରବେଶପଥରେ ଶୁକ୍ରବାର ଅପରାହ୍ଣରେ ଜଣେ ଆତ୍ମଘାତୀ ବମ୍ବର ନିଜକୁ ଉଡ଼ାଇଦେଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ମସ୍‌ଜିଦ ସମେତ ଆଖପାଖ ଅଞ୍ଚଳର ଅନେକ କୋଠା ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣରେ ୩୧ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୧୬୯ ଆହତ ହୋଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ସୂଚନାନୁସାରେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଇମାମବରଗାହ ମସ୍‌ଜିଦ ଅଞ୍ଚଳରେ ସମୂହ ନମାଜପାଠ ପାଇଁ ଗହଳି ଲାଗିରହିଥିଲା। ମୁଖ୍ୟ ହଲ୍‌ରେ ଶିଆ ସମ୍ପ୍ରଦାୟର ମୁସଲମାନମାନେ ରୁଣ୍ଡ ହୋଇଥିଲେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**କଡ଼ା ନିୟମ**

This is an advertisement for information purpose and is not a prospectus announcement.
ICL FINCORP LIMITED
SECURED, REDEEMABLE NON-CONVERTIBLE DEBENTURES NCD
CREDIT RATING CRISIL BBB-/ STABLE
ICL Join ICL, Grow with us
ICL Fincorp
UP TO DOUBLE RETURNS IN 72 MONTHS*
*BASED ON AN EFFECTIVE YIELD OF 12.25% ON CUMULATIVE BASIS UNDER OPTION X, 72 MONTHS, TDS AS APPLICABLE.
ISSUE OPENS ON: FEBRUARY 05, 2026 (THURSDAY)
ISSUE CLOSES ON: FEBRUARY 18, 2026 (WEDNESDAY)*
*The Issue shall remain open for subscription on Working Days from 10:00 a.m. to 5:00 p.m. (Indian Standard Time), during the period indicated above, except that the Issue may close on such earlier date or extended date as may be decided by the Board of directors or Debenture Issue Commitee of our Company, subject to relevant approvals (subject to a minimum period of two working days and a maximum period of 10 working days from the date of opening of this Issue). In the event of an early closure or extension of the Issue, our Company shall ensure that notice of such early closure or extension is given to the prospective investors through an advertisement in a national daily newspaper and a regional daily newspaper in Tamil Nadu where the registered office is located, with wide circulation on or before such earlier date or extended date of closure. Application Forms for the Issue will be accepted only from 10:00 a.m. to 5:00 p.m. (Indian Standard Time) or such extended time as may be permitted by the Stock Exchange, on Working Days during the Issue Period. On the Issue Closing Date, Application Forms will be accepted only between 10:00 a.m. to 3:00 p.m. and uploaded until 5:00 p.m. (Indian Standard Time) or such extended time as may be permitted by the Stock Exchange.
Issue Structure: (For detailed Issue Structure refer Prospectus dated January 29, 2026)

| | |
|---|---|
| Face value : ₹ 1,000 each | Minimum application size : ₹ 10,000 (10 NCDs) & in multiples of 1 NCD thereafter |
| Tenure (months) : 13, 24, 36, 60 and 72 | |
| Schemes : 10 schemes with 10 ISINs | Payout options : Monthly, Annually & Cumulative |

THE ISSUE
PUBLIC ISSUE BY OUR COMPANY OF 10,00,000 SECURED, REDEEMABLE, NON-CONVERTIBLE DEBENTURES OF FACE VALUE OF ₹1,000 EACH, ("NCDS") AT PAR, FOR AN AMOUNT UP TO ₹5,00,000 THOUSAND ("BASE ISSUE SIZE") WITH AN OPTION TO RETAIN OVERSUBSCRIPTION OF UP TO ₹5,00,000 THOUSAND, AGGREGATING UP TO ₹10,00,000 THOUSAND, (HEREINAFTER REFERRED TO AS THE "ISSUE SIZE"). THE ISSUE IS BEING MADE PURSUANT TO THE PROVISIONS OF SECURITIES AND EXCHANGE BOARD OF INDIA (ISSUE AND LISTING OF NON-CONVERTIBLE SECURITIES) REGULATIONS, 2021, AS AMENDED, THE COMPANIES ACT, 2013 AND RULES MADE THEREUNDER TO THE EXTENT NOTIFIED AND THE SEBI MASTER CIRCULAR AS AMENDED FROM TIME TO TIME. THE ISSUE IS NOT PROPOSED TO BE UNDERWRITTEN.

| COUPON RATE: (MONTHLY OPTIONS) | OPTION IV | OPTION III | OPTION II | OPTION I |
|---|---|---|---|---|
| | 11.50*% PER ANNUM 60 MONTHS | 11.00*% PER ANNUM 36 MONTHS | 10.50*% PER ANNUM 24 MONTHS | 10.00*% PER ANNUM 13 MONTHS |

*T&C Apply
*Indicating coupon rates for monthly options only. Refer Prospectus dated January 29, 2026 to view effective yield for monthly, annually and cumulative options.
To Know More: Visit Nearest ICL Fincorp Branch | To Download Application: Visit www.iclfincorp.com
For Enquiries: Call +91 85890 20137, +91 85890 20186
Reg. Office: Plot No. C308, Door No. 66/40, 4th Avenue, Ashok Nagar, Chennai- 600 083, Tamil Nadu, India.
Corp. Office: ICL Fincorp Limited, Main Road, Irinjalakuda, Thrissur-680121, Kerala, India.
Branches: Kerala | Tamil Nadu | Andhra Pradesh | Telangana | Karnataka | Maharashtra | Odisha | Gujarat | West Bengal | Goa | Delhi @iclfincorp

13001/38/2526
ଓଡ଼ିଶା ଶାସନ
VIKSIT BHARAT
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଗ୍ରୋଥ୍ ହବ୍ ପଦକ୍ଷେପ ଅଧୀନରେ
ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ପାଇଁ
ବିସିପିପିଇଆର୍ ଅର୍ଥନୈତିକ ଯୋଜନାର
ଶୁଭାରମ୍ଭ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ




ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୦୭ ଫେବୃଆରୀ ୨୦୨୬
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ

୮୦+ ପ୍ରସ୍ତାବିତ ପ୍ରକଳ୍ପ
୩୦+ ନୀତିଗତ ପ୍ରସ୍ତାବନା

ବିଶେଷତ୍ୱ
- ବିସିପିପିଇଆର୍ ଅଞ୍ଚଳକୁ ପର୍ଯ୍ୟଟନ-ଭିତ୍ତିକ ସାଂସ୍କୃତିକ ଓ ଐତିହ୍ୟ ଅର୍ଥନୀତି ଭାବେ ପ୍ରୋତ୍ସାହିତ କରିବା
- ଜ୍ଞାନ, ନବସୃଜନ ଓ ପ୍ରତିଭା କ୍ଷେତ୍ରରେ ବିସିପିପିଇଆର୍‌କୁ ଜାତୀୟସ୍ତରରେ ହବ୍ ଭାବେ ଗଢ଼ିବା
- ବିସିପିପିଇଆର୍‌କୁ ପୂର୍ବ ଭାରତର ଏକ ପ୍ରମୁଖ ବନ୍ଦର-ଭିତ୍ତିକ ଶିଳ୍ପ ଏବଂ ଲଜିଷ୍ଟିକ୍ସ ହବ୍‌ରେ ପରିଣତ କରିବା
- ପ୍ରାଥମିକସ୍ତରରେ ଥିବା ବିକାଶର ସୁଯୋଗକୁ କାର୍ଯ୍ୟକାରୀ କରିବା




ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
OIPR-13001/13001/2/25-26/0038




ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଦାଲ୍ ମଣ୍ଡି ଅଞ୍ଚଳରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।


# ପରୀକ୍ଷାକୁ ଉତ୍ସବ ଭଳି ମନାଅ

## ପରୀକ୍ଷା ପେ' ଚର୍ଚ୍ଚାରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୬।୨(ପି.ଟି.)

ବୋର୍ଡ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ନବମ ସଂସ୍କରଣ ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେଇଛନ୍ତି। ପ୍ରତ୍ୟେକଙ୍କ ଉପଦେଶ ଶୁଣିବା ସହ ଯେତେବେଳେ ଚାହୁଁଛ ନିଜ ଜୀବନଶୈଳୀ ଢାଞ୍ଚା ବଦଳାଇବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଶିକ୍ଷାକୁ କଦାପି ଏକ ବୋଝ ଭଳି ଅନୁଭବ କରିବା ଉଚିତ ନୁହେଁ। କେବଳ ନମ୍ବର ଉପରେ ଗୁରୁତ୍ୱ ନ ଦେଇ ଜୀବନକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ପରୀକ୍ଷା ଉତ୍ସବ ଭଳି ଏବଂ ଏହାକୁ ମନାଇବା ଆବଶ୍ୟକ। ଆରାମଦାୟକ ପରିସର ନୁହେଁ ଜୀବନଶୈଳୀ ହିଁ ଜୀବନକୁ ଗଢ଼ିଥାଏ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଶିକ୍ଷାକୁ ବୋଝ ଅନୁଭବ ନ କରି ଏଥିରେ ସମ୍ପୂର୍ଣ୍ଣ ସମ୍ପୃକ୍ତ ହେବା ଆବଶ୍ୟକ। ଅସମ୍ପୂର୍ଣ୍ଣ ଶିକ୍ଷା ସଫଳତାକୁ ସୁନିଶ୍ଚିତ କରେ ନାହିଁ। ତେଣୁ ମାର୍କ ଉପରେ ଗୁରୁତ୍ୱ ନ ଦେଇ ଜୀବନରେ ସେମାନେ କେଉଁଠାରେ ପହଞ୍ଚିଛନ୍ତି ସେ ବିଷୟରେ ଚିନ୍ତା କରିବା ଉଚିତ। ଆମର ଲକ୍ଷ୍ୟ ଏପରି ହେବା ଉଚିତ ଯେଉଁଠି ଆମେ ପହଞ୍ଚିପାରିବା କିନ୍ତୁ ପାଇବା ସହଜ ହୋଇ ନ ଥିବ। ମନକୁ



କାବୁ କରନ୍ତୁ ଓ ସଂଯୋଗ କରନ୍ତୁ ଏବଂ ପଢ଼ିବା ଆବଶ୍ୟକ ବିଷୟକୁ ରଖନ୍ତୁ। ତାହା ହେଲେ ସବୁବେଳେ ସଫଳତା ପାଇବ ବୋଲି ମୋଦି ଦେଶର ବିଭିନ୍ନ ଭାଗରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ କହିଥିଲେ। ମାର୍କ ଉପରେ ଆସକ୍ତ ନ ହେବାକୁ ସେ ସତର୍କ କରାଇ ଦେଇଛନ୍ତି। ଗତବର୍ଷ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ପିଲାଙ୍କ ନାମ କେହି ମନେରଖିଛି କି ବୋଲି ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ନା' କହିଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ କିଛି ସମୟ ପାଇଁ ପ୍ରଶଂସା କରାଯାଏ ଓ ପରେ ଏହାକୁ ସମସ୍ତେ ଭୁଲିଯାଆନ୍ତି। ତେଣୁ ନମ୍ବର ରଖିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଟ୍ରେଡ୍ ନୁହେଁ, ଟ୍ରାପ୍ ଡିଲ୍: କଂଗ୍ରେସ

ନୂଆଦିଲ୍ଲୀ,୬।୨(ପି.ଟି.)

ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା, ପୂର୍ବତନ ସେନାମୁଖ୍ୟ ଏମ୍.ଏମ୍. ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକର ବିବାଦୀୟ ପ୍ରସଙ୍ଗ ଏବଂ ବିରୋଧୀ ଦଳର ୮ ଏମ୍‌ପିଙ୍କ ନିଲମ୍ବନକୁ ବିରୋଧ କରି କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନେ ଶୁକ୍ରବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ଜୋର୍‌ଦାର ବିକ୍ଷୋଭ କରିଛନ୍ତି।

ଲୋକ ସଭାକୁ ସୋମବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯିବା ପରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟର ମକର ଦ୍ୱାର ନିକଟରେ ଏକାଠି ହୋଇ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ଏକଚ୍ଛତ୍ରବାଦ ଆଉ ଚଳିବ ନାହିଁ, ଗଣତନ୍ତ୍ରର ହତ୍ୟାକୁ ବନ୍ଦକର ଆଦି ସ୍ଲୋଗାନ ଦିଆଯାଇଥିଲା। ବିକ୍ଷୋଭରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ନିଲମ୍ବିତ

## ପାର୍ଲାମେଣ୍ଟ ପରିସରରେ ବିରୋଧୀ ଏମ୍‌ପିଙ୍କ ବିକ୍ଷୋଭ




ଏମ୍‌ପିଙ୍କ ସମେତ ଅନେକ ବିରୋଧୀ ଦଳ ସଦସ୍ୟ ସାମିଲ ହୋଇଥିଲେ। ଭାରତ-ଆମେରିକା ଟ୍ରେଡ୍ ଡିଲ୍‌କୁ ସେମାନେ ବ୍ୟାନରରେ 'ଟ୍ରାପ୍ ଡିଲ୍' ଲେଖିଥିଲେ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପୂର୍ବତନ ସେନାମୁଖ୍ୟ ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକରେ ଉଲ୍ଲେଖ ଥିବା ୨୦୨୦ର ଭାରତ-ଚାଇନା ସଂଘର୍ଷ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଉତ୍ତରଦାୟୀ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ବିଫଳତା ପ୍ରସଙ୍ଗକୁ ନେଇ ଲଢ଼େଇ ଜାରି ରହିବ ବୋଲି ଲୋକ ସଭାରେ କଂଗ୍ରେସର ମୁଖ୍ୟ ହ୍ୱିପ୍ ତଥା ନିଲମ୍ବିତ ଏମ୍‌ପି ମନିକମ୍ ଟାଗୋର କହିଥିଲେ। ଅନ୍ୟ ଦେଶର ଚାପରେ ପ୍ରଧାନମନ୍ତ୍ରୀ ମୁଣ୍ଡ ନୁଆଁଇଛନ୍ତି ଓ ପାର୍ଲାମେଣ୍ଟକୁ ଆସିବା ପାଇଁ ଭୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆ ନ ଯିବା ଏବଂ ବିଶୃଙ୍ଖଳିତ ଆଚରଣ ପାଇଁ ୮ ବିରୋଧୀ ଦଳ ଏମ୍‌ପିଙ୍କୁ ନିଲମ୍ବନ କରାଯିବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ସୋମବାରଠାରୁ କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାରୁ ଗୃହରେ ଅଚଳାବସ୍ଥା ଜାରି ରହିଛି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ବିନା ଗୁରୁବାର ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଲୋକଙ୍କ ପ୍ରତ୍ୟାଖ୍ୟାନ ସତ୍ତ୍ୱେ ପ୍ରଚାର ଚାହୁଁଛ

## ପ୍ରଶାନ୍ତ କିଶୋରଙ୍କ ଦଳକୁ ପ୍ରଧାନ ବିଚାରପତିଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୬।୨

ଗତବର୍ଷ ବିହାର ବିଧାନସଭା ନିର୍ବାଚନର ଫଳାଫଳକୁ ନିର୍ବାଚନ ରଣନୀତିକାର ତଥା ରାଜନେତା ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଚ୍ୟାଲେଞ୍ଜ କରିଥିବାବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। ଜନସୁରାଜ ପାର୍ଟି ୨୩୮ଟି ଆସନରେ ଲଢ଼ିଥିଲେ ମଧ୍ୟ ଖାତା ଖୋଲିପାରି ନ ଥିଲା। ଶାସକ ଜେଡିୟୁ ଏବଂ ଭାଜପା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ଆଣି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ଜନସୁରାଜ ପାର୍ଟି ଆବେଦନ କରିଥିବାବେଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାକୁ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଆପଣଙ୍କ ଦଳ କେତେଖଣ୍ଡ ଭୋଟ ପାଇଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଲୋକେ ଆପଣମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ସତ୍ତ୍ୱେ ପ୍ରଚାର ପାଇଁ ନ୍ୟାୟିକ ମଞ୍ଚର ଉପଯୋଗ କରୁଛ କି ବୋଲି ସେ ପଚାରିଥିଲେ। ହାଇକୋର୍ଟ ନ ଯାଇ ଏଠାକୁ କାହିଁକି ଆସିଲ ବୋଲି ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଜନସୁରାଜ ପାର୍ଟି ଓକିଲଙ୍କୁ ପ୍ରଶ୍ନ କରିଥିଲେ। ବିହାର ହାଇକୋର୍ଟକୁ ଯିବା ପାଇଁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

# ଜଳନ୍ଧରରେ ଆପ୍ ନେତାଙ୍କୁ ଗୁଳିକରି ହତ୍ୟା

ଚଣ୍ଡିଗଡ଼,୬।୨(ପି.ଟି.)

ଜଳନ୍ଧର ଅନ୍ତର୍ଗତ ମଡେଲ ଟାଉନ୍‌ସ୍ଥିତ ଗୁରୁଦ୍ୱାରା ବାହାରେ ଶୁକ୍ରବାର ପଞ୍ଜାବ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ଲକି ଓବେରୟଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଲକି ସକାଳ ପ୍ରାୟ ୭ଟା ୩୦ ମିନିଟ୍ ସମୟରେ ନିଜ ଏସ୍‌ୟୁଭିରେ ଗୁରୁଦ୍ୱାରାରୁ ବାହାରୁଥିବାବେଳେ କଳାମୁଖା ପରିହିତ ଆତତାୟୀ ତାଙ୍କ ଗାଡ଼ି ନିକଟରେ ପହଞ୍ଚି ଆଖିବୁଜା ଗୁଳି ଚଳାଇଥିଲେ। କିଛି ଦୂରରେ ସ୍କୁଟରରେ ଅପେକ୍ଷାରତ ଜଣେ ସହଯୋଗୀଙ୍କ ସହ ଆତତାୟୀ ଫେରାର ହୋଇଯାଉଥିବାର ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ବହୁ ଗୁଳିଚୋଟ ବାଜିଥିବା ଲକିଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁଳିମାଡ଼ରେ ଲକିଙ୍କ ଗାଡ଼ି ସମେତ ସେଠାରେ ଥିବା ଅନ୍ୟ କେତେକ ଗାଡ଼ିର ଝରକା କାଚ ଭାଙ୍ଗିଯାଇଛି। ଲକି ଓରଫ ସତ୍‌ୱିନ୍ଦର ସିଂ ଜଳନ୍ଧର କ୍ୟାଣ୍ଟନମେଣ୍ଟ ଦାୟିତ୍ୱରେ ଥିଲେ।

# ବାଂଲାଦେଶ ନିର୍ବାଚନ ପୂର୍ବରୁ ୟୁନୁସ୍‌ଙ୍କ ଘର ବାହାରେ ବିକ୍ଷୋଭ

ଢାକା,୬।୨

ବାଂଲାଦେଶ ପାର୍ଲାମେଣ୍ଟ ନିର୍ବାଚନ ପୂର୍ବରୁ ଶୁକ୍ରବାର ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍‌ଙ୍କ ସରକାରୀ ବାସଭବନ ବାହାରେ ଜୋର୍‌ଦାର ବିକ୍ଷୋଭ ହୋଇଛି। ୯ମ ଜାତୀୟ ବେତନ ହାର ତୁରନ୍ତ ଲାଗୁକରିବା ଦାବିରେ ସରକାରୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ରାଜଧାନୀ ଢାକାର ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ ସୁରକ୍ଷାବଳ ଓ ପୋଲିସ ମୁତୟନ କରାଯାଇଥିଲା। ତେବେ ଶହୀଦ ମୀନାରଠାରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା ପୋଲିସ ବ୍ୟାରିକେଡ୍ ଭାଙ୍ଗି ୟୁନୁସ୍‌ଙ୍କ ବାସଭବନ ଦିଗରେ ଅଗ୍ରସର ହେବାକୁ ଉଦ୍ୟମ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ପାଣିମାଡ଼ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା ଏବଂ ସାଉଣ୍ଡ ଗ୍ରେନେଡ୍ ମାଡ଼ କରିଥିଲା। ୬ ପ୍ଲାଟୁନ୍ ବାଂଲାଦେଶ ସୀମା ସୁରକ୍ଷା ବଳ ଉକ୍ତ ଅଞ୍ଚଳରେ ନିୟୋଜିତ ହୋଇଥିଲେ। କେତେଜଣ ବିକ୍ଷୋଭକାରୀ ଆହତ ହୋଇଥିବାବେଳେ ପୋଲିସ ଅନେକଙ୍କୁ ଉଠାଇ ନେଇଛି।

# ଖାତରେ ପଡ଼ି ବାଇକ୍ ଆରୋହୀଙ୍କ ମୃତ୍ୟୁ

## ରାସ୍ତାରେ ଖୋଳିଥିଲା ଦିଲ୍ଲୀ ଜଳ ବୋର୍ଡ

ନୂଆଦିଲ୍ଲୀ,୬।୨

ଦିଲ୍ଲୀର ଜନକପୁରୀ ଅଞ୍ଚଳରେ ଖୋଳାଯାଇଥିବା ଏକ ଖାତରେ ଜଣେ ବାଇକ୍ ଆରୋହୀ ଖସିପଡ଼ି ପ୍ରାଣ ହରାଇଛନ୍ତି। ଖାତର ନିମ୍ନ ଭାଗରେ ଉକ୍ତ ଯୁବକଙ୍କ ମୃତଦେହ ପାଖରେ ତାଙ୍କ ବାଇକ୍ ପଡ଼ିଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦିଲ୍ଲୀ ଜଳ ବୋର୍ଡ ପକ୍ଷରୁ ନିର୍ମାଣ କାର୍ଯ୍ୟ ଲାଗି ରାସ୍ତାରେ ଖାତ ଖୋଳାଯାଇଥିବାବେଳେ କମଳ ନାମକ ୨୫ ବର୍ଷୀୟ ବାଇକ୍ ଆରୋହୀ ସେଥିରେ ଖସିପଡ଼ିଥିଲେ। ସେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରୋହିଣୀ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ



କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ସେ ଘରକୁ ଫେରୁଥିବାବେଳେ ଖାତରେ ଖସିପଡ଼ିଥିଲେ। ତାଙ୍କ ଫୋନ୍ ରିଙ୍ଗ୍ ହେଉଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। କିଛି ସମୟ ପରେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ଖାତରେ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ମିଳିଥିଲା। ଦିଲ୍ଲୀ ସହର ବିକାଶ ମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଜିଲାପାଳ, ଟ୍ରାଫିକ୍ ପୋଲିସ ଯୁଗ୍ମ କମିଶନର, ପୋଲିସ ଉପକମିଶନର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ଅଫିସର ଦୁର୍ଘଟଣାସ୍ଥଳ ଅନୁଧ୍ୟାନକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବାକୁ କୁହାଯାଇଛି। ଦିଲ୍ଲୀ ଜଳ ବୋର୍ଡ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ତଦନ୍ତ ପାଇଁ କମିଟି ଗଠନ କରିଛି। କୌଣସି ସ୍ଥଳରେ ଅବହେଳା ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଳବୋର୍ଡ କହିଛି। ପ୍ରାଥମିକ ଅନୁଧ୍ୟାନ ପରେ ଜଳ ବୋର୍ଡ ଏହାର ୩ ଜଣ ଅଫିସରଙ୍କୁ ନିଲମ୍ବନ କରିଛି।

# ସହମତ ପ୍ରାପ୍ତବୟସ୍କଙ୍କ ସାମ୍ବିଧାନିକ ଅଧିକାର ବିବାହ

## ମା'ବାପା ହସ୍ତକ୍ଷେପ କରିପାରିବେ ନାହିଁ: ହାଇକୋର୍ଟ

ନୂଆଦିଲ୍ଲୀ,୬।୨(ପି.ଟି.)

ସହମତରେ ପହଞ୍ଚିଥିବା ପ୍ରାପ୍ତବୟସ୍କ ପରସ୍ପରକୁ ବିବାହ କରିବା ଏକ ସାମ୍ବିଧାନିକ ଅଧିକାର। ସେମାନଙ୍କ ନିଷ୍ପତ୍ତି ଉପରେ ନା ସମାଜ, ନା ରାଜ୍ୟ ଶାସନ କଳ କିମ୍ବା ମା'ବାପା ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଝିଅର ପସନ୍ଦକୁ ତାଙ୍କ ବାପା ଗ୍ରହଣ କରୁ ନ ଥିବାର ସୁରକ୍ଷା ପାଇଁ ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ପିଟିଶନ୍‌ର ଶୁଣାଣି ବେଳେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦମ୍ପତିଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବାକୁ ଜଷ୍ଟିସ୍ ସୌରଭ ବାନାର୍ଜୀ ନିର୍ଦ୍ଦେଶ ଦେବା ସହ କହିଛନ୍ତି, ବିବାହ ଅଧିକାର ମାନବୀୟ ସ୍ୱାଧୀନତା ଓ ପସନ୍ଦର ବିଷୟ। ଏହା ସମ୍ବିଧାନର ଅନୁଚ୍ଛେଦ ୨୧ ଏବଂ ମାନବାଧିକାର ସାର୍ବଜନିକ ଘୋଷଣାର ଅବିଚ୍ଛେଦ୍ୟ ଅଙ୍ଗ। ଉଭୟ ଆବେଦନକାରୀ ସାବାଳକ ଏବଂ ପରସ୍ପରକୁ ବିବାହ କରିବା ପାଇଁ ସହମତ ଥିବାରୁ ସେମାନଙ୍କ ନିଷ୍ପତ୍ତିରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।

# ଗର୍ଭଧାରଣ ପାଇଁ ବାଧ୍ୟ କରାଯାଇପାରିବ ନାହିଁ

ନୂଆଦିଲ୍ଲୀ,୬।୨

ଗର୍ଭଧାରଣ ପାଇଁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ୧୭ ବର୍ଷୀୟା ନାବାଳିକା ୩୦ ସପ୍ତାହ ଧରି ଗର୍ଭବତୀ ରହିଥିଲା ବେଳେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ମିଳି ନ ଥିଲା। କିନ୍ତୁ ମହିଳାଙ୍କ ଇଚ୍ଛା ବିରୋଧରେ ଗର୍ଭଧାରଣ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ବି.ଭି.ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ସମ୍ପୃକ୍ତ ନାବାଳିକାଙ୍କ ମାମଲାର ବିଚାର କରି ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ନିଜର ଗର୍ଭଧାରଣ ପାଇଁ ନାବାଳିକା ଜଣଙ୍କର ଅଧିକାର ରହିଛି। କିନ୍ତୁ ଯେଉଁ ପରିସ୍ଥିତିରେ

## ୩୦ ସପ୍ତାହର ଗର୍ଭପାତ ଅନୁମତି ଦେଲେ ସୁପ୍ରିମକୋର୍ଟ



ସେ ଗର୍ଭବତୀ ହୋଇଛନ୍ତି ଏବଂ ତାଙ୍କର ପାରିପାର୍ଶ୍ୱିକ ସ୍ଥିତି ଯାହା ରହିଛି ତାହାକୁ ବିଚାର କଲେ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦିଆଯିବା ଉଚିତ।

ଭାରତୀୟ ଆଇନର 'ମେଡିକାଲ୍ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି(ଏମ୍‌ଟିପି) ଅନୁସାରେ କେବଳ ୨୦ ସପ୍ତାହର ଗର୍ଭକୁ ନଷ୍ଟ କରିବା ଲାଗି ଅନୁମତି ରହିଛି। ଯଦି ଜଣେ ୨୪ ସପ୍ତାହରୁ ଅଧିକ ସମୟ ଧରି ଗର୍ଭବତୀ ହୋଇଥିବେ ଏବଂ ଗର୍ଭପାତ କରିବାକୁ ଚାହୁଁଥିବେ , ତେବେ ଏଥିପାଇଁ ଅଦାଲତଙ୍କ ଅନୁମତି ଦରକାର ପଡ଼ିବ। କିନ୍ତୁ ସମ୍ପୃକ୍ତ ନାବାଳିକା ଜଣକ ଗର୍ଭପାତ ପାଇଁ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ମାମଲା ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି। ଜନ୍ମ ହୋଇ ନଥିବା ଏକ ଶିଶୁର ଅଧିକାର ଠାରୁ ଜଣେ ମହିଳାଙ୍କ ପ୍ରଜନନ କ୍ଷମତା ଆହୁରି ଗୁରୁତ୍ୱପୂର୍ଣ୍ଣ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ରୁଷିଆ ସେନା ଗୋଇନ୍ଦା ଉପମୁଖ୍ୟଙ୍କୁ ଗୁଳି


ମସ୍କୋ,୬।୨

ରୁଷିଆ ସେନାର ଗୋଇନ୍ଦା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଭ୍ଲାଡିମିର୍ ଆଲେକସିଏଭ୍‌ଙ୍କୁ ଗୁଳିମାଡ଼ ହୋଇଛି। ସେ ମସ୍କୋସ୍ଥିତ ବାସଭବନରେ ଥିଲାବେଳେ ଅଜଣା ବନ୍ଧୁକଧାରୀ ଘରେ ପ୍ରବେଶ କରି ତାଙ୍କ ଉପରକୁ ଗୁଳି କରିଥିଲା। ଆଲେକସିଏଭ୍‌ଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଇଛି। ଗତ କିଛି ମାସ ମଧ୍ୟରେ ରୁଷିଆ ସେନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଇଛି। ତେବେ ଏହି ଘଟଣା ପଛରେ ୟୁକ୍ରେନ୍‌ର ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେ ଲାଭରୋଭ୍ କହିଛନ୍ତି। ୬୪ ବର୍ଷୀୟ ଆଲେକସିଏଭ୍ ରୁଷିଆର



ଭ୍ଲାଡିମିର୍ ଆଲେକସିଏଭ୍

ମୁଖ୍ୟ ଗୋଇନ୍ଦା ଏଜେନ୍ସି 'ଜିଆର୍‌ୟୁ'ର ପ୍ରଥମ ଉପମୁଖ୍ୟ ଥିଲେ। ଆମେରିକାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ୟମ ଅଭିଯୋଗରେ ୨୦୧୬ରେ ଜିଆର୍‌ୟୁ ଆଲେକସିଏଭ୍‌ଙ୍କ ସମେତ ଏଜେନ୍ସିର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପରେ କଟକଣା ଜାରି କରିଥିଲା। ୨୦୧୯ରେ ୟୁରୋପୀୟ ୟୁନିୟନ ମଧ୍ୟ ତାଙ୍କ ଉପରେ କଟକଣା ଲଗାଇଥିଲା।



**ରାଜକୁମାରଙ୍କ ଘରଣୀ ସାଜିବେ ଆଲିଆ**
ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଫିଲ୍ମ 'ହାଉସ୍‌ୱାଇଫ'ରେ ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓଙ୍କ ବିପକ୍ଷରେ ଅଭିନୟ କରିବା ନେଇ ଯୋଜନା ଚାଲିଛି।

୦୨

୧୨

**ସୂର୍ଯ୍ୟକୁମାର ଆଶାବାଦୀ**
ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆଇସିସି ଟି୨୦ ବିଶ୍ୱକପରେ ବିଜୟ ସହ ଅଭିଯାନ ଆରମ୍ଭ କରିବା ନେଇ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଆଶାବାଦୀ।



# ବୈଭବଙ୍କ ରେକର୍ଡ: ଭାରତ ଚାମ୍ପିୟନ

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍

**ହରାରେ,୬।୨**

ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ ବ୍ରେକିଂ ଇନିଂସ ସହାୟତାରେ ଭାରତ ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଭାରତ ୧୦୦ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହାକୁ ମିଶାଇ ଭାରତ ୬ଷ୍ଠ ଥରଲାଗି ଟାଇଟଲ ବିଜୟୀ ହୋଇଛି। ପୂର୍ବରୁ ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ରେ ଚାମ୍ପିୟନ ହୋଇଥିଲା। ବୈଭବଙ୍କ ବିସ୍ଫୋରକ ୧୭୫ ରନର ଇନିଂସ ସହାୟତାରେ ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୪୧୧ ରନ କରିଥିଲା। ଜବାବରେ ଇଂଲଣ୍ଡ କାଲେବ ଫାଲ୍କନରଙ୍କ ଶତକ ସତ୍ତ୍ୱେ ୪୦.୧ ଓଭରରେ ୩୧୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ବୈଭବ ଗୋଟିଏ ଇନିଂସରେ ବ୍ୟକ୍ତିଗତ ସର୍ବାଧିକ ସ୍କୋର, ସର୍ବାଧିକ ଛକା, ଦ୍ରୁତତମ ୧୫୦ ଆଦି ଅନେକ ରେକର୍ଡର ଅଧିକାରୀ ହୋଇଥିଲେ।

ରେକର୍ଡ ୪୧୨ ରନର ଟାର୍ଗେଟ ପାଇଥିବା ଇଂଲଣ୍ଡ କେବେହେଲେ ଭାରତ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଟପ୍ ଅର୍ଡରରେ ବେନ୍ ଡକିନ୍ସ ୬୬, ବେନ୍ ମାୟେସ ୪୫ ଓ ଥୋମାସ ରିଉ ୩୧ ରନକରି ଯଦିଓ କିଛିଟା ଚ୍ୟାଲେଞ୍ଜ ଦେଇଥିଲେ ତେବେ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ୧୭୭ ରନ ମଧ୍ୟରେ ଦଳ ୭ ଉଇକେଟ ହରାଇ ବଡ଼ ପରାଜୟ ମୁହାଁ ହୋଇଥିବାବେଳେ ୮ମ ଉଇକେଟରେ କାଲେବ ଫାଲ୍କନର ଓ ଜେମ୍ସ ମିଣ୍ଟୋ ୮୦ ବଲ୍‌ରୁ ୯୨ ରନର ଭାଗୀଦାରି ଗଢ଼ି କିଛିଟା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ଇଂଲଣ୍ଡ ପରାଜୟ ନିଶ୍ଚିତ ହୋଇଯାଇଥିଲା। ସାହସିକ ଶତକୀୟ ଇନିଂସ ଖେଳିଥିବା ଫାଲ୍କନର ଦଳ ପକ୍ଷରୁ ସର୍ବାଧିକ ୧୧୫ ରନ ସ୍କୋର କରିଥିଲେ। ସେ ୬୭ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୭ ଛକା ମାରିଥିଲେ। ଭାରତ ପକ୍ଷରୁ ଆର.ଏସ. ଅମ୍ବ୍ରିସ ୩ଟି, ଦୀପେଶ ଦେବେନ୍ଦ୍ରନ ଓ କନିଷ୍କ ଚୌହାନ ୨ଟି ଲେଖାଏ ଏବଂ ଖିଲାନ ପଟେଲ ଓ ଆୟୁଷ ☞ପୃଷ୍ଠା-୨



ହରାରେଠାରେ ଶୁକ୍ରବାର ଇଂଲଣ୍ଡ ବିପକ୍ଷ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ଶତକ ହାସଲପରେ ଉଲ୍ଲସିତ ଭାରତର ବୈଭବ ସୂର୍ଯ୍ୟବଂଶୀ।

# ଡିଜିଟାଲ ଠକେଇର ଶିକାର ହେଲେ ୨୫ ହଜାର କ୍ଷତିପୂରଣ

## ଘୋଷଣାକଲେ ଆର୍‌ବିଆଇ ଗଭର୍ନର

**ମୁମ୍ବାଇ,୬।୨(ପି.ଟି.)**

ଦେଶରେ ଅନ୍‌ଲାଇନ୍ ଠକେଇ ବା ଡିଜିଟାଲ ଫ୍ରଡ୍ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ବ୍ୟାଙ୍କ କାରବାରରେ ଏଭଳି ଠକେଇର ଶିକାର ହେଉଥିବା ଗ୍ରାହକଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ୨୫,୦୦୦ ଟଙ୍କା କ୍ଷତିପୂରଣ ଦିଆଯିବ। ଏନେଇ ଶୁକ୍ରବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି।

ରିଜର୍ଭ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରା ଖବରଦାତାଙ୍କୁ ସମ୍ବୋଧିତକରି କହିଛନ୍ତି, ଜଣେ ଗ୍ରାହକ ଅନ୍‌ଲାଇନ୍ ଠକଙ୍କ ସହ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଶେୟାର କରି ଠକାମିର ଶିକାର ହେଲେ ମଧ୍ୟ ତାଙ୍କୁ ଆର୍‌ବିଆଇ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ। ୮୫,୦୦୦ କୋଟି ଟଙ୍କାର ଡିପୋଜିଟର୍ସ ଏଜୁକେଶନ୍ ଆଣ୍ଡ ଆୱାରନେସ୍ ଫଣ୍ଡରୁ ଏହି କ୍ଷତିପୂରଣ ସହାୟତା ଦିଆଯିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ ଠକେଇର ଶିକାର ହୋଇଥିବା ଜଣେ ଗ୍ରାହକ ଜୀବନକାଳ ମଧ୍ୟରେ ମାତ୍ର ଥରେ କ୍ଷତିପୂରଣ ପାଇବେ। କ୍ଷତିପୂରଣ ହାସଲ ଲାଗି ସେ ନିଜ ଆଡୁ କୌଣସି ଜାଲିଆତି କରି ନ ଥିବେ ବୋଲି ଜଣାପଡ଼ିବା ପରେ ହିଁ ତାଙ୍କୁ ୨୫,୦୦୦ ଟଙ୍କା ଦିଆଯିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି। କେଉଁ ଆଧାରରେ କ୍ଷତିପୂରଣ ପ୍ରଦାନ କରାଯିବ ସେନେଇ ଏକ ଡ୍ରାଫ୍ଟ ଚିଠା ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ।

# ରେପୋ ହାର ଅପରିବର୍ତ୍ତିତ

**ମୁମ୍ବାଇ,୬।୨**

ଭାରତୀୟ ରିଜର୍ଭବ୍ୟାଙ୍କ (ଆର୍‌ବିଆଇ) ରେପୋ (ସୁଧ ହାର) ୫. ୨୫ %ରେ ଅପରିବର୍ତ୍ତିତ ରଖିଛନ୍ତି। ଜାନୁଆରୀ-ଫେବୃଆରୀ ଦ୍ୱିମାସିକ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା କହିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୀତି ବ୍ୟବସ୍ଥାର ବିଭିନ୍ନ ଦିଗକୁ ସମୀକ୍ଷା କରି ରେପୋ ହାରରେ କୌଣସି ପରିବର୍ତ୍ତନ ନ କରିବାକୁ ଏହି କମିଟି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଫଳରେ ବ୍ୟାବସାୟିକ ବ୍ୟାଙ୍କ ସୁଧ ହାରରେ କୌଣସି ପରିବର୍ତ୍ତନ ହେବ ନାହିଁ କି ସାଧାରଣ ଲୋକ କିମ୍ବା ବଜାର ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ଋଣ ସୁଧ ହାର ଏବଂ କିସ୍ତି ମଧ୍ୟ ଅପରିବର୍ତ୍ତିତ ରହିବ। ୨୦୨୫ ଫେବୃଆରୀରେ ରେପୋ ହାର ୬.୫ ପ୍ରତିଶତରୁ ହ୍ରାସ ପାଇ ୬.୨୫ ପ୍ରତିଶତ ରହିଥିଲା। ଏହାପରେ ଏପ୍ରିଲରେ ରେପୋ ହାର ୦.୨୫, ଜୁନ୍‌ରେ ୦.୫୦ ପ୍ରତିଶତ ଏବଂ ୨୦୨୫ ଡିସେମ୍ବରରେ ରେପୋ ହାର ୦.୨୫ ହ୍ରାସ ପାଇ ୫.୨୫ ପ୍ରତିଶତରେ ରହିଥିଲା। ଏହାକୁ ରିଜର୍ଭ ବ୍ୟାଙ୍କ 'ନ୍ୟୁଟ୍ରାଲ ଷ୍ଟାନ୍ସ' ମୋଡ୍‌ରେ ବର୍ତ୍ତମାନ ଅପରିବର୍ତ୍ତିତ ରଖିଛନ୍ତି। ଦେଶର ସାମ୍ପ୍ରତିକ ଅର୍ଥନୈତିକ ତଥ୍ୟ, ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛନ୍ତି।

# କୀଟନାଶକ ପିଇ ପିଇଓ ସଙ୍କଟାପନ୍ନ

## ଅତିରିକ୍ତ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

**ଚିକିଟି,୬।୨(ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟି ବ୍ଲକରେ ଏକ ଅଭାବନୀୟ ଘଟଣା ଘଟିଛି। ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କ ଦୁର୍ବ୍ୟବ୍ୟହାରରେ ଅତିଷ୍ଠ ହୋଇ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦଣ୍ଡପାଣି ପାତ୍ର କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ସ୍ତ୍ରୀ ବି. ଜାନକୀ ଅଭିଯୋଗ କରିଛନ୍ତି। ଦଣ୍ଡପାଣିଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ସେ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟପକ୍ଷରେ ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଷଡ଼ଙ୍ଗୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସୁନାପୁର ବେଳାଭୂମି ମହୋତ୍ସବ ଅବସରରେ ଏକ ମିନି ମାରାଥନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଅନୁସାରେ ବିଡିଓଙ୍କ ଚିଠି ସଂଖ୍ୟା ୯୩୩, ୨।୨।୨୦୨୬ ଅନୁଯାୟୀ ଗତ ୩ ତାରିଖରେ ସୁନାପୁରଠାରୁ ଜାଗପୁର ପର୍ଯ୍ୟନ୍ତ ଏକ ☞ପୃଷ୍ଠା-୨

# ସ୍କୁଲ ନିକଟରେ ମଦ ଦୋକାନକୁ ଭାଙ୍ଗିଦେଲେ

## ଛାଞ୍ଚୁଣି ଧରି ମହିଳାଙ୍କ ପ୍ରତିବାଦ

**ତିହିଡ଼ି,୬।୨(ସଞ୍ଜିତ ବଳ)**

ସ୍କୁଲ ନିକଟରେ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଆସୁଥିଲେ। ଏପରିକି ମଦ ଦୋକାନ ବନ୍ଦ କରିବାକୁ ପ୍ରଶାସନ ନିକଟରେ ସ୍କୁଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଲୋକେ ଗୁହାରି କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଲୋକଙ୍କ ପ୍ରତିବାଦ ଶେଷରେ ଉଗ୍ରରୂପ ଧାରଣ କରିଛି। ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ ନିକଟରେ ଲୁଚାଛପା ଭାବେ ଖୋଲିଥିବା ବିଦେଶୀ ମଦ ଦୋକାନକୁ ଭାଙ୍ଗି ଦେଇଛନ୍ତି। ଦୋକାନ ଭିତରେ ଥିବା ବିଦେଶୀ ମଦ ସହ ଚେୟାର, ବେଞ୍ଚ ଓ ଅନ୍ୟାନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଛନ୍ତି।

ପ୍ରକାଶ ଯେ, ଉକ୍ତ ହାଇସ୍କୁଲ ନିକଟରେ ୨୦୧୯ରେ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଉଦ୍ୟମ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ବିରୋଧରୁ ଏହା ବନ୍ଦ ରହିଥିଲା। ନିକଟରେ ଦୋକାନ ଖୋଲାଯିବାକୁ ପୁଣିଥରେ ଉଦ୍ୟମ କରାଯିବାରୁ ସ୍ଥାନୀୟ ଲୋକେ ଏବଂ ହାଇସ୍କୁଲର ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର ଏହାକୁ ବିରୋଧ କରିଥିଲେ। ସେମାନେ ପ୍ରଶାସନର ଦ୍ୱାରସ୍ଥ ହୋଇ ମଦ ଦୋକାନ ବନ୍ଦ କରାଯିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ଏପରିକି ଗତ ଜାନୁଆରୀରେ ☞ପୃଷ୍ଠା-୨

# ଡଲାର=୯୦.୭୦ ଟଙ୍କା

## ୩୬ ପଇସା ଖସିଲା ଭାରତୀୟ ମୁଦ୍ରା

**ମୁମ୍ବାଇ,୬।୨(ପି.ଟି.)**

ଭାରତୀୟ ମୁଦ୍ରା ଶୁକ୍ରବାର ୩୬ ପଇସା ଦୁର୍ବଳ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୦.୭୦ ଟଙ୍କା ରହିଛି। ଭୂରାଜନୈତିକ ଉତ୍ତେଜନା, ଆମେରିକା-ଇରାନ୍ ଆଲୋଚନାରେ ଅନିଶ୍ଚିତତା ସାଙ୍ଗକୁ ବିଶ୍ୱ ବଜାରରେ କ୍ରୁଡ୍ ଅଏଲ୍‌ର ଦରବୃଦ୍ଧିକୁ ଏଥିପାଇଁ ଦାୟୀ କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ରେଟ୍ ଅପରିବର୍ତ୍ତିତ ରଖିବା ନେଇ ଘୋଷଣା କରିବା ପରେ ☞ପୃଷ୍ଠା-୨

# 'ଫିନ୍‌ଟେକ୍' ଲୋକଙ୍କ ଜୀବନରେଖା ପାଲଟିଛି: ରାଷ୍ଟ୍ରପତି

## ପ୍ରଥମ ବ୍ଲାକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆ ଉଦ୍‌ଯାପିତ

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

'ଫିନ୍‌ଟେକ' ଏକ ବୈଷୟିକ ଶବ୍ଦ ନୁହେଁ, ଏହା ଲୋକଙ୍କ ଜୀବନରେଖା ପାଲଟିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟ୍‌ୱର୍କ (ଜିଏଫ୍‌ଟିଏନ୍)ର ସହଭାଗିତାରେ ଭୁବନେଶ୍ୱରରେ ଚାଲିଥିବା ପ୍ରଥମ ବ୍ଲାକ୍ ସ୍ୱାନ ସମ୍ମିଳନୀ ଇଣ୍ଡିଆର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। ଶୁକ୍ରବାର ଲୋକସେବାଭବନଠାରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି କହିଲେ, ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ଗତିରେ ବିକଶିତ ହେଉଛି। ଏହି ଦ୍ରୁତ ଅଗ୍ରଗତିଗୁଡ଼ିକ ଗମ୍ଭୀର ଚ୍ୟାଲେଞ୍ଜ ମଧ୍ୟ ଆଣିପାରେ; ଯେଉଁଥିରେ ସାଇବର ସୁରକ୍ଷା ବିପଦ, ଡିପ୍‌ଫେକ୍, ଭୁଲ୍ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ଅନ୍ତର୍ଭୁକ୍ତ। ମାତ୍ର ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନର ନବସୃଜନ ଏବଂ ଅଭିବୃଦ୍ଧି ଉପରେ ଏକ ବିରାଟ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ବ୍ଲାକ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ଓ ଦକ୍ଷତା ମାଧ୍ୟମରେ କ୍ଷମତାକୁ ଆହୁରି ବୃଦ୍ଧି କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଡିଜିଟାଲ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବା ପାଇଁ ଅଭିନବ ପଦ୍ଧତିଗୁଡ଼ିକୁ ଅନୁସନ୍ଧାନ କରାଯାଇପାରିବ। ଗତ ଦଶନ୍ଧିରେ ଭାରତ ଆର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିଛି। ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଲାଭ ସ୍ଥାନାନ୍ତର ଓ ଡିଜିଟାଲ ପେମେଣ୍ଟ ସିଷ୍ଟମ ଚାଷୀ, ଛୋଟ ଦୋକାନୀ ଏବଂ ମହିଳାଙ୍କ ମଧ୍ୟରେ ବହୁତ ସାଧାରଣ ହୋଇଯାଇଛି। ସେମାନଙ୍କ ପାଇଁ 'ଫିନଟେକ' ଜୀବନରେଖା ପାଲଟିଛି। ଭାରତର ଫିନ୍‌ଟେକ କାହାଣୀକୁ କେବଳ ପ୍ରଯୁକ୍ତିବିଦ୍ୟାର କାହାଣୀ ଭାବରେ ନୁହେଁ, ବରଂ ଲିଙ୍ଗଗତ ନ୍ୟାୟ ଭାବରେ ମଧ୍ୟ ମନେରଖିବା ଉଚିତ। ଫିନ୍‌ଟେକ ଇକୋସିଷ୍ଟମ ମହିଳାମାନଙ୍କୁ କେବଳ ଶେଷ ଉପଭୋକ୍ତା ଭାବରେ ନୁହେଁ, ବରଂ ନେତା, ବୃତ୍ତିଗତ ତଥା ଉଦ୍ୟୋଗୀ ଭାବରେ ଦେଖିବା ଉଚିତ। ଆଦିବାସୀ ଓ ଗ୍ରାମାଞ୍ଚଳରେ ଫିନ୍‌ଟେକ ଅନ୍ତର୍ଭୁକ୍ତୀକରଣ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାର ପ୍ରୋତ୍ସାହନର ଏକ ଇଞ୍ଜିନ ହୋଇପାରିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆମେ ବ୍ୟବସାୟ ପ୍ରକ୍ରିୟାକୁ ସରଳୀକୃତ କରିଛୁ। ଏକକ-ୱିଣ୍ଡୋ ସିଷ୍ଟମକୁ ସୁଦୃଢ଼ କରିବା ସହ ଆଇଟି, ଇଲେକ୍ଟ୍ରୋନିକ୍ସ, ଫିନ୍‌ଟେକ୍, ଏଆଇ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ନୀତି ପ୍ରଚଳନ କରିଛୁ। ଏହି ସମ୍ମିଳନୀର ନାମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ଏକ ହଂସ କିମ୍ବା ☞ପୃଷ୍ଠା-୨



ଲୋକସେବା ଭବନର କନଭେନଶନ ସେଣ୍ଟରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୋଇତ ଆକୃତିର ତାରକସି କାରୁକାର୍ଯ୍ୟଯୁକ୍ତ ଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରୁଛନ୍ତି।

SIKSHA 'O' ANUSANDHAN
SAAT-2026
Empowering students for a brighter future
AGRICULTURAL PROGRAMMES
B.Sc. (H) Agriculture
M.Sc. Agriculture
APPROVAL & RECOGNITIONS
Approved by UGC
Accredited by ICAR
Re-accredited by NAAC with A++ Grade
Granted with Category-1 Graded Autonomy by UGC
NIRF INDIA RANKINGS 2025
15th Best in University Category
25th Best in Overall Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଫେବୃଆରୀ ୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ସିପିଆଇର ପଦଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଜନତା ଅଧିକାର ଓ ସାମାଜିକ ସଙ୍ଗଠନ ସମୂହ ପକ୍ଷରୁ ଓଡ଼ିଶା ସାମାଜିକ କର୍ମୀ ସମ୍ମେଳନ, ସ୍ଥାନ: ବୁଦ୍ଧ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଲତା ନାଇଟ୍-୨୦୨୬' କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଧଉଳି-କଳିଙ୍ଗ ମହୋତ୍ସବ, ସ୍ଥାନ: ଶାନ୍ତିବିହାର, ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଏସିଡିସି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମାନବୀୟ ଗୁଣାତ୍ମକ ଶିକ୍ଷା ମୁକ୍ତ ବିଦ୍ୟାଳୟର ସାଂସ୍କୃତିକ ସମାରୋହ, ସ୍ଥାନ: କସିପଦା ଶିବ ମନ୍ଦିର ପ୍ରାଙ୍ଗଣ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: ଡାକବଙ୍ଗଳା ପରିସର, ସିମୁଳିଆ, ସମୟ: ଅପରାହ୍ନ ୨ଟା।
- ପୁରାତନ ଛାତ୍ର ସଂସଦ ବୈଠକ ଓ ପ୍ରେସମିଟ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଫୁଟବଲ ଟୁର୍ନାମେଣ୍ଟ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଏଲ ଏନ ପ୍ଲାଜା, ବାଲେଶ୍ୱର, ସମୟ: ଅପରାହ୍ନ ୪ ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସୁନ୍ଦରପୁର ନୀଳସୁନ୍ଦରପୁର ଜୀଉ ହାଇସ୍କୁଲ ପଡିଆ, ଖଇରା, ସମୟ: ଅପରାହ୍ନ ୫ଟା।
- ରୂପସା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଖାଦ୍ୟ ମେଳା, ସ୍ଥାନ: ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ୧୦ମ ବାର୍ଷିକ ଦିବାରାତ୍ର ପାଲା ଓ ଲୋକକଳା ମହୋତ୍ସବ, ସ୍ଥାନ: ପ୍ରସନ୍ନ ବାସୁଦେବ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ବିହାରୀ ବାଜପାୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବୋଡ଼କ ଖେଳପଡ଼ିଆ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଏବି ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଲିଟିଲ ସ୍କଇରାଲ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଡିଗିପୋଖରୀ ପଡ଼ିଆ, ବନ୍ତ, ସମୟ: ଅପରାହ୍ନ ୫ଟା।
- ନାଟ୍ୟ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ୪୪ତମ ବାର୍ଷିକ ଉତ୍ସବ ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ରକ୍ତଦାନ ଶିବିର,ସ୍ଥାନ:ବ୍ଲଡ୍ ବ୍ୟାଙ୍କ, ବାରିପଦା,ସମୟ: ସକାଳ ୯ଟା।
- ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ପାଟଶାଣୀପୁର ପ୍ରାଥମିକ ବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ମେଘାସନୀ ମହୋତ୍ସବ,ସ୍ଥାନ: କଲେଜ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଆରଡିଏସ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଆରଡିଏସ୍ ମହାବିଦ୍ୟାଳୟ, କୁଣ୍ଡାବାଇ,ଉଦଳା,ସମୟ: ପୂର୍ବାହ୍ନ ୧୧ଟା।
- ଚିତ୍ରଡ଼ା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ମହାବିଦ୍ୟାଳୟ ପରିସର, ଚିତ୍ରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ହଳଦୀପାଳ ଫୁଟବଲ ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶହୀଦ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ନାତକୋତ୍ତର ଓଡ଼ିଆ ବିଭାଗ ଜାତୀୟ ପାଠଚକ୍ର, ସ୍ଥାନ: ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ଗଞ୍ଜାମ

- ପିପୁଲ୍ସ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ପିପୁଲ୍ସ ହାଇସ୍କୁଲ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ପିଏମଶ୍ରୀ ହରିହର ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଆସିକା, ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ମହୋତ୍ସବ ଆରମ୍ଭ, ସ୍ଥାନ: ବୁଦ୍ଧଖୋଲ ମହୋତ୍ସବ ପଡ଼ିଆ ବୁଗୁଡା, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ

- ଭାରତ ସ୍କାଉଟ ଏବଂ ଗାଇଡ କ୍ୟାମ୍ପୋରୀ ଉଦଯାପନୀ ଉତ୍ସବ,ସ୍ଥାନ: ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସମ୍ମିଳନୀ କକ୍ଷ, ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବଜେଟ ପରିଚର୍ଚ୍ଚା, ସ୍ୱାନ: ସ୍ୱୟଂସିଦ୍ଧା ହୋଟେଲ, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ, ପୂର୍ବାହ୍ନ ୧୦ଟା।
- ନିଶା ନିବାରଣ ସଚେତନତା ଶିବିର, ସ୍ଥାନ: ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଦାନଗଦି ବ୍ଲକ ଗହିରପାଟୁଳି ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ବ୍ୟାସ ସରୋବର ମେଳାର ୧୦ମ ଦିନରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ୫ମ ଦିବସରେ ସୂର୍ଯ୍ୟପୂଜା ସହ କୈକେୟୀ ମନ୍ଥରା ପ୍ରସଙ୍ଗ, ବନଗମନ ଓ କେବର୍ତ୍ତ ପ୍ରସଙ୍ଗ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ସମୟ: ପ୍ରାତଃ ୬ଟାରୁ ରାତି ୯ଟା।
- ଭୈମୀ ଏକାଦଶୀ ମେଳାର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ୧୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ପରିଷଦ ସଭା ଓ ନିର୍ବାଚନ, ସ୍ଥାନ: ଦଶପଲ୍ଲା ସାତପାଟଣା ଛକର ରଘୁନାଥ ହାଇସ୍କୁଲ, ସମୟ: ଅପରାହ୍ନ ୩ଟାରୁ ରାତି ୯ଟା।

## କୋରାପୁଟ

- ଜିଲାପାଳଙ୍କ ତହସିଲ ଓ ବ୍ଲକ୍ ପରିଦର୍ଶନ, ସ୍ଥାନ: ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭିନ୍ନକ୍ଷମ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା, ସ୍ଥାନ: ହାତପଦା କଲ୍ୟାଣ ମଣ୍ଡପ, କୋଟପାଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡିର ଦଳୀୟ ବୈଠକ, ସ୍ଥାନ: ମିନି ଷ୍ଟାଡିୟମ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଡ. ବିଆର ଆମ୍ବେଡକର ସୋସିଆଲ ୱେଲଫେୟାର ଫେଡେରେଶନ ପକ୍ଷରୁ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ହୀରକୁଦ କ୍ରୀଡାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ, ସ୍ଥାନ: ହୀରାକୁଦ ସ୍ଥିତ ସୁଭାଷ ମଇଦାନ, ସମୟ: ଅପରାହ୍ନ ୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ଯାହା ଭାବୁଥିଲେ ତାହା ଆଜି ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଯାତ୍ରା, ଆଲୋଚନା, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଏବଂ ସରକାରୀ ସାହାଯ୍ୟ ପାଇପାରନ୍ତି। ସାମାଜିକ ସ୍ତରରେ ଶତ୍ରୁତା କାରଣରୁ ସାମୟିକ ଦୁଶ୍ଚିନ୍ତାର ସୂଚନା ରହିଛି।

**ବୃଷ** ଏକାଧିକ ପାପଗ୍ରହ କର୍ମକ୍ଷେତ୍ରରେ ରହିଥିବାରୁ ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ତାହା ସମ୍ପନ୍ନ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନ, ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସତର୍କ ନ ରହିଲେ ଯାତ୍ରାରେ ଜିନିଷ ହଜିଯାଇପାରେ।

**ମିଥୁନ** ଚତୁର୍ଥାଧିପ ବୁଧ ଶତ୍ରୁ ନକ୍ଷତ୍ରସ୍ଥ ଯୋଗୁ ପରକଥାରେ ପାରିବାରିକ ସମସ୍ୟା ସୃଷ୍ଟି ସୂଚନାକୁ ଏଡି ହେବନାହିଁ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱ ଓ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ।

**କର୍କଟ** ଶତ୍ରୁଭାବାଧିପତି ବୃହସ୍ପତି ମିତ୍ରଭାବରେ ରହି ପ୍ରିୟଜନଙ୍କ ଦ୍ୱାରା ସମସ୍ୟା ଓ ମନସ୍ତାପ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ପରିସ୍ଥିତି ଯେତିକି ଜଟିଳ ହେଲେ ମଧ୍ୟ ଅସୁବିଧା ପ୍ରାୟତଃ ହେବନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେବ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି।

**ସିଂହ** ଷଷ୍ଠାଧିପ ଶନି ପ୍ରଭାବରେ କୌଣସି ବନ୍ଧୁ କିମ୍ବା ମହିଳାଙ୍କ ମାଧ୍ୟମରେ ସମସ୍ୟା ସୃଷ୍ଟି ହୋଇପାରେ। ଆର୍ଥିକ ଅନଟନ ମଧ୍ୟରେ ଆଜିର ଆବଶ୍ୟକତା ପୂରଣ ପାଇଁ ଅଣନିଃଶ୍ୱାସୀ ହେବେ। ପ୍ରଶାସନ, ଆଇନ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହେବେ।

**କନ୍ୟା** ଧନାଧିପତି ଉଚ୍ଚାରୋହୀ ଯୋଗୁ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବା କିନ୍ତୁ ଆଜି ପରିସ୍ଥିତିବଶତଃ ଯେତିକି ପାଇବେ ତାହାଠାରୁ ଅଧିକ ବ୍ୟୟ କରିବାକୁ ବାଧ ହେବେ। ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବାକୁ ମନ ବଳାଇପାରନ୍ତି। ମକଦ୍ଦମା, ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ତୃତୀୟାଧିପ ବୃହସ୍ପତି ଭାଗ୍ୟସ୍ଥାନରେ ବନ୍ଧୁଙ୍କ ମାଧ୍ୟମରେ ଆର୍ଥିକ ଉନ୍ନତି ଘଟାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସି ହୋଇଯିବ । ପୂର୍ବ ଶତ୍ରୁତାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଭାଗ୍ୟାଧିପ ଚନ୍ଦ୍ର ଏକାଦଶସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି ହେବ। ଅନ୍ୟମାନେ ଈର୍ଷାପରାୟଣ ହୋଇ ପ୍ରଗତିର ପଥରୋଧ କରିବାକୁ ଚେଷ୍ଟାକଲେ ମଧ୍ୟ କିଛି କରିପାରିବେ ନାହିଁ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିପାରେ। ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ାରେ ସମସ୍ୟା ସମାଧାନ ହେବ।

**ଧନୁ** କର୍ମାଧିପ ଧନ ସ୍ଥାନରେ ରହି କର୍ମକ୍ଷେତ୍ରରୁ ସାହାଯ୍ୟ, ସହଯୋଗ ସାଙ୍ଗକୁ ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରିପାରନ୍ତି। ଅନ୍ତରଙ୍ଗ ବନ୍ଧୁଙ୍କ କଥାରେ ଅସ୍ଥିର ମନ ସ୍ଥିର ହୋଇଯିବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ତୃତୀୟଭାବସ୍ଥ ସ୍ୱସ୍ଥାନପାଳ ଶନି ନିକଟ ସମ୍ପର୍କୀୟଙ୍କ ଅନୁକମ୍ପା ଲାଭ କରି କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବାର ଆଶଙ୍କା ଦେଖାଦେବ। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଦୂର ହୋଇଯିବ।

**କୁମ୍ଭ** ଉଚ୍ଚଭାବସ୍ଥ ମଙ୍ଗଳ ପ୍ରଭାବରୁ ବନ୍ଧୁ ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ନ ହେଲେ ମଧ୍ୟ ଆବଶ୍ୟକତାରୁ ସାମାନ୍ୟ ଅଧିକ ରହିବ। ଆଲୋଚନା କାଳରେ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବ।

**ମୀନ** ରାଶ୍ୟାଧିପ କେନ୍ଦ୍ରସ୍ଥାନରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ରହିବ। ବନ୍ଧୁଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଶାସ୍ତ୍ରାଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଫେବୃୟାରୀ ୭ ତାରିଖ, ଫାଲ୍‌ଗୁନ କୃଷ୍ଣ ଷଷ୍ଠୀ, ଶନିବାର, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୦୧।୨୨ ମି. ଗତେ ତୁଳା ଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୬. ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୧୨ ଗତେ ଘ.୧୦।୩୬ ମଧ୍ୟେ ରାହୁ କାଳ।

# ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଶ୍ୱ, ଅସ୍ତ୍ର, ଅବଳା
ଉଧାର ନ ଦେବୁରେ ବଳା ।**

ଅଶ୍ୱ ବା ବାହନ, ନିଜ ବ୍ୟବହୃତ ଅସ୍ତ୍ର ଓ ନିଜର ସ୍ତ୍ରୀ, ଏମାନେ ସମସ୍ତେ ଏକାନ୍ତ ଭାବେ ନିଜର ସମ୍ପତ୍ତି ହୋଇଥାନ୍ତି। ସେ ସବୁର ବ୍ୟବହାର ତଥା କୌଶଳ ନିଜକୁ ଭଲଭାବେ ଜଣା ହୋଇଥିବାବେଳେ ଏମାନଙ୍କୁ ଅନ୍ୟର ବ୍ୟବହାର ପାଇଁ ଦିଆଯିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଜଗରକୁ ସୀତାରାମ
ମୁଖେ ବୋଲେ ରାମ ରାମ ।**

ଅଳସୁଆ ବ୍ୟକ୍ତି ସଦାସର୍ବଦା ନିଜ କର୍ମ ପ୍ରତି ବିମୁଖଭାବ ପ୍ରଦର୍ଶନ କରିଥାନ୍ତି। କାମ ନ କରିବା ଲାଗି ନାନା ପ୍ରକାର ବାହାନା ଖୋଜିଥାନ୍ତି। ଅଳସୁଆ ବ୍ୟକ୍ତି ନିଜେ ପରିଶ୍ରମ ନ କରି ଦୈବ ଉପରେ ନିର୍ଭର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସ୍କୁଲ ନିକଟରେ...

ସେମାନେ ପୀରହାଟ ବଜାରରୁ ଏକ ଶୋଭାଯାତ୍ରା କରି ପ୍ରସ୍ତାବିତ ମଦ ଦୋକାନ ସାମ୍ନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଛିଦିନ ପୂର୍ବେ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ମଦ ଦୋକାନ ବନ୍ଦ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ସ୍କୁଲ ନିକଟରେ ମଦ ଦୋକାନ ଖୋଲିଲେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିବ। କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡ଼ିବା ସହ ସ୍କୁଲର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଯିବ। ହେଲେ ଦୁଇଦିନ ତଳେ ଦୋକାନ ଖୋଲିବା ପାଇଁ ମାଲିକ ପୂଜାପାଠ କରିବା ପରେ ଲୁଚାଛପାରେ ମଦ ବିକ୍ରି ଆରମ୍ଭ ହେବାରୁ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ଶତାଧିକ ମହିଳା ଛାଞ୍ଚୁଣି ଧରି ମଦ ଦୋକାନ ସାମ୍ନାରେ ପ୍ରତିବାଦ ଜଣାଇଛନ୍ତି।



ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲ ନିକଟରେ ଖୋଲିଥିବା ମଦ ଦୋକାନ ଭାଙ୍ଗୁଛନ୍ତି ଉତ୍ତ୍ୟକ୍ତ ଲୋକେ।

ସେଠାରେ ସୁକାନ୍ତ ବଳଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭା ଚାଲିଥିବା ବେଳେ କେତେଜଣ ଲୋକ ଉତ୍ତ୍ୟକ୍ତ ହୋଇ ମଦ ଦୋକାନକୁ ଭାଙ୍ଗିବା ସହ ଦୋକାନ ଭିତରେ ମଧ୍ୟ ଭଙ୍ଗାରୁଜା କରିଥିଲେ। ଭାଜପାର ବରିଷ୍ଠ ନେତା ସଂଗ୍ରାମ ମହାନ୍ତି, ସନାତନ ମିଶ୍ର, ଶଶିକାନ୍ତ ନାୟକ, ଅଜୟ ରାଉତ, ରତିକାନ୍ତ ମହାକୁଡ଼, ରାମଚନ୍ଦ୍ର ଦାସ, ଜଗଦୀଶ ବଳ, ମୁକ୍ତିକାନ୍ତ ମହାନ୍ତି ପ୍ରମୁଖ ମଦ ବିରୋଧୀ ସ୍ଲୋଗାନ ଦେଇଥିଲେ। କାଶୀନାଥ ବାରିକ, ମୁକ୍ତିକାନ୍ତ ମହାନ୍ତି, ସୁକାନ୍ତ ବଳ, ପ୍ରତାପ ଦାସ, ମୀନାରାଣୀ ସେନାପତି, ସାବିତ୍ରୀ ଦାସ, ସଞ୍ଜୁଲତା ବେହେରା, ସୁମିତ୍ରା ଦାସ, ଜାନକୀ ଦାସ, ବାସନ୍ତୀ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା, ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ଥିଲେ।

### ଆତ୍ମଘାତୀ ବିସ୍ଫୋରଣରେ ...

ଏହିସମୟରେ ଆତଙ୍କବାଦୀ ଜଣକ ମସ୍‌ଜିଦ ଭିତରକୁ ଯାଉଥିବାବେଳେ ମୁଖ୍ୟ ପ୍ରବେଶପଥ ନିକଟରେ ମୁତୟନ ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇଥିଲେ। ତେବେ ସେ ତତ୍‌କ୍ଷଣାତ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ, ଯାହାକି ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ବିସ୍ଫୋରଣର ପ୍ରଭାବରେ ମୁଖ୍ୟ ଗେଟ୍ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯାଇଥିବାବେଳେ ନିକଟସ୍ଥ ବିଲ୍ଡିଂଗୁଡ଼ିକର କବାଟ ଝରକା ଭାଙ୍ଗିରୁଜି ଚୂରମାର ହୋଇଯାଇଛି। ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ବିଛାଡ଼ିହୋଇ ପଡ଼ିଛି। ବିସ୍ଫୋରଣ ପରେ ଇସ୍‌ଲାମାବାଦ ପୋଲିସ ଆଇଜି ସହରବ୍ୟାପୀ ଏମର୍ଜେନ୍ସି ଘୋଷଣା କରିଛନ୍ତି। ରେସ୍କ୍ୟୁ ଓ ଆଇନ ପ୍ରବର୍ତ୍ତନକାରୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା 'ଦି ଟାଇମ୍ସ ଅଫ୍ ଇସ୍‌ଲାମାବାଦ' ରିପୋର୍ଟ କରିଛି। ଆହତମାନଙ୍କୁ ପାକିସ୍ତାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ପିଆଇଏମ୍‌ଏସ୍) ଏବଂ ପଲିକ୍ଲିନିକ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂସ୍ଥା ନିଜକୁ ଦାୟୀ କରିନାହିଁ। ତେବେ ଆତଙ୍କବାଦୀ ଜଣେ ବିଦେଶୀ ନାଗରିକ ଥିଲେ ଏବଂ ଫିତ୍‌ନା ଅଲ୍ ଖ୍ୱାରାଜି ନାମରେ ପରିଚିତ ତେହରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ସହ ତାଙ୍କ ସମ୍ପୃକ୍ତି ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ Xରେ ଆକ୍ରମଣ ପାଇଁ ଭାରତ ଓ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଭାରତ ଓ ଆଫ୍‌ଗାନିସ୍ତାନର ସମ୍ପୃକ୍ତି ପ୍ରଘଟ ହୋଇଥିବା ସେ ଉକ୍ତ ପୋଷ୍ଟରେ ଦର୍ଶାଇଛନ୍ତି। ଉଜବେକିସ୍ତାନ ରାଷ୍ଟ୍ରପତି ଶଭକତ୍ ମିର୍ଜିୟୋୟେଭ୍ ୨ ଦିନିଆ ପାକିସ୍ତାନ ଗସ୍ତରେ ଥିବାବେଳେ ଏହି ଆତ୍ମଘାତୀ ବିସ୍ଫୋରଣ ଘଟିଛି। ପ୍ରକାଶ ଯେ ୨୦୨୫ ନଭେମ୍ବର ୧୧ରେ ମଧ୍ୟ ଇସ୍‌ଲାମାବାଦର ଏକ ଜିଲା ଓ ଦୌରା କୋର୍ଟ ବାହାରେ ଅନୁରୂପ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ଏଥିରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିଲା।

### ଡଲାର=୯୦.୭୦...

ସେସନ୍ ପ୍ରଥମାର୍ଦ୍ଧରେ ଟଙ୍କା କିଛିମାତ୍ରାରେ ସବଳ ହୋଇଥିଲା। ତେବେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜିବଜାରରୁ ମୁହଁ ଫେରାଇବା ଆରମ୍ଭ କରିବାରୁ ଟଙ୍କା ଚାପଗ୍ରସ୍ତ ହୋଇ ତାକୁ ଖସିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ଖୋଲିବା ମାତ୍ରେ ଟଙ୍କା ୯୦.୨୮ରେ କାରବାର କରିଥିଲା। ପରେ ଏହା ୯୦.୧୮କୁ ଉଠିପରବର୍ତ୍ତୀ ସମୟରେ ୯୦.୮୩ପର୍ଯ୍ୟନ୍ତ ଖସିଥିଲା। କାରବାର ଶେଷରେ ୯୦.୭୦ରେ ଏହାର ବିନିମୟ ମୂଲ୍ୟ ସ୍ଥିର ରହିଥିଲା। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ସମ୍ପନ୍ନହେବା ପରେ ଏଫ୍‌ଆଇଆଇମାନେ ପୁଣି ଭାରତୀୟ ପୁଞ୍ଜିବଜାରକୁ ଫେରିପାରନ୍ତି। ଏପରି ହେଲେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ କିଛି ସୁଧାର ଆସିପାରେ ବୋଲି କେତେଜଣ ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

### ବୈଭବଙ୍କ ରେକର୍ଡ...

ମାହାତ୍ରେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଭାରତ ମାତ୍ର ୨୦ ରନରେ ଓପନର ଆରୋନ ଜର୍ଜ (୯)ଙ୍କ ଉଇକେଟ ହରାଇ ଯଦିଓ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ତେବେ ଦ୍ୱିତୀୟ ଉଇକେଟରେ ବୈଭବ ସୂର୍ଯ୍ୟବଂଶୀ ଓ ଅଧିନାୟକ ଆୟୁଷ ମାହାତ୍ରେଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଦୁହେଁଦ୍ୱିତୀୟ ଉଇକେଟରେ ୯୦ ବଲ୍‌ରୁ ୧୪୨ ରନ ଯୋଗ କରିବାପରେ ଯୋଡ଼ି ଭାଙ୍ଗିଥିଲା। ମାହାତ୍ରେ ୫୧ ବଲ୍‌ରୁ ୫୩ ରନକରି ଆଉଟ ହୋଇଥିଲେ। ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଥିଲେ ବିସ୍ଫୋରକ ବୈଭବ। ସେ ମାତ୍ର ୮୦ ବଲ୍‌ରୁ ୧୫ ଚୌକା ଓ ୧୫ ଛକା ସହାୟତାରେ ୧୭୫ ରନ ସ୍କୋର କରି ଏକାଧିକ ରେକର୍ଡର ଅଧିକାରୀ ହୋଇଯାଇଥିଲେ। ମିଡିଲ ଅର୍ଡରରେ ବେଦାନ୍ତ ତ୍ରିବେଦୀ ୩୨, ଭିହାନ ମାଲହୋତ୍ରା ୩୦, ଅଭିଜ୍ଞାନ କୁଣ୍ଡୁ ୪୦ ଓ କନିଷ୍କ ଚୌହାନ ଅପରାଜିତ ୩୭ ରନ ସ୍କୋର କରିବାରୁ ଭାରତ ସ୍କୋର ୪୦୦ ଅତିକ୍ରମ କରିଯାଇଥିଲା। ୧୪ ବର୍ଷୀୟ ବୈଭବ ମାତ୍ର ୫୫ ବଲ୍‌ରୁ ଶତକ ପୂରଣ କରିଥିଲେ, ଯାହାକି ଦ୍ୱିତୀୟ ଶ୍ରେଷ୍ଠ। ଟୁର୍ନାମେଣ୍ଟ ଇତିହାସରେ ସର୍ବକନିଷ୍ଠ ଶତକ ହାସଲକାରୀ ରେକର୍ଡର ଅଧିକାରୀ ଥିବା ବୈଭବ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ଫାଇନାଲରେ ସର୍ବାଧିକ ରନ ସ୍କୋର କରିବାରୁ ଭାରତୀୟ ସ୍କୋର ମଧ୍ୟ ସର୍ବୋଚ୍ଚ (୪୧୧) ହୋଇଯାଇଥିଲା। କେବଳ ବାଉଣ୍ଡରିରୁ ସେ ୧୫୦ ରନ ସଂଗ୍ରହ କରିଥିଲେ ; ଯାହା କି ଏକ ରେକର୍ଡ। ସେ ମାତ୍ର ୭୧ ବଲ୍‌ରୁ ଦ୍ରୁତତମ ୧୫୦ ରନ ପୂରଣ କରିବାରେ ସକ୍ଷମ ହୋଇଥିଲେ। ଏହି ବିଶ୍ୱକପ୍‌ରେ ସୂର୍ଯ୍ୟବଂଶୀ ରେକର୍ଡ ୨୨ଟି ଛକା ମାରିଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକାର ଡେୱାଲ୍ଡ ବ୍ରେଭିସ ୨୦୨୨ରେ ୧୮ ଛକା ସହ ରେକର୍ଡର ଅଧିକାରୀ ଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମ୍ସ ମିଣ୍ଟୋ ୩ଟି, ସେବାଷ୍ଟିଆନ ମୋର୍ଗାନ ଓ ଆଲେକ୍ସ ଗ୍ରୀନ୍ ୨ଟି ଲେଖାଏ ଏବଂ ମାନି ଲୁମ୍ସଡେନ ଗୋଟିଏ ଉଇକେଟ ନେଇଥିଲେ।

### କୀଟନାଶକ ପିଇ...

ମିନି ମାରାଥନ କରାଯାଇଥିଲା। ମାରାଥନ ରାସୋଳ ଛକରୁ ବାହାରିଥିଲା। ଏହି ସମୟରେ କୌଣସି କାରଣରୁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀ ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦଣ୍ଡପାଣି ପାତ୍ରଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ସନ୍ଧ୍ୟାରେ କାମ ସାରି ଘରକୁ ଫେରି ପାତ୍ର ସମସ୍ତ ବିଷୟ ସ୍ତ୍ରୀ ବି. ଜାନକୀଙ୍କୁ ଜଣାଇଥିଲେ। ପରେ ୪ ତାରିଖ ଅପରାହ୍ନରେ ସେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ନେଇ ଯାଇଥିଲେ। ଦଣ୍ଡପାଣିଙ୍କ ସ୍ତ୍ରୀ ବି. ଜାନକୀ କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ଅତିରିକ୍ତ ତହସିଲଦାର ଶାଶତୀ ଦୁର୍ବ୍ୟବହାର କରିବା ସହ ଅପମାନିତ କରିଛନ୍ତି। ଏହା ସହି ନ ପାରି ତାଙ୍କ ସ୍ୱାମୀ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଯଦି ତାଙ୍କ ସ୍ୱାମୀଙ୍କର କିଛି ହୋଇଯାଏ ତେବେ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଜାନକୀ କହିଛନ୍ତି। ଏ ସମ୍ପର୍କରେ ସେ ଜିଲା ପ୍ରଶାସନକୁ ଅବଗତ କରାଇ ଏହାର ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାର ଶାଶ୍ୱତୀ କହିଛନ୍ତି, ଦଣ୍ଡପାଣି ତାଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏନେଇ ସେ ମଧ୍ୟ ଜିଲା ପ୍ରଶାସନକୁ ଜଣାଇଥିବା କହିଛନ୍ତି। ଏପରି କି ଦଣ୍ଡପାଣି ଦୁର୍ବ୍ୟବହାର କରିଥିବା ନେଇ ଅତିରିକ୍ତ ତହସିଲଦାର ଶାଶ୍ୱତୀ ୪ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି ଏହାକୁ ନେଇ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ବିକୋନନ୍ଦ ସ୍ୱାଇଁ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### 'ଫିନ୍‌ଟେକ୍' ଲୋକଙ୍କ...

ରାଜହଂସ ଧଳା ରଙ୍ଗର। ମାତ୍ର ଏକ କଳା ହଂସ ବା ବ୍ଲାକ୍ ସ୍ୱାନ୍ ଅତ୍ୟନ୍ତ ବିରଳ। ତେଣୁ ଅର୍ଥନୈତିକ ବଜାର କିମ୍ବା ଆର୍ଥିକ ବ୍ୟବସ୍ଥାରେ ଯେତେବେଳେ ଏକ ବିରଳ ଏବଂ ଅପ୍ରତ୍ୟାଶିତ ଘଟଣା ଘଟେ, ଏହାକୁ 'ବ୍ଲାକ୍ ସ୍ୱାନ ଇଭେଣ୍ଟ' କୁହାଯିବାର ଯଥାର୍ଥତା ରହିଛି। ଗତବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେବେଠାରୁ ୨.୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିସାରିଛୁ। ଆର୍ଥିକ ସଶକ୍ତୀକରଣ ଓ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ 'ସୁଭଦ୍ରା' ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଭଳି ପଦକ୍ଷେପ ଦ୍ୱାରା ସମର୍ଥିତ ଏହି ଅଗ୍ରଗତିରେ ମହିଳାଙ୍କ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମପାଟି ରାଜ୍ୟରେ ଡିଜିଟାଲ କ୍ଷେତ୍ରରେ ଥିବା ବିଭିନ୍ନ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଏଫ୍‌ଟିଏନ୍‌ର ସିଇଓ ରବି ମେନନ କହିଲେ, ଭାରତ ଦ୍ରୁତତମ ବିକାଶଶୀଳ ଦେଶ ହୋଇଥିଲେ ମଧ୍ୟ ଲୋକମାନେ ଦାରିଦ୍ର୍ୟ ଜୀବନ କାଟୁଛନ୍ତି। ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଦୂରତା କମାଯାଇପାରିଲେ ଏହି ଦାରିଦ୍ର୍ୟ ସମସ୍ୟାରେ ସମାଧାନ ହୋଇପାରେ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଥିଲେ। ଏହି ଅବସରରେ ସର୍ବମ ଏଆଇର କାର୍ଯ୍ୟକାରିତା ନେଇ କମ୍ପାନୀର ସିଇଓ ପ୍ରତ୍ୟୁଷ କୁମାର ଓ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା।



## ରାଜକୁମାରଙ୍କ ଘରଣୀ ସାଜିବେ ଆଲିଆ

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବେ ଏକ ନୂଆ ପ୍ରୋଜେକ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଦୃଶ୍ୟମ୍ ୨'ର ସଫଳ ନିର୍ଦ୍ଦେଶକ ଅଭିଷେକ ପାଠକଙ୍କ ଆଗାମୀ ଚଳଚ୍ଚିତ୍ର 'ହାଉସ୍‌ୱାଇଫ'ରେ ଆଲିଆ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହି ଚଳଚ୍ଚିତ୍ରରେ ତାଙ୍କ ବିପକ୍ଷରେ ଜାତୀୟ ପୁରସ୍କାର ବିଜେତା ଅଭିନେତା ରାଜକୁମାର ରାଓ ନଜର ଆସିବାର ସମ୍ଭାବନା ରହିଛି। ଯଦି ଏହା ଚୂଡ଼ାନ୍ତ ହୁଏ, ତେବେ ପରଦାରେ ପ୍ରଥମ ଥର ପାଇଁ ଏହି ଦୁଇ ଦକ୍ଷ କଳାକାରଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରଟି ଏକ ପାରିବାରିକ ଡ୍ରାମା, ଯେଉଁଥିରେ ସାମ୍ପ୍ରତିକ ସମାଜରେ ଜଣେ ବିବାହିତ ମହିଳାଙ୍କ ଭୂମିକା ଏବଂ ଦାମ୍ପତ୍ୟ ଜୀବନର ବିଭିନ୍ନ ଦିଗକୁ ଗୁରୁତ୍ୱ ଦିଆଯାଇଛି। ଆଲିଆ ଏଥିରେ ଜଣେ ଗୃହିଣୀଙ୍କ ଚରିତ୍ରରେ ଅଭିନୟ କରିବେ। ଅଭିନୟ ସହିତ ଆଲିଆ ନିଜର ପ୍ରଡକ୍ସନ ହାଉସ 'ଇଟର୍ନାଲ ସନ୍‌ସାଇନ୍ ପ୍ରଡକ୍ସନ୍ସ' ମାଧ୍ୟମରେ ଏହି ଚଳଚ୍ଚିତ୍ରର ସହ-ନିର୍ମାତା ମଧ୍ୟ ରହିବେ। ନିର୍ଦ୍ଦେଶକ ଅଭିଷେକ ପାଠକ 'ଦୃଶ୍ୟମ୍ ୩'ର କାର୍ଯ୍ୟ ଶେଷ ପରେ ୨୦୨୬ ଅଗଷ୍ଟ କିମ୍ବା ସେପ୍ଟେମ୍ବରରୁ 'ହାଉସ୍‌ୱାଇଫ'ର ଶୁଟିଂ ଆରମ୍ଭ କରିବେ। ଏହି ଚଳଚ୍ଚିତ୍ରର ସ୍କ୍ରିପ୍ଟ ଭାବପୂର୍ଣ୍ଣ, ଯାହା ଆଧୁନିକ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଆଲିଆ ଆଶାବ୍ୟକ୍ତ କରିଛନ୍ତି।

GOVERNMENT OF INDIA
CBC 35101/13/0109/2526
ଶକ୍ତିଶାଳୀ ଭିତ୍ତିଭୂମି, ସଶକ୍ତ ଶିକ୍ଷା;
ସଶକ୍ତ ଶିକ୍ଷା, ଶକ୍ତିଶାଳୀ ଭାରତ
ବିଦ୍ୟାଳୟମାନଙ୍କରେ ରୋଷଶାଳା, ଅତିରିକ୍ତ ଶ୍ରେଣୀଗୃହ, ପରୀକ୍ଷାଗାର, ପାଚେରି ଓ ଖେଳପଡ଼ିଆର ନିର୍ମାଣ ହେବ

ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି




ଏମ୍‌ପି ଅଭିମନ୍ୟୁ ସେଠୀ ଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟୁଛନ୍ତି।

# ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଭଦ୍ରକ ଏମ୍‌ପି

## ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ସାର୍ଥକ ନିଖୋଜ ଘଟଣା

**ଭଦ୍ରକ,୬।୨(ସନାତନ ରାଉତ)**

ଓଡ଼ିଶାର ମର୍ଚ୍ଚାଣ୍ଟ ନ୍ୟାଭି କ୍ୟାଡେଟ୍ ଭଦ୍ରକ ବ୍ଲକ କେଶପୁରର ସାର୍ଥକ ମହାପାତ୍ର ଗତ ୩ ତାରିଖରେ ଜାହାଜରେ ମରିସସ୍‌ରୁ ଚାଇନା ଫେରିବା ବେଳେ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ମା’ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ପୁଅଙ୍କୁ ଖୋଜି ଆଣିବା ପାଇଁ ନିବେଦନ କରିଥିଲେ। ଏହି ଘଟଣା ଜାଣିବା ପରେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଶୁକ୍ରବାର ଦିଲ୍ଲୀରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଘଟଣାକୁ ଗୁରୁତ୍ୱ ଦେଇଥିବା ବେଳେ ଏ ଦିଗରେ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଛନ୍ତି ବୋଲି ଏମ୍‌ପି ତାଙ୍କ ‘X’ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ସାର୍ଥକ ମୁମ୍ବାଇର ଏକ ଘରୋଇ ଶିପିଂ ସଂସ୍ଥାରେ କାର୍ଯ୍ୟରତ ଥିଲେ। ଜାହାଜରେ ସେ ଚାଇନାରୁ ମରିସସ୍ ଯାଇଥିଲେ। ମରିସସ୍‌ରୁ ଚାଇନା ଫେରୁଥିବା ବେଳେ ନିଖୋଜ ହୋଇଯାଇଥିବା ତାଙ୍କ ମା’ ରଶ୍ମି ମହାପାତ୍ର କହିଛନ୍ତି। ୨ ତାରିଖରେ ଶେଷଥର ପାଇଁ ସେ ମା’ଙ୍କ ସହ କଥା ହୋଇଥିଲେ।

# ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ ପାଇଁ ମେଳି

## ନାଲ୍‌କୋ ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରସଙ୍ଗ

**ଅନୁଗୋଳ,୬।୨(ମାନସ ବିଶ୍ୱାଳ)**

ଅନୁଗୋଳ ସହର ଉପକଣ୍ଠରେ ଅବସ୍ଥିତ ନବରତ୍ନ କମ୍ପାନୀ ନାଲ୍‌କୋ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ସ୍ମେଲଟର କାରଖାନା ସମ୍ପ୍ରସାରଣ କରିବାକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛି। ଏଥିପାଇଁ ପ୍ରଶାସନିକସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଆସନ୍ତା ୧୮ ତାରିଖରେ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ହେଲେ ଏହାକୁ ପାରିପାର୍ଶ୍ୱିକ ଅଞ୍ଚଳ କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ଜମି ହରାଇବାକୁ ଯାଉଥିବା ଲୋକମାନେ ତୀବ୍ର ବିରୋଧ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ନିକଟସ୍ଥ ପଡ଼ିଆରେ ଏହି ୩ ଗ୍ରାମବାସୀ ମେଳି କରିବା ସହ ସ୍ଥାୟୀ ଚାକିରି ଏବଂ ଜମିର ଉଚିତ ମୂଲ୍ୟ ପ୍ରଦାନ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ବିରୋଧ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି।

ଅଞ୍ଚଳବାସୀ ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି, ନାଲ୍‌କୋ କାରଖାନା ସ୍ଥାପନ ପାଇଁ ବହୁ ଲୋକ ଜମି ହରାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନେକେ ଏଯାଏ ଚାକିରି ପାଇନାହାନ୍ତି। ବର୍ତ୍ତମାନ କମ୍ପାନୀ ପୁଣିଥରେ ଲୋକଙ୍କ ଜମି ଅଧିଗ୍ରହଣ କରିବାକୁ ଯାଉଛି। ଅଧିଗ୍ରହଣ ହେବାକୁ ଥିବା ଜମିର ଉଚିତ ମୂଲ୍ୟ ଓ କ୍ଷତିଗ୍ରସ୍ତଙ୍କ ପରିବାରକୁ ସ୍ଥାୟୀ ଚାକିରି ପ୍ରଦାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ନାଲ୍‌କୋର କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଚେତାବନୀ ଦେଇଛନ୍ତି। ସେହିପରି ଜମି ହରାଇବାକୁ ଯାଉଥିବା ବିପ୍ଳବ ଜେନା କହିଛନ୍ତି, ଜମି ହରାଉଥିବା ଲୋକମାନେ ଉଚିତ ମୂଲ୍ୟ ଓ ସ୍ଥାୟୀ ନିଯୁକ୍ତି ଦାବି କରିଆସୁଛନ୍ତି। ସ୍ଥାୟୀ ଚାକିରିର ସ୍ୱପ୍ନ ଦେଖାଇ ନାଲ୍‌କୋ ଓ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ସର୍ଭେ ସମ୍ପୂର୍ଣ୍ଣ କରାଯାଇଥିଲା। ପ୍ରଶାସନ ଓ ନାଲ୍‌କୋ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ବୈଠକରେ ଲିଖିତ ଆଲୋଚନା ହୋଇଥିବା ବେଳେ ବର୍ତ୍ତମାନ ପ୍ରଶାସନ ମତ ବଦଳାଉଛି। ସର୍ଭେ ପରବର୍ତ୍ତୀ ସମୟରେ କୌଣସି ତଥ୍ୟ ଗ୍ରାମବାସୀଙ୍କୁ ଦିଆଯାଉ ନାହିଁ। ପ୍ରତିଜମିହରା ପରିବାରକୁ ସ୍ଥାୟୀ ଚାକିରି ଏବଂ ଜମିର ଉଚିତ ମୂଲ୍ୟ ନ ମିଳିଲେ ବିରୋଧ କରାଯିବ। ଅଞ୍ଚଳବାସୀ ପ୍ରତିଜ୍ଞା ପଣ୍ଡା କହିଛନ୍ତି, ନାଲ୍‌କୋ ଭୂ-ଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ସର୍ଭେ ସମ୍ପୂର୍ଣ୍ଣ ହୋଇଛି। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ ଥିବା ସମସ୍ତ ୧୮ ବର୍ଷରୁ ଅଧିକ ପ୍ରାୟ ୬୩୫ ଜଣ ନିଜର ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୧୬ ଜଣ ଟେକ୍ନିକାଲ ଥିବାବେଳେ ଅନ୍ୟ ସମସ୍ତେ ନନ୍‌ଟେକ୍ନିକାଲ। ବର୍ତ୍ତମାନ ପ୍ରଶାସନ କହୁଛି କେବଳ ଟେକ୍ନିକାଲ ପିଲାଙ୍କୁ ନାଲ୍‌କୋ ଚାକିରି ଦେବ। ରାଜେଶ କୁମାର ତ୍ରିପାଠୀ କହିଛନ୍ତି, ପ୍ରତିଦିନ ପ୍ରଶାସନ ମତ ବଦଳାଉଥିବାରୁ ନାଲ୍‌କୋ ଓ ଜିଲା ପ୍ରଶାସନ ଉପରେ ଲୋକଙ୍କ ଭରସା ରହୁନି। ତେଣୁ ପ୍ରଥମେ ଲିଖିତ ପ୍ରତିଶ୍ରୁତି ଦିଆଗଲେ ଜମି ପ୍ରଦାନ କରାଯିବ। ନଚେତ ପରିବେଶ ମଞ୍ଜୁରି ଜନଶୁଣାଣିକୁ ତୀବ୍ର ବିରୋଧ କରାଯିବ ବୋଲି ପ୍ରତାପ ନାଥ, ସୁରଥ ବେହେରା, ରାଜେଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ଶ୍ରୀପତି ଭୋଇଙ୍କ ସମେତ ୩ ମୌଜାର ଲୋକେ ବୈଠକରେ ନିଷ୍ପତ୍ତି ନେଇଛନ୍ତି।



ପରିବେଶ ମଞ୍ଜୁରୀ ଜନଶୁଣାଣିକୁ ବିରୋଧ କରିବାକୁ ୩ ଗ୍ରାମବାସୀ ମେଳି କରିଛନ୍ତି।

# ୪ ଜିଲା କୋର୍ଟଙ୍କୁ ବୋମା ଧମକ

## ହାଇକୋର୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଟକ,୬।୨(କାର୍ତ୍ତିକ ସାହୁ)**

କିଛି ଦିନ ପରେ ପୁଣି ୪ ଜିଲା କୋର୍ଟଙ୍କୁ ବୋମାରେ ଉଡ଼ାଇଦେବାକୁ ଇମେଲ୍‌ରେ ଧମକ ମିଳିଛି। କଟକ ଜିଲା ଜଜ୍ କୋର୍ଟ ସମେତ ଫୁଲବାଣୀ, ପୁରୀ ଓ ଯାଜପୁର ଜିଲା କୋର୍ଟଙ୍କୁ ଧମକପୂର୍ଣ୍ଣ ମେଲ୍ ଆସିବା ପରେ କୋର୍ଟ ପରିସରରେ ଶୁକ୍ରବାର ସକାଳୁ ସୁରକ୍ଷା ବ୍ୟବସ୍ଥାକୁ ପୋଲିସ କଡ଼ାକଡ଼ି କରିଛି। ଅପରପକ୍ଷେ ସୁରକ୍ଷା ଦୃଷ୍ଟିରୁ ହାଇକୋର୍ଟ ପରିସରକୁ ମଧ୍ୟ ପୋଲିସ ଛାଉଣି କରାଯାଇଥିଲା।

ସୂଚନାନୁସାରେ, ଶୁକ୍ରବାର ସକାଳୁ ଜିଲା କୋର୍ଟ ପୂର୍ବ ଭଳି କାର୍ଯ୍ୟ ଆରମ୍ଭ ହୋଇଥିଲା। ଧୀରେ ଧୀରେ ଆଇନଜୀବୀଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଥିଲା। ମାତ୍ର ହଠାତ୍ ପୋଲିସ ପକ୍ଷରୁ ଜାଗା ଖାଲି କରିବାକୁ କୁହାଯାଇଥିଲା। କାର୍ଯ୍ୟ ବନ୍ଦ ସହ କୋର୍ଟ ପରିସର ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ କର୍ମଚାରୀ, ଓକିଲ ଓ ମହକିଲ କୋର୍ଟ ପରିସରରୁ ବାହାରି ଆସିଥିଲେ। ବିଚାରପତି, ଆଇନଜୀବୀ ଓ ଲୋକେ କୋର୍ଟ ପରିସରରୁ ବାହାରି ଆସିଥିଲେ। ତେବେ ପୋଲିସର କଡ଼ା ଯାଞ୍ଚ ପରେ କୋର୍ଟପରିସରରେ ବୋମାର ସନ୍ଧାନ ମିଳି ନ ଥିଲା। ଅଧଘଣ୍ଟା ଭିତରେ ପୂରା କୋର୍ଟ ପରିସର ଖାଲି ହୋଇଯାଇଥିଲା। ପୋଲିସ ଆଣ୍ଟି ବମସ୍କ୍ୱାଡ୍, ମେଟାଲ ଡିଟେକ୍ଟର ଓ ସନ୍ଧାନୀ କୁକୁର ଜରିଆରେ ଯାଞ୍ଚ କାର୍ଯ୍ୟ କରିଥିଲା। ବୋମା ନିଷ୍କ୍ରିୟକାରୀ ସନ୍ଦେହଜନକ ସ୍ଥାନଗୁଡ଼ିକୁ କଡ଼ାକଡ଼ି ଯାଞ୍ଚ କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନେ କୋର୍ଟ ପରିସରରେ ପହଞ୍ଚି କଡ଼ାକଡ଼ି ଯାଞ୍ଚ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଯାଞ୍ଚ କରାଯିବା ପରେ ମଧ୍ୟ ବୋମା ସନ୍ଧାନ ମିଳି ନ ଥିଲା। ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ନ୍ୟାୟାଳୟର ସୁରକ୍ଷା ପାଇଁ ରାଜ୍ୟ ସରକାର ତତ୍ପର ଅଛନ୍ତି। ଏଭଳି ଧମକପୂର୍ଣ୍ଣ ମେଲ୍ ଆତଙ୍କ ଖେଳାଇବା ପାଇଁ କରିଥାନ୍ତି, ତାର ଅର୍ଥ ନୁହେଁ ସରକାର ଏହାକୁ ହାଲୁକା ଭାବେ ନେବେ। ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି। ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଏଭଳି ଧମକପୂର୍ଣ୍ଣ ମେଲ ସଂକ୍ରାନ୍ତରେ ସାଇବର ଟିମ୍ ସହ ଆଲୋଚନା ହୋଇଛି। ଏହା ଏକ ଡାର୍କ ୱେବ ବୋଲି କୁହାଯାଏ। ପ୍ରତ୍ୟେକ ମୁହୂର୍ତ୍ତରେ ଆଇଡିକୁ ବଦଳିଥାଏ। ଭାରତ ସରକାରଙ୍କ ସହଯୋଗରେ ଏହି ମେଲ୍‌ର ଉତ୍ସ କ’ଣ ଓ କେଉଁ ଅଜଣା ବ୍ୟକ୍ତି ଭୟ ସୃଷ୍ଟି କରିବାକୁ ଧମକପୂର୍ଣ୍ଣ ମେଲ ଛାଡୁଛନ୍ତି, ତା’ର ବର୍ତ୍ତମାନ ତଦନ୍ତ ଜାରି ରହିଛି। ଏହାଛଡ଼ା ହାଇକୋର୍ଟ ସିକ୍ୟୁରିଟି କମିଟି ସହ ପ୍ରାୟ ଦୁଇ ଘଣ୍ଟା ଧରି ସରକାରଙ୍କ ପକ୍ଷରୁ ଆଲୋଚନା ହୋଇଥିଲା। ଏଥିରେ କୌଣସି ଆତଙ୍କିତ ହେବାର ନାହିଁ ବୋଲି ପୀତାମ୍ବର କହିଛନ୍ତି।



ଅଗ୍ନି ୩ ପରୀକ୍ଷଣ

# ଅଗ୍ନି ୩ର ସଫଳ ପରୀକ୍ଷଣ

**ବାଲେଶ୍ୱର, ୬।୨(ବାଞ୍ଛାନିଧି ଦେ)**

ଭାରତୀୟ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଶୁକ୍ରବାର ଅବଦୁଲ କଲାମ ଦ୍ୱୀପରୁ ଅଗ୍ନି-୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ୩,୫୦୦ କିଲୋମିଟର ଦୂରରେ ଅବସ୍ଥିତ ଶତ୍ରୁମାନଙ୍କୁ ଟାର୍ଗେଟ କରିବାରେ ସକ୍ଷମ। ଅଗ୍ନି-୩ କ୍ଷେପଣାସ୍ତ୍ରକୁ ପୂର୍ବରୁ ସେନାରେ ସାମିଲ କରାଯାଇଛି। ଏହା ୧୭ ମିଟର ଲମ୍ବ, ୨ ମିଟର ବ୍ୟାସ ଏବଂ ପ୍ରାୟ ୫୦ ଟନ୍ ଓଜନର। ଏହା ୧.୫ ଟନ୍ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାକୁ ସକ୍ଷମ ଅଟେ। ୨୦୧୯ରେ ପ୍ରଥମ ଥର ପାଇଁ ଏହାର ସଫଳ ପରୀକ୍ଷଣ କରାଯାଇଥିଲା। ଏହାକୁ ପୁଣି ଥରେ ସଫଳ ପରୀକ୍ଷଣ କରାଯାଇଛି। ଅଗ୍ନି-୩ ଏକ ଦୂରଗାମୀ, ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। କେବଳ ପାକିସ୍ତାନ ନୁହେଁ, ଚୀନ ମଧ୍ୟ ଅଗ୍ନି-୩ କ୍ଷେପଣାସ୍ତ୍ରକୁ ଭୟ କରେ। ଏହା ସିରିଏଲ୍ ନାଭିଗେସନ୍ ଏବଂ ଜିପିଏସ୍ ସହିତ କାର୍ଯ୍ୟ କରେ। ଏହା ପରମାଣୁ ଏବଂ ଅନ୍ୟାନ୍ୟ ଅସ୍ତ୍ର ବହନ କରିବାରେ ସମ୍ପୂର୍ଣ୍ଣ ସକ୍ଷମ। ଏହି ସଫଳ ପରୀକ୍ଷଣକୁ ଦୃଷ୍ଟିରେ ରଖି ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ ସମେତ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି କାମତ ସମଗ୍ର ଡିଆରଡିଓ ଏବଂ ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

31001/4/2526
ବୟନିକା
ଦ୍ୱାରା ଆୟୋଜିତ
Government of Odisha
ଜାତୀୟସ୍ତରୀୟ ହସ୍ତତନ୍ତ ମେଳା 2026
ତା.୦୬.୦୨.୨୦୨୬- ୨୨.୦୨.୨୦୨୬ରିଖ ପର୍ଯ୍ୟନ୍ତ
ଦିବା ୧୧.୦୦ ରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ
ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର
ଶୁଭ ଉଦ୍‌ଘାଟନ
୭ ଫେବୃୟାରୀ ୨୦୨୬
ସନ୍ଧ୍ୟା ୬.୩୦ ଘଟିକା ସମୟରେ
ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ।

'ଓଡ଼ିଶାର ହସ୍ତତନ୍ତରେ ଓଡ଼ିଆ ଅସ୍ମିତା'
OIPR-31001/31004/2/25-26/0004
ଆୟୋଜକ : ବୟନିକା
ପ୍ରାୟୋଜକ : ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

NATIONAL SC-ST HUB | GOVERNMENT OF INDIA MINISTRY OF MICRO, SMALL AND MEDIUM ENTERPRISES | NSIC
ଅନୁସୂଚିତ ଜାତି/ଜନଜାତି ଉଦ୍ୟମୀଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ
ରାଷ୍ଟ୍ରୀୟ ଏସ୍‌ସି-ଏସ୍‌ଟି ହବ୍ ଯୋଜନା
ଅକ୍ଟୋବର ୨୦୧୬ ପରଠାରୁ
ଏସ୍‌ସି-ଏସ୍‌ଟି ଏମ୍‌ଏସ୍‌ଇରୁ ସରକାରୀ କ୍ରୟ ୩୮ ଗୁଣା ବୃଦ୍ଧି
୧.୫ ଲକ୍ଷରୁ ଅଧିକ ଏସ୍‌ସି-ଏସ୍‌ଟି ଉଦ୍ୟମୀ ଲାଭାନ୍ୱିତ
ମୁଖ୍ୟ ଲାଭ
- ₹୨୫ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡି
- ନିଃଶୁଳ୍କ ସାମର୍ଥ୍ୟ ନିର୍ମାଣ ପ୍ରଶିକ୍ଷଣ
- ବିକ୍ରେତା ବିକାଶ ଏବଂ ବଜାର ସମ୍ପର୍କ ସହାୟତା
- ପ୍ରତିଯୋଗିତା ମନୋଭାବ ବୃଦ୍ଧିରେ ସହଯୋଗ
CBC 25106/15/0001/2526

"ଏମ୍‌ଏସ୍‌ଏମ୍‌ଇ ଆମ ଦେଶର ଆର୍ଥିକ ଅଭିବୃଦ୍ଧିରେ ଏକ ରୂପାନ୍ତରଣକାରୀ ଭୂମିକା ତୁଲାଇଥାଏ। ଏହି କ୍ଷେତ୍ରର ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଆମେ ପ୍ରତିବଦ୍ଧ।"
- ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ
ଅଧିକ ଜାଣିବା ପାଇଁ ପରିଦର୍ଶନ କରନ୍ତୁ: www.scsthub.in
ରାଷ୍ଟ୍ରୀୟ ଏସ୍‌ସି-ଏସ୍‌ଟି ହବ୍ ଫଲୋ କରିବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

"ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି– ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି– ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ ! **–ଶ୍ରୀଅରବିନ୍ଦ**



# କଡ଼ା ନିୟମ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଦ୍ୟ ନିର୍ଦ୍ଦେଶନାମା ଜାରି କରିଛି ଯେ, ୨୦୧୧ ଓ ତା'ପର ବ୍ୟାଚ୍ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଇନ୍ସପେକ୍ଟର ଜେନେରାଲ ପଦବୀ ପାଇଁ ତାଲିକାଭୁକ୍ତ ହେବା ଆଗରୁ ଅତି କମ୍‌ରେ ଦୁଇ ବର୍ଷ କେନ୍ଦ୍ରୀୟ ଡେପୁଟେଶନରେ ଦରକାର ପଡ଼ିବ। ଏହା ଏକ ସମ୍ପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରେ। ବର୍ଷ ବର୍ଷ ଧରି ଜିଲ୍ଲା ପୋଲିସ ବ୍ୟବସ୍ଥାକୁ ପ୍ରକୃତ ପ୍ରାମାଣିକ କ୍ଷେତ୍ର ଭାବରେ ଦେଖାଯାଉଥିଲା, ଯେତେବେଳେ କେନ୍ଦ୍ରୀୟ ନିଯୁକ୍ତି ଉପଯୋଗୀ ଅଥଚ ଇଚ୍ଛାଧୀନ ଥିଲା। ସେହି ସମୀକ୍ଷା ଏବେ ଓଲଟିଯାଇଛି। ସରକାରୀ ଭାବେ ଏହାର କାରଣ ପୁରା ସ୍ପଷ୍ଟ। କେନ୍ଦ୍ରୀୟ ବାହିନୀ ଏବଂ ସଂସ୍ଥାଗୁଡ଼ିକରେ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଅଧିକାରୀଙ୍କ ଅଭାବ ରହିଛି। ଖାଲି ପଦବୀ ବୃଦ୍ଧି ପାଉଛି। କେନ୍ଦ୍ର ବିଶ୍ୱାସ କରୁଛି ଯେ, ରାଜ୍ୟଗୁଡ଼ିକ ଅଧିକ ସଂଖ୍ୟକ ଯୋଗ୍ୟ ଅଧିକାରୀ ପଠାଉନାହାନ୍ତି। ତେଣୁ ଏହାର ସମାଧାନ ହେଉଛି ଡେପୁଟେଶନକୁ ଅନିବାର୍ଯ୍ୟ କରିବା। କିନ୍ତୁ ଏହାର ପ୍ରଭାବ କର୍ମଚାରୀଙ୍କ ଅଭାବଠାରୁ ଯଥେଷ୍ଟ ବେଶି। କେନ୍ଦ୍ରୀୟ ଡେପୁଟେଶନକୁ ବାଧ୍ୟତାମୂଳକ କରିବାରେ ବିପଦ ରହିଛି। ପୋଲିସ ବ୍ୟବସ୍ଥାର ଆହ୍ୱାନଗୁଡ଼ିକ କେବଳ ଡେସ୍କକେନ୍ଦ୍ରିକ ହୋଇ ରହିଥିବା ଏକ ଦେଶରେ ଏହା ଭଲ ହୋଇ ନ ପାରେ। ସିଏପିଏଫ୍‌ରେ ଧୀରେ ଧୀରେ ଆଇପିଏସ୍ ଡେପୁଟେଶନ ହ୍ରାସ କରିବା ଏବଂ କ୍ୟାଡର ଅଫିସରଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଏକ ସ୍ପଷ୍ଟ ବିରୋଧାଭାସ ମଧ୍ୟ ରହିଛି। ଅଧିକ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ର ପଠାଇବା ଏବେ ଜଟିଳ ହୋଇଯାଇଛି। ତା'ପରେ ରାଜ୍ୟଗୁଡ଼ିକ ସର୍ବଦା ସେମାନଙ୍କ ଆଇପିଏସ୍ ଅଧିକାରୀଙ୍କୁ ପ୍ରଶାସନିକ ଏବଂ ରାଜନୈତିକ କାରଣରୁ ସୁରକ୍ଷା ଦେଇଆସିଛନ୍ତି। ତେବେ ଅଧିକାରୀମାନଙ୍କୁ ଆଗକୁ ବଢ଼ିବା ପାଇଁ ଏବେ କେନ୍ଦ୍ରୀୟ ଅଭିଜ୍ଞତା ଦରକାର, କିନ୍ତୁ ପ୍ରକୃତରେ ସେହି ଅଭିଜ୍ଞତା ପାଇବାକୁ ହେଲେ ରାଜ୍ୟ ସରକାରଙ୍କୁ ସେମାନଙ୍କୁ କେନ୍ଦ୍ରକୁ ପଠାଇବାକୁ ପଡ଼ିବ, ଯାହା କେବେ ବି ନିଶ୍ଚିତ ନୁହେଁ।

### ବିଦେଶରେ ଛୁଟି କାଟିଲେ

ନୂତନ ବର୍ଷ ପୂର୍ବରୁ ବିହାରର ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କର ଏକ ଦଳ ସରକାରୀ ଭାବେ ଅନୁମୋଦିତ ଛୁଟିରେ ବିଦେଶକୁ ଯାଇ ଆମେରିକା ଏବଂ ବାଲି ସମେତ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିଲେ। ଏହିସବୁ ଯାତ୍ରା ପାଇଁ ଔପଚାରିକ ଭାବରେ ଅନୁମତି ଦିଆଯାଇଥିଲା ଏବଂ କେତେକ କ୍ଷେତ୍ରରେ ଛୁଟି ୪୨ ଦିନ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଏହାଉପରୁ ଫାଇଲଗୁଡ଼ିକ କେହି ନ ହେଲ ଚଳି ପଡ଼ି ରହୁଥିଲା। ଛୁଟି ଦେବାରେ କୌଣସି ଆଇନ ଭଙ୍ଗ ହୋଇନାହିଁ, କୌଣସି ପ୍ରକ୍ରିୟାକୁ ଏଡାଇ ଦିଆଯାଇ ନାହିଁ। କାଗଜପତ୍ର ଠିକ୍ ଥିଲା, ଅନୁମତି ମଧ୍ୟ ଦିଆଯାଇଥିଲା ଏବଂ ବ୍ୟବସ୍ଥା ଅନୁଯାୟୀ ଯାହା କରାଯିବା କଥା ତାହା ସବୁ ଠିକ୍ ଭାବରେ ହୋଇଥିଲା। ଏହା ବାବୁମାନଙ୍କ ଜାଣତରେ ହୋଇଥିଲା। ସବୁକିଛି ସ୍ପଷ୍ଟ, ଆଇନଗତ ଏବଂ ତ୍ରୁଟିଶୂନ୍ୟ ଥିଲା। ତଥାପି ବିହାରରେ ପ୍ରଶାସନିକ ଚାପ, ଆଇନଶୃଙ୍ଖଳା ଚ୍ୟାଲେଞ୍ଜ ଏବଂ ନିୟମିତ ଶାସନ ମୁଣ୍ଡବିନ୍ଧାର କାରଣ ହୋଇ ରହିଥିବାବେଳେ ବରିଷ୍ଠ ଅମଲାତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ବିଦେଶରେ ଛୁଟି କାଟିବା ନିଶ୍ଚିତ ଭାବରେ ଏକ ଚିନ୍ତାର ବିଷୟ। ଛୁଟିନେବା ଅଧିକାରକୁ କେହି ବିରୋଧ କରୁନାହାନ୍ତି। କିନ୍ତୁ ଯେତେବେଳେ ଅନେକ ବରିଷ୍ଠ ଅଧିକାରୀ ଏକକାଳୀନ କାମରୁ ଦୂରେଇ ରୁହନ୍ତି, ସେତେବେଳେ ତାହାକୁ ସାମୂହିକ ପଳାୟନ ଭାବେ ଦେଖାଯାଏ। ବାବୁମାନେ ଏବେ ଫେରି ଆସିଛନ୍ତି ଏବଂ ସେମାନଙ୍କ ପାସପୋର୍ଟଗୁଡ଼ିକ ସୁରକ୍ଷିତ ହୋଇ ରହିଛି। ଆଶା କରାଯାଉଛି, ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ହୁଏତ ଆର୍କଟିକ୍ କ୍ରୁଜ ହୋଇପାରେ।

### ବୈଷୟିକ ତ୍ରୁଟି

ଆପଣ ସେଲ୍‌ର ନେତୃତ୍ୱ ନେଉଥିବାବେଳେ ଏକ ଛୋଟ ବୈଷୟିକ ତ୍ରୁଟି ମଧ୍ୟ ବଡ଼ ଷଡ଼ଯନ୍ତ୍ର ତତ୍ତ୍ୱକୁ ସାମ୍ନାକୁ ଆଣିପାରେ। ଜାନୁଆରୀ ଶେଷ କାର୍ଯ୍ୟ ଦିବସରେ ଠିକ୍ ଏପରି ଘଟିଥିଲା। ସେତେବେଳେ ସେଲ୍‌ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦ୍ର ପ୍ରକାଶଙ୍କ ନାମ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ୱେବ୍‌ସାଇଟରୁ କିଛି ସମୟ ପାଇଁ ଗାଏବ ହୋଇଯାଇଥିଲା। ଏହାକୁ ନେଇ ସବୁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଅମରେନ୍ଦ୍ରଙ୍କୁ ବାହାର କରି ଦିଆଯାଇଛି ନା ତାଙ୍କୁ ବାଦ୍ ଦେବା ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଶ୍ନ ଉଠିଥିଲା। ଦିନର ଅଧିକାଂଶ ସମୟ ଗୁଜବ ଲାଗି ରହିଲା ଏବଂ ଶିଳ୍ପ ପର୍ଯ୍ୟବେକ୍ଷକମାନେ ଏହାକୁ ବ୍ୟାପକ କରିବାରେ ଲିପ୍ତ ରହିଲେ। ବାସ୍ତବ କଥା ହେଉଛି ପ୍ରକାଶଙ୍କ ବିବରଣୀ ସବୁ ସମୟରେ ସେଲ୍‌ର ୱେବ୍‌ସାଇଟରେ ଅପରିବର୍ତ୍ତିତ ରହିଥିଲା। କିନ୍ତୁ ପିଇଏସ୍‌ବି ପୋର୍ଟାଲ, ଯାହାକୁ ପ୍ରାୟତଃ ଶୀର୍ଷ ପିଏସୟୁ ନିଯୁକ୍ତିରେ ଚୂଡ଼ାନ୍ତ କର୍ତ୍ତୃପକ୍ଷ ଭାବରେ ବିବେଚନା କରାଯାଏ, ସେଥିରେ ତ୍ରୁଟି ଦେଖାଦେଇଥିଲା। ସ୍ୱଳ୍ପ ସମୟ ପାଇଁ ୱେବ୍‌ସାଇଟରୁ ତାଙ୍କ ନାମ ଅନ୍ତର୍ଦ୍ଧାନ ହେବା ଘଟଣା ସାମାଜିକ ଗଣମାଧ୍ୟମରେ ଗୁଜବ ପାଇଁ ସୁଯୋଗ ଦେଇଥିଲା, ଯେଉଁମାନେ ଅନେକ ସମୟରେ ପ୍ରକାଶଙ୍କ କାର୍ଯ୍ୟକାଳର ସମୟ ପୂର୍ବରୁ ଶେଷ ହେବାର ସଙ୍କେତ ଦେଇଆସିଛନ୍ତି। ଏହି ସମୟରେ ସମର୍ଥକମାନେ କିଛି ସମୟ ଚିନ୍ତାରେ ପଡ଼ିଗଲେ। ପ୍ରକାଶ ଗତ କିଛି ସପ୍ତାହ ଧରି ଚାପରେ ଥିବାବେଳେ ସାଧାରଣରେ ଚର୍ଚ୍ଚାରେ ରହିଛନ୍ତି, ଯାହାଙ୍କ ପାଇଁ ତାଙ୍କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। ସେଲ୍‌ର କିଛି ବ୍ୟକ୍ତି ତାଙ୍କ ନେତୃତ୍ୱ ଉପରେ ସନ୍ଦେହ ସୃଷ୍ଟି କରିବା ସେମାନଙ୍କ ନିଜସ୍ୱ ମନୋଭାବକୁ ସୂଚିତ କରେ। ସନ୍ଧ୍ୟା ସୁଦ୍ଧା ରହସ୍ୟର ଅନ୍ତ ଘଟିଲା। ନିଖୋଜ ନାମଟି ପୁଣି ସାମ୍ନାକୁ ଆସିଗଲା ଏବଂ ସେଲ୍ ମୁଖ୍ୟାଳୟରେ ପୁଣି କାମ ଆରମ୍ଭ ହୋଇଗଲା।

Email: dilipcherian@gmail.com

# କର୍ପୋରେଟ୍‌ଙ୍କ ସ୍ୱାର୍ଥରେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶର ଦୁର୍ବଳ ହେଉଥିବା ଅର୍ଥନୀତି ଓ ବିଶେଷକରି ଆମେରିକା ପରି ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଭାରି ଚାପ ମଧ୍ୟରେ କେନ୍ଦ୍ର ସରକାର ବଜେଟ ଆଗତ କରିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହରାଇବା ପରେ ମୋଦି ସରକାର ଆୟକର ସୀମା ବଢ଼ାଇବା ଓ କିଛି ସାମଗ୍ରୀରେ ଜିଏସ୍‌ଟି କମାଇବା ମାଧ୍ୟମରେ ଚାହିଦା ବଢ଼ାଇବାକୁ ପଦକ୍ଷେପ ନେଇଥିଲେ। କିନ୍ତୁ ଏବର୍ଷ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନରେ ସଫଳତା ପାଇବା ପରେ ସେହି ପଦକ୍ଷେପଗୁଡ଼ିକ ମଧ୍ୟ ବଜେଟରେ ଦେଖିବାକୁ ମିଳିନାହିଁ। ଏହି ବଜେଟ କେବଳ ଦେଶୀ ଓ ବିଦେଶୀ କର୍ପୋରେଟ୍‌ଙ୍କ ସେବା କରୁଛି, ସପ୍ଲାଇ-ସାଇଡ୍ ନୀତିକୁ ଅନୁସରଣ କରୁଛି ଓ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ସାମାଜିକ କ୍ଷେତ୍ରକୁ ଅବହେଳା କରୁଛି ଏପରି କି କେତେକ କ୍ଷେତ୍ରରେ ବ୍ୟୟବରାଦକୁ କମାଇ ଦେଉଛି।

ଗତ କିଛି ବର୍ଷ ଧରି ବଜେଟ ପ୍ରକ୍ରିୟାର ଗୁରୁତ୍ୱ କ୍ଷୀଣ ହୋଇଛି। ବର୍ଷ ତମାମ ଟିକସ ବଢ଼ାଯାଉଛି ତଥା ବଜେଟରେ ଭ୍ରମାତ୍ମକ ଓ ବିଭ୍ରାନ୍ତିକର ତଥ୍ୟ ଦେବା ଦେଖାଯାଇଛି। ସରକାର ବଜେଟରେ ଆୟ ଅନୁମାନକୁ ବଢ଼ାଇ ଚଢ଼ାଇ ଦେଖାଇବା ସହ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ କରିବାକୁ ଯାଉଥିବା ଦେଖାଇ ଆସିଛନ୍ତି। କିନ୍ତୁ ବର୍ଷ ଶେଷରେ ଯେତେବେଳେ ପ୍ରକୃତ ଆୟଟି କମ୍ ହୋଇଯାଏ ସେତେବେଳେ ନିଅଣ୍ଟ ଭରଣା ନାଁରେ ସରକାର ସାମାଜିକ କ୍ଷେତ୍ରରେ ବ୍ୟାପକ ବ୍ୟୟ ହ୍ରାସ କରିବା ଦେଖାଯାଇଛି। ପରିତାପର ବିଷୟ ସରକାରଙ୍କ ପରିସଂଖ୍ୟାନକୁ ନେଇ ଏହି ଖେଳ ଓ ଲୋକମାନଙ୍କ ସହ ସ୍ପଷ୍ଟ ଠକେଇକୁ କର୍ପୋରେଟ୍ ମିଡିଆ ଚପେଇ ଦେଇ ଆସିଛି ଏବଂ ଦେଶୀ-ବିଦେଶୀ କର୍ପୋରେଟ୍‌ଙ୍କ ସେବା ପାଇଁ ସରକାରକୁ ପ୍ରଶଂସା କରୁଛି। ବିଦେଶୀ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଉପରେ ନିର୍ଭରଶୀଳ ଏହି ବିକାଶ ମଡେଲ ଗଭୀର ସଙ୍କଟରେ ପଡ଼ିଥିଲେ ମଧ୍ୟ ସରକାର ଘୋଡ଼େଇ ରଖିଛନ୍ତି।

ମାକ୍ରୋ-ଅର୍ଥନୈତିକ ସ୍ତରରେ ଅର୍ଥନୀତିର ନାମମାତ୍ର ବୃଦ୍ଧି ଦୁର୍ବଳ ରହିଛି। ମୋଟ ରାଜସ୍ୱ ବୃଦ୍ଧି ମାତ୍ର ୬.୭% ଅନୁମାନ କରାଯାଇଛି। ଆୟକର ଆଦାୟ ଅନୁମାନଠାରୁ ବହୁତ କମ୍ ଓ ଜିଏସ୍‌ଟି ଆଦାୟ କେବଳ ୧.୯% ବଢ଼ିଛି। ଅର୍ଥନୀତିରେ ୭.୪% ବୃଦ୍ଧିର ଦାବି କରାଯାଉଥିବା ବେଳେ କୃଷି କ୍ଷେତ୍ରରେ ଯେଉଁଠି ପ୍ରାୟ ଅଧା ଭାରତୀୟ କାର୍ଯ୍ୟଶକ୍ତି ନିୟୋଜିତ ଓ ଗ୍ରାମାଞ୍ଚଳରେ ରହୁଥିବା ଦେଶର ଦୁଇ ତୃତୀୟାଂଶ ଲୋକଙ୍କ ଜୀବନରେଖା, ସେଠାରେ ବୃଦ୍ଧି ହାର ୩.୧%କୁ ହ୍ରାସ ପାଇଛି। ଏହି ଅଭାବର ପରିଣାମ ସ୍ୱରୂପ, ୨୦୨୫-୨୬ ର ସଂଶୋଧିତ ଅନୁମାନ ଅନୁଯାୟୀ ଗ୍ରାମୀଣ ଉନ୍ନୟନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସହର ଉନ୍ନୟନ, ଆବାସନ ଓ ପାନୀୟଜଳ ଭଳି କ୍ଷେତ୍ରରେ ବ୍ୟୟ କମାଯାଇଛି। ଦଳିତ ଓ ଆଦିବାସୀ କଲ୍ୟାଣ, ଅଙ୍ଗନୱାଡି ଓ ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ରରେ ମଧ୍ୟ ବ୍ୟୟହ୍ରାସ



ହୋଇଛି। ଏବର୍ଷର ବଜେଟରେ ୨୦ଟି ସାମାଜିକ କ୍ଷେତ୍ର ମଧ୍ୟରୁ ୧୭ଟି ସମେତ ଅଧିକାଂଶ କ୍ଷେତ୍ରରେ ଅନୁଦାନ କମିଛି। ଦେଶରେ ମୁଦ୍ରାସ୍ଫୀତିର ନିମ୍ନ ହାର ପଛରେ ଚାହିଦା ହ୍ରାସ ଅର୍ଥାତ୍ ଲୋକମାନଙ୍କର କ୍ରୟଶକ୍ତି ହ୍ରାସ ପାଇବାର ପରିଣାମ ରହିଛି।

ସରକାରୀ ବ୍ୟୟର ଅଧିକାଂଶ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଉପରେ ଦିଆଯାଇଛି, ଯେଉଁଠାରେ ସରକାରୀ-ଘରୋଇ ଭାଗୀଦାରି (ପିପିପି) ପଦ୍ଧତିରେ ବହୁ ପରିମାଣର ସରକାରୀ ଧନ ବିଦେଶୀ ଓ ଦେଶୀ କର୍ପୋରେଟ୍‌ଙ୍କ ଲାଭ ପାଇଁ ବ୍ୟୟ ହେବ। ଗତବର୍ଷ ମୋଟ ପୁଞ୍ଜି ବ୍ୟୟ କେବଳ ୪.୧% ଥିଲା, ଯାହାକି ବଜେଟ ଅନୁମାନଠାରୁ ବହୁତ କମ୍। ଏହାର ଅଧିକାଂଶ ଭାଗ ମଧ୍ୟ ଭିତ୍ତିଭୂମି ନିର୍ମାଣକୁ ଯାଇଛି, ଯାହାଫଳରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରଗୁଡ଼ିକୁ ଅବହେଳା କରାଯାଇଛି। ଏଥିରୁ ସ୍ପଷ୍ଟ ଯେ କେନ୍ଦ୍ର ସରକାର ଏକ ବିଫଳ ଆର୍ଥିକ ବିକାଶର ମଡେଲ୍‌କୁ ଅନୁସରଣ କରି ଚାଲିଛନ୍ତି।

ସରକାର ଚାହିଦା ବୃଦ୍ଧି ପରି ଅର୍ଥନୀତିର ସବୁଠାରୁ ଜରୁରୀ ସମସ୍ୟାକୁ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି। ଗଭୀର ହେଉଥିବା କୃଷି ସଙ୍କଟ ଓ କୃଷକମାନଙ୍କର ଖରାପ ସ୍ଥିତିକୁ ସୁଧାରିବା ପାଇଁ କୌଣସି ପ୍ରୟାସ ହୋଇନାହିଁ। ଏହାସତ୍ତ୍ୱେ ବଜେଟରେ ସାର ଓ ଖାଦ୍ୟ ସବ୍‌ସିଡିକୁ କମାଯାଇଛି। ଅନ୍ୟପଟେ ପ୍ରସ୍ତାବିତ ବିଦ୍ୟୁତ୍ ବିଲ୍ ଓ ବିହନ ବିଲ୍ ମାଧ୍ୟମରେ ସରକାର କୃଷକଙ୍କୁ କର୍ପୋରେଟ୍‌ଙ୍କ ଶୋଷଣର ଜାଲ ଭିତରକୁ ଠେଲିଦେବାକୁ ଯାଉଛନ୍ତି। ଦେଶରେ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ବଢୁଥିବା ବେକାରି ସମସ୍ୟାର ମୂଳ କାରଣକୁ ମଧ୍ୟ ସରକାର ଠିକ୍ ରୂପେ ସମାଧାନ କରୁନାହାନ୍ତି। ଅନ୍ୟପଟେ ଚାରିଟି ଶ୍ରମ ସଂହିତା ଓ ଭିବି-ଜି ରାମଜୀ ମାଧ୍ୟମରେ ଯଥାକ୍ରମେ ସହରାଞ୍ଚଳର ଶ୍ରମିକ ଓ ଗ୍ରାମୀଣ ଶ୍ରମିକମାନଙ୍କ ଅଧିକାର ଉପରେ ଆକ୍ରମଣ କରାଯାଇଛି, ଯାହା ତାଙ୍କର ମଜୁରିକୁ ଆହୁରି କମାଇଦେବ। ଭିବି-ଜି ରାମଜୀ କେବଳ ଜମିଦାର ଓ ଧନୀ କୃଷକମାନଙ୍କୁ ଲାଭ ଦେବା ପାଇଁ ମଜୁରି କମାଇବା ହିଁ ନୁହେଁ ବରଂ ଗ୍ରାମାଞ୍ଚଳରୁ ସହରକୁ ପଳାୟନ ବଢ଼ାଇ ସେଠାରେ ଶସ୍ତା ଶ୍ରମିକଙ୍କ ଏକ ସଂରକ୍ଷିତ ସେନା (ରିଜର୍ଭ ଆର୍ମି ଅଫ୍ ଲେବର) ବୃଦ୍ଧି କରିବ। ଦେଶର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଯେଉଁଗୁଡ଼ିକ ଶିଳ୍ପ ଶ୍ରମିକଙ୍କର ଏକ ବଡ଼ ଅଂଶକୁ ନିଯୁକ୍ତ କରନ୍ତି ଏବଂ ଏକ ତୃତୀୟାଂଶରୁ ଅଧିକ ରପ୍ତାନି ଏହି କ୍ଷେତ୍ରରୁ ଆସିଥାଏ, ସେମାନଙ୍କ ସଙ୍କଟର ପ୍ରକୃତ କାରଣକୁ ବଜେଟରେ ଅଣଦେଖା କରି କେବଳ ଋଣର ସୀମା ବୃଦ୍ଧି କରାଯାଇଛି। ସଙ୍କଟଗ୍ରସ୍ତ ଦେଶର ବସ୍ତ୍ର ଓ ପୋଷାକ ଶିଳ୍ପକୁ ମଧ୍ୟ ମୁଖ୍ୟତଃ ଉପର ଠାଉରିଆ ରିହାତି ଦିଆଯାଇଛି।

ସରକାର ପାଶ୍ଚାତ୍ୟ ସାମ୍ରାଜ୍ୟବାଦୀ ଶକ୍ତି ବିଶେଷକରି ଆମେରିକାକୁ ଖୁସି କରିବା ପାଇଁ ସମ୍ପୂର୍ଣ୍ଣ ମୁଣ୍ଡ ନୁଆଁଇବା ଦେଖାଯାଉଛି। ନିକଟରେ ସ୍ୱାକ୍ଷରିତ ଇଂଲଣ୍ଡ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ଓ ସଦ୍ୟ ଘୋଷିତ ଆମେରିକା ସହିତ ବାଣିଜ୍ୟ ଚୁକ୍ତିରୁ ଏହି କଥା ପୁଣିଥରେ ପ୍ରମାଣିତ ହୋଇଛି। ଆମେରିକା ଆମର ବସ୍ତୁ ଉପରେ ଶୁଳ୍କକୁ ୧୮%କୁ ହ୍ରାସ କରିଥିବା ବେଳେ ସରକାର ଦେଶକୁ ଆମେରିକୀୟ ବସ୍ତୁର ଆମଦାନୀର ପରିମାଣକୁ ବଢ଼ାଇବା(ବାର୍ଷିକ ଅଧା ଟ୍ରିଲିଅନ୍ ଡଲାର) ସହ ସେସବୁକୁ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ କରି ଦେଇଛନ୍ତି। ଗତବର୍ଷର ବଜେଟରେ ମଧ୍ୟ ଆମେରିକୀୟ କମ୍ପାନୀମାନଙ୍କୁ ଆମଦାନୀ ଶୁଳ୍କ କମାଇ ରିହାତି ଦିଆଯାଇଥିଲା। ଏହି ବଜେଟରେ ଭାରତରେ ଡାଟା ସେଣ୍ଟର ବ୍ୟବହାର କରି କ୍ଲାଉଡ୍ ସେବା ଦେଉଥିବା ବିଦେଶୀ କମ୍ପାନୀମାନଙ୍କୁ ୨୦୪୭ ପର୍ଯ୍ୟନ୍ତ କର ଛାଡ଼ କରିଦିଆଯାଇଛି, ଯାହା ମୁଖ୍ୟତଃ ଆମେରିକୀୟ କମ୍ପାନୀଗୁଡ଼ିକୁ ଲାଭ ଦେବ। ୨୦୩୫ ପର୍ଯ୍ୟନ୍ତ ବିମାନର ଯନ୍ତ୍ରାଂଶ ଓ ପରମାଣୁ ଶକ୍ତି ଉପକରଣ ଉପରେ ମଧ୍ୟ ଶୁଳ୍କ ଛାଡକରି ଦିଆଯାଇଛି, ଯେଉଁ କ୍ଷେତ୍ରରେ ଆମେରିକାର ଏକଚାଟିଆ କାରବାର ରହିଛି। ଯନ୍ତ୍ରପାତି ଉପରେ ୟୁରୋପୀୟ ୟୁନିୟନ ଓ ପୂର୍ବରୁ ଇଂଲଣ୍ଡକୁ ଦିଆଯାଇଥିବା ରିହାତି ମଧ୍ୟ ଏହି ବଜେଟ୍‌ରେ ପ୍ରତିଫଳିତ ହୋଇଛି। ଭାରତର ବଜାରକୁ ବିଦେଶୀ ଶିଳ୍ପ ଉତ୍ପାଦର ଆମଦାନୀକୁ ପ୍ରତିବନ୍ଧକ ଶୂନ୍ୟ କରିଦେବାର ପରିଣାମ ଆମର ଉଚ୍ଚ ପ୍ରଯୁକ୍ତି ଶିଳ୍ପ ବିକାଶ ଓ ତାକୁ ଉତ୍ପାଦିତ କରୁଥିବା କମ୍ପାନୀମାନଙ୍କୁ କ୍ଷତି ପହଞ୍ଚାଇବ। ସେହିପରି ଦେଶର କୃଷି ଓ ଦୁଗ୍ଧ ଉତ୍ପାଦ କ୍ଷେତ୍ରରେ ଶସ୍ତା ବିଦେଶୀ ଉତ୍ପାଦନକୁ ଅନୁମତି ଦେବାର ଅର୍ଥ ହେଲା ଆମର କୃଷି ଓ କୃଷକଙ୍କୁ ବରବାଦ କରିବା।

ବଜେଟରେ ଖଣିଜ କରିଡର ସ୍ଥାପନ ଉପରେ ଗୁରୁତ୍ୱ ଦିଆଯିବା ମଧ୍ୟ ଚିନ୍ତାଜନକ। ଭାରତର ଶାସକ ଶ୍ରେଣୀ ଦୀର୍ଘଦିନ ଧରି ଦେଶର ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକୁ କର୍ପୋରେଟ୍ ଲୁଟ ପାଇଁ ଖୋଲିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହା ଆମର ମୂଲ୍ୟବାନ ଖଣିଜ ସମ୍ପଦର ଶୀଘ୍ର ସମାପ୍ତି କରିବା ସହ ପ୍ରକୃତି ଓ ପରିବେଶର ବିନାଶ କରିବ। ଏହା ସହ ସେସବୁ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କ ବଳପୂର୍ବକ ବିସ୍ଥାପନ ବଢ଼ିଯିବ। ବିଶେଷ କରି ଓଡ଼ିଶା ପରି ଖଣିଜ ସମ୍ପଦ ବହୁଳ ରାଜ୍ୟ ସରକାରଙ୍କ ଉପରୋକ୍ତ ନୀତିର ସର୍ବାଧିକ କ୍ଷତି ସହିବ।

ସାଧାରଣତଃ ବଜେଟ ଅର୍ଥନୀତିର ଅବସ୍ଥା ଓ ଦିଗ ଦେଖାଇଥାଏ। ତେବେ ବଜେଟରେ ପ୍ରଦତ୍ତ ତଥ୍ୟ ସବୁ ଅନେକ ସମୟରେ ମିଥ୍ୟା ଓ ଅତିରଞ୍ଜିତ ହେଉଥିବାରୁ ସେଥିରେ ଅର୍ଥନୀତିର ଅବସ୍ଥାଟି ସ୍ପଷ୍ଟ ଭାବେ ଦେଖାଯାଏନି। କିନ୍ତୁ ବଜେଟରୁ ଅର୍ଥନୀତିର ଦିଗଟି ସ୍ପଷ୍ଟ ଜଣାପଡୁଛି, ଯାହାକି ଭାରତୀୟ ଅର୍ଥନୀତିକୁ ମାନ୍ଦାବସ୍ଥା ଓ ଧୀରେ ଧୀରେ ବିପର୍ଯ୍ୟୟ ଦିଗକୁ ନେଉଛି, ଯାହା ଦେଶର ଅଧିକାଂଶ ଲୋକ ବିଶେଷକରି ଶ୍ରମଜୀବୀ ଲୋକଙ୍କୁ ଧ୍ୱଂସ କରିଦେବ।

ମୋ : ୯୪୩୭୧୬୬୩୯୧

# ଶେଷାନ ଓ ଗାଈଆଳ ପିଲା



ଉପେନ୍ଦ୍ର ବିଶ୍ୱାଳ

ଆଲେଖ୍ୟଟିକୁ ଆରମ୍ଭ କରିବା ସ୍ୱର୍ଗତଃ ଶେଷାନଙ୍କ ଅଙ୍ଗେଲିଭା ଏକ ଘଟଣାରୁ। ତିରୁନେଲାଇ ନାରାୟଣ ଆୟାର ଶେଷାନ ହେଉଛନ୍ତି ସେହି ଭାରତୀୟ ପ୍ରଶାସନିକ ଅଧିକାରୀ, ଯିଏକି ମୁଖ୍ୟ ନିର୍ବାଚନ କମିଶନର ଦାୟିତ୍ୱରେ ଥିଲାବେଳେ ଦୀର୍ଘଦିନରୁ ଭାରତରେ ପ୍ରଚଳିତ ନିର୍ବାଚନ ପଦ୍ଧତିରେ ଅନେକ ସଂସ୍କାର ଆଣି ପାରିଥିଲେ। ଏକଦା ସପତ୍ନିକ ଉତ୍ତରପ୍ରଦେଶ ଗସ୍ତରେ ଥାଆନ୍ତି ସେ। ସଡ଼କପଥରେ ଯାଉଥିବାବେଳେ ପଥପ୍ରାନ୍ତେ ଦୃଷ୍ଟି ଆକର୍ଷଣ କରେ ପ୍ରଲମ୍ବିତ ସୁଶୋଭିତ ଫଳନ୍ତି ଆମ୍ର ଉଦ୍ୟାନମାଳା। ମନକୁ ଆହୁରି ବି ଅଧିକ ମୋହିତ କରୁଥାଏ ଖୁବ୍ ସୁନ୍ଦରଭାବେ ସେଥିରେ ଓହଳିଥିବା ପକ୍ଷୀଙ୍କ ନୀଡ଼, ଯେଉଁଥିରେ ପ୍ରତିବିମ୍ବିତ ହେଉଥିଲା କେଉଁଜଣେ କୁଶଳୀ କାରିଗରଙ୍କ ଅପୂର୍ବ କାରୁକାର୍ଯ୍ୟର ନିପୁଣତା। ଶ୍ରୀମତୀ ଶେଷାନଙ୍କ ମନ ଟଳିଲାନାହିଁ ଆଗକୁ ଆଉ ଯିବା ପାଇଁ। ବାଧହୋଇ ସମସ୍ତେ ଓହ୍ଲାଇଲେ ସେଇଠି ଏବଂ ଦଣ୍ଡେ ନିରୀକ୍ଷଣ କଲେ ପ୍ରକୃତିର ମନଲୋଭା ସେହି ଶୋଭାରାଜିକୁ। ଦୁଇଟି ନୀଡ଼ ଘରକୁ ନେଇଯିବାକୁ ତାଙ୍କର ଆଗ୍ରହ ସୃଷ୍ଟିହୁଅନ୍ତେ, ସାଥିରେ ଥିବା ସୁରକ୍ଷାକର୍ମୀମାନେ ପାଖରେ ଗୋରୁ ଚରାଉଥିବା ଜଣେ ବାଳକକୁ ଡାକି ଦୁଇଟି ନୀଡ଼ ଭାଙ୍ଗି ଆଣିବାକୁ ଦଶ ଟଙ୍କା ଧରାଇଦେଲେ। ବାଳକଟି ନମ୍ରତାର ସହିତ ଏହାକୁ ଅସ୍ୱୀକାର କରନ୍ତେ, ଶେଷାନ ତାକୁ ପଚାଶ ଟଙ୍କା ବି ଯାଚିଲେ। ସେଇଠୁ ବାଳକଟି ସ୍ପଷ୍ଟଭାବେ କହିଲା – ''ସାହେବ, ଆପଣମାନେ ମୋତେ ଯେତେ ଟଙ୍କା ଦେଲେ ବି ମୁଁ କେବେ ଏମିତି କାମ କରିପାରିବି ନାହିଁ। କାରଣ ନୀଡ଼ ଭିତରେ ଅଛନ୍ତି ସୁକୋମଳ ପକ୍ଷୀ ଶାବକମାନେ। ପିଲାଙ୍କ ପାଇଁ ଆହାର ସନ୍ଧାନରେ ଯାଇଥିବା ମାଆପକ୍ଷୀ ନୀଡ଼କୁ ଫେରିଆସି ଯେତେବେଳେ ଦେଖିବ ତା' ନୀଡ଼ ସମେତ ଶାବକମାନେ ନାହାନ୍ତି, ସେତେବେଳେ ତା'ର ଅବସ୍ଥା କ'ଣ ହେବ? ଅତି ବିକଳହୋଇ ବିଳାପ କରିବ ନାହିଁ କି? ଏମିତି ହୃଦୟହୀନ କାମ କେବେ କରିପାରିବି ନାହିଁ।'' ଏହି କେଇପଦ କଥା ସେଦିନର ଦୃଢ଼ ପ୍ରଶାସକ ଶେଷାନଙ୍କ ହୃଦୟକୁ ଦୋହଲାଇ ଦେଇଥିଲା। ଗାଈଆଳ ପିଲାଟିର ଏପରି ଉଚ୍ଚଭାବନା, ଉନ୍ନତ ଚିନ୍ତାଧାରାକୁ ମନେମନେ ପ୍ରଣିପାତ ବାଢ଼ିଥିଲେ ସେ। ଉଚ୍ଚତାରେ ନୁହେଁ ବରଂ ଉଚ୍ଚାପଣରେ ହିଁ ଜଣାପଡ଼େ ବ୍ୟକ୍ତିର ଉଚ୍ଚତା। ଏହି ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କର ଏକ ଉକ୍ତି ବି ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେହୁଏ, – ''ପ୍ରାଣୀମାନଙ୍କ ପ୍ରତି ଆଚରଣ ହିଁ ଇଙ୍ଗିତ କରାଇଥାଏ ଗୋଟେ ରାଷ୍ଟ୍ର ବା ଜାତିର ଚେତନାର ସ୍ତର ତଥା ନୈତିକତାର ପ୍ରଗତି ସମ୍ବନ୍ଧେ।'' ସେଦିନର ଏହି ଘଟଣାଟି କିନ୍ତୁ ଶେଷାନଙ୍କ ଅଲିଭା ସ୍ମୃତି ହୋଇ ରହିଯାଇଥିଲା ସାରା ଜୀବନ ପାଇଁ। ଉଦାତ୍ତ ବିଚାରର ମଣିଷ, ସଚ୍ଚୋଟ ପ୍ରଶାସକ ଶେଷାନ ବି ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମରେ ଏହି ଅନୁଭୂତିକୁ ଉଲ୍ଲେଖ କରୁଥିଲେ ଦୁନିଆକୁ ସୁନ୍ଦର ସନ୍ଦେଶ ଦେବାକୁ।



ଜଙ୍ଗଲ (ଅସଜଡ଼ା ବା ଅବହେଳିତ ଇଲାକା) ଅନ୍ଧକାରାଚ୍ଛନ୍ନ, କିନ୍ତୁ ତା'ଭିତରେ ତ ହୀରାର (ଚେତନଶୀଳ ମଣିଷ) ସନ୍ଧାନ ମିଳେ – ଆର୍ଥର ମିଲର। ଏବେ ଆସନ୍ତୁ ତଉଲିବା ଦୁଇଟି ଭିନ୍ନ ଭାବଧାରାକୁ; ସତ୍ୟ ଓ ସଚ୍ଚୋଟତା, ନୀତି ଓ ନୈତିକତାର ନିକିତିରେ। ଗୋଟେପଟେ ପ୍ରତିନିଧିତ୍ୱ କରନ୍ତି ଶେଷାନଶ୍ରେଣୀୟ ଶାସକ-ପ୍ରଶାସକ ତଥା ତାଙ୍କ ସହଯୋଗୀମାନେ, ଯେଉଁମାନେ ଗଣା ହୁଅନ୍ତି ସମାଜର ଜ୍ଞାନୀଗଣ ଏବଂ ଦୁନିଆ ଆଗରେ ଉଭା ହୋଇଥାନ୍ତି ମାନ୍ୟଜନ ଭାବେ। ଅନ୍ୟପଟେ ଅଛନ୍ତି ଗାଈଆଳ ବାଳକ ବା ଅତି ନିମ୍ନଶ୍ରେଣୀର ପ୍ରତିନିଧିମାନେ, ଯେଉଁମାନଙ୍କର ନା ଥାଏ ବିଶେଷ ଶିକ୍ଷା ଅବା ପୂର୍ବୋକ୍ତ ଗୋଷ୍ଠୀଙ୍କ ପରି ସାମାଜିକ ସମ୍ମାନ! କିନ୍ତୁ ଏମାନଙ୍କ ପାଖେ ଯେଉଁ ଚେତନାର ସ୍ତର ଥାଏ, ତାହା କିନ୍ତୁ ନ ଥାଏ ସେହି ମାନ୍ୟଗଣ୍ୟଙ୍କ ନିକଟରେ। ରାସ୍ତାରେ ଗଲାବେଳେ ସାଧାରଣତଃ ଦେଖାଯାଏ, ଦୁର୍ଘଟଣାରେ କ୍ଷତାକ୍ତ ହୋଇ କେହି ପଡ଼ିଥିଲେ ଏହି ବାବୁମାନେ ଯେତେ ପରିମାଣରେ ଦୟା କି ଦରଦଭାବ ପ୍ରକାଶ କରିଥାନ୍ତି, ତା'ଠାରୁ ଅଧିକ କରିଥାନ୍ତି ଦ୍ୱିତୀୟ ବର୍ଗର ମଣିଷମାନେ। ସମ୍ଭ୍ରାନ୍ତ, ସହରୀବାବୁଙ୍କର ଚେତନା ପ୍ରାୟତଃ ଶୋଇ ରହୁଥିବାବେଳେ ଏମାନଙ୍କର ଚେତନା ଚେଇଁ ରହିଥାଏ। ଉଚ୍ଚ ଡିଗ୍ରୀଧାରୀ, ଉଚ୍ଚ ପଦପଦବୀରେ ଆସୀନ ବ୍ୟକ୍ତିମାନଙ୍କ ନଜରରେ ଅତି ମାମୁଲି ମନେ ହେଉଥିବା ବିଶେଷ ଶିକ୍ଷାହୀନ ଏହି ଦରିଦ୍ର ମଣିଷମାନେ ବାସ୍ତବରେ କଦାପି ଛୋଟ ନୁହନ୍ତି। ସେମାନେ ହେଉଛନ୍ତି ମାନବାତ୍ମାର ଏକ ଏକ ଶାଶ୍ୱତ ସତ୍ତା। କ୍ଷମତାସୀନ ଧୃତରାଷ୍ଟ୍ରମାନେ ଏମାନଙ୍କୁ ହୁଏତ ହେୟ ମନେ କରିପାରନ୍ତି, କିନ୍ତୁ ଏମାନେ ହେଉଛନ୍ତି ଜଣେ ଜଣେ ଜୀବନ୍ତ ବିବେକ। କ୍ଷମତାନ୍ଧ ମଣିଷମାନେ ଯେଉଁମାନେ ସ୍ୱାର୍ଥର ଅନ୍ଧାରି ଗହ୍ୱର ମଧ୍ୟରେ ବାରମ୍ବାର ବାଟ ହୁଡ଼ିଥାନ୍ତି, ସେମାନଙ୍କ ପାଇଁ ଏହି ବିଦୂରମାନେ ହେଉଛନ୍ତି ଚିରନ୍ତନ ଅନିର୍ବାଣ ଦୀପଶିଖା। ଯୁଗେ ଯୁଗେ ଏହି ବିଦୂରମାନେ କେତେବେଳେ ଦାସୀଗର୍ଭରୁ ତ ଆଉକେବେ ଗାଈଆଳ, ଚାଷୀ, ମୂଲିଆ, ଅଭାବୀ ପରିବାରରେ ଜନ୍ମ ନେଇଥାନ୍ତି। ଶିକ୍ଷା, ସମ୍ପତ୍ତିରେ ଏମାନେ ଗରିବ ହୋଇପାରନ୍ତି, କିନ୍ତୁ ବିବେକଯୁକ୍ତ ବିଚାର, ମାନବିକତାରେ ଏମାନେ ସମୃଦ୍ଧ। ସତ୍ତାଲୋଭୀ, ଧୂର୍ତ୍ତ ଦୁର୍ଯ୍ୟୋଧନମାନଙ୍କ ପାଇଁ ଏମାନେ ହୁଏତ ଅଲୋଡା ହୋଇପାରନ୍ତି କିନ୍ତୁ ନ୍ୟାୟବନ୍ତ, ସତ୍ୟନିଷ୍ଠ, ସତପଥୀ ଶ୍ରୀକୃଷ୍ଣମାନଙ୍କ ପାଇଁ ଏମାନେ ଆଦରଣୀୟ। କାରଣ ଏମାନେ ହେଉଛନ୍ତି ସତ୍ୟର ସାରଥି, ପୁଣ୍ୟର ପୂଜକ, ଉଦାତ୍ତଭାବର ଉପାସକ। ସାମାନ୍ୟ ମନେହେଉଥିବା ଗାଈଆଳ ବାଳକ କପିଳାମାନଙ୍କ ଭିତରେ ଛପିକି ରହିଥାଏ ରାଜା କପିଳେନ୍ଦ୍ର ଦେବଙ୍କ ଚେତନା ଓ ଚମକ। ଏଣୁ ଆସନ୍ତୁ, ଅବହେଳିତ ବା ବନ ଇଲାକାରେ ରହୁଥିବା ଏହି ରତ୍ନମାନଙ୍କୁ କେବେ ଅନାଦର କରିବା ନାହିଁ କି ଅଣଦେଖା କରିବା ନାହିଁ।

**ଫକୀରମୋହନ ନଗର, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

## ଏଇ ଭାରତରେ

ଚାକିରି ବଦଳରେ ଏବେ ମହିଳାମାନେ ଚାଷ କରିବାକୁ ଆଗଭର ହେବା ଲକ୍ଷ୍ୟ କରାଯାଉଛି। ଏଥିରେ ସେମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇପାରୁଛନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଡେରାଡୁନରେ। ସେଠାରେ ଦୁଇ ଭଉଣୀ ମନୀଷା ଗୋସାଁଇ ଓ ନମିତା ରାୱତ ଚାକିରି ପଛରେ ନ ଧାଇଁ ପ୍ରଥମେ ଜୈବିକ ପଦ୍ଧତିରେ ପନିପରିବା ଚାଷ କରିଥିଲେ। ପରେ ତାଙ୍କ ଫାର୍ମରେ ଅଁଳା ଚାଷ ଆରମ୍ଭ କରିଥିଲେ। ଏବେ ସେମାନେ ଏହି ଚାଷରୁ ବର୍ଷକୁ ୧୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅଁଳା ସହ କିଛି ଆମ୍ବ ଗଛ ମଧ୍ୟ ଲଗାଇଛନ୍ତି। ସେମାନେ ଅଁଳାକୁ ମାର୍କେଟକୁ ପଠାଇବା ପରେ ବଳକା ଅଁଳାରୁ ଜୁସ, ଚଟଣି, ଜାମ ଓ ଆଚାର ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ସେଠାକାର ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହାସହ ଏହି ଫାର୍ମରେ ଦୁଇ ଭଉଣୀ ଟମାଟୋ, ବାଇଗଣ ଓ ଲେମ୍ବୁ ଚାଷ ମଧ୍ୟ କରିପାରୁଛନ୍ତି। ଚାଷରେ ସେମାନେ ଜୈବିକ କୀଟନାଶକ ଓ ଗୋବର ଖତ ବ୍ୟବହାର କରୁଛନ୍ତି। କୌଣସି ରାସାୟନିକ ସାର ପ୍ରୟୋଗ କରୁନାହାନ୍ତି। ଏହା ସହ ପରିବା ବର୍ଜ୍ୟ ଓ ଅଣ୍ଡା ଖୋଳରୁ ପ୍ରସ୍ତୁତ ଖତ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୭ ଫେବୃଆରୀ ୧୯୭୭

- ଗୁଜରାଟର ଦୁଇ କଂଗ୍ରେସ ବିଧାୟକ କେ. ସୋନେରୀ ଓ ଏମ୍. ରଥୱା ଦଳତ୍ୟାଗ କରି ଜନତା ପାର୍ଟିରେ ଯୋଗଦେଇଛନ୍ତି।
- ସୌରଶକ୍ତି ବିନିଯୋଗ ଓ ପରିବେଶ ବିଶୁଦ୍ଧୀକରଣ ଆଦି ବହୁ ବୈଜ୍ଞାନିକ କ୍ଷେତ୍ରରେ ସହଯୋଗିତା ପାଇଁ ଭାରତ ଓ ୟୁରୋପୀୟ ଅର୍ଥନୈତିକ ଗୋଷ୍ଠୀ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | 9 | | |
| | 9 | | | 6 | 1 | 8 | 5 | |
| | | | | | 3 | 4 | 1 | 7 |
| | | | 8 | | | 3 | 4 | |
| 6 | 8 | | | | | | 7 | 9 |
| 3 | 1 | | | 9 | | 2 | | 8 |
| 7 | 5 | | | 4 | | | | 1 |
| 2 | 3 | 1 | | 8 | 5 | | | 4 |
| | | | | 7 | | 5 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 4 | 9 | 1 | 6 | 2 | 5 | 8 |
| 2 | 5 | 1 | 7 | 4 | 8 | 3 | 6 | 9 |
| 8 | 9 | 6 | 3 | 5 | 2 | 1 | 7 | 4 |
| 9 | 2 | 7 | 1 | 8 | 3 | 5 | 4 | 6 |
| 6 | 1 | 8 | 4 | 9 | 5 | 7 | 3 | 2 |
| 4 | 3 | 5 | 6 | 2 | 7 | 8 | 9 | 1 |
| 5 | 6 | 2 | 8 | 7 | 4 | 9 | 1 | 3 |
| 7 | 4 | 9 | 2 | 3 | 1 | 6 | 8 | 5 |
| 1 | 8 | 3 | 5 | 6 | 9 | 4 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସାଧୁ ଡ୍ରାଇଭରଙ୍କ ଉତ୍ପାତ

ମହାଶୟ,

ଥରେ କଟକରୁ ଭୁବନେଶ୍ୱର ବିମାନ ବନ୍ଦର ଯାଇ ଓଲା ଡ୍ରାଇଭରଙ୍କୁ ତା'ର ପ୍ରାପ୍ୟ ଫୋନ ପେ ଜରିଆରେ ଦେଇ ପୁନର୍ବାର ଓଲାଠାରୁ ଦେୟ ପୈଠ ନିମନ୍ତେ ବାରମ୍ବାର ତାଗିଦ ପାଇବା ମୋତେ ଥାଇଲାଣ୍ଡରେ ଥାଇ ମାନସିକ ସ୍ତରରେ ଦୁଃଖ ଦେଇଥିଲା। ଏହି ବିଷୟ ଭାରତ ଫେରି ତଦାରଖ କରି ଜାଣିଲି ଯେ ଡ୍ରାଇଭର ପ୍ରାପ୍ୟ ଟଙ୍କା ହଡପ କରିଛି। ଗତ ୩୧ ଜାନୁଆରୀ ୨୦୨୬ ସକାଳେ ଭୁବନେଶ୍ୱର ବିମାନ ବନ୍ଦରଠାରୁ କଟକ ଘରକୁ ଆସିବା ପାଇଁ ଓବେର ବୁକ୍ କଲି। କଟକରେ ପହଞ୍ଚାଇ ଦେଇ ନିର୍ଦ୍ଦିଷ୍ଟ ଭଡାଠାରୁ ଅଧିକ ନେଇ ଚାଲିଗଲା ପରେ ଅନ୍ୟ ଜଣେ ଓବେର ଡ୍ରାଇଭର ଫୋନ କରି କଟକ ଯିବା ପାଇଁ ବିମାନ ବନ୍ଦରରେ ମୋତେ ଅପେକ୍ଷା କରିଛି ବୋଲି କହିଲା, ଜାଣେନା ଆଉଥରେ କେମିତି ଟ୍ରିପ୍ ବୁକ୍ ହେଲା ? ଏହା ଏକ ଯାନ୍ତ୍ରିକ ତ୍ରୁଟି ହୋଇ ଥାଇ ପାରେ ବୋଲି ମୋର ଧାରଣା। ଅଯଥା ପ୍ରଥମ ଡ୍ରାଇଭରର ଠକାମି ସହିତ ଦ୍ୱିତୀୟ ଡ୍ରାଇଭର ଠାରୁ ଗାଳି ଖାଇବା ସତରେ ଖୁବ୍ କଷ୍ଟଦାୟକ। ଅନେକ ଭଲ ଡ୍ରାଇଭର ଅଛନ୍ତି, କିନ୍ତୁ କିଛି ଠକ ଡ୍ରାଇଭର ଯାତ୍ରୀଙ୍କୁ ଲୁଟିବାରେ ଅଭ୍ୟସ୍ତ। ସରକାର ଏହି ସଂସ୍ଥା ଉପରେ ନିୟନ୍ତ୍ରଣ ରଖନ୍ତୁ।

**–ବିଷ୍ଣୁ ପ୍ରସାଦ ଦାସ,ସ୍ନେହ କୁଟୀର.ଝାଞ୍ଜିରୀ ମଙ୍ଗଳ , କଟକ**

## ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ?
–(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡିଜିଟାଲ କ୍ରପ୍ ସର୍ଭେରେ ସାମିଲହେଲା ଖଡ଼ି, ଇକଡ଼ ଚାଷ

ଭୋଗରାଇ,୬।୨(ପ୍ରଦୀପ ଦାସ)

ଦୀର୍ଘବର୍ଷ ଧରି ରାଜ୍ୟରେ ପାନ ଚାଷ ଏବଂ ଏଥିରେ ବ୍ୟବହୃତ ଖଡ଼ି, ଇକଡ଼ ଚାଷକୁ ଚାଷୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ କୃଷିର ମାନ୍ୟତା ଦେବା ଓ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରି ଆସୁଛନ୍ତି । ଏହି ଦାବି ପ୍ରତି ଗତ ସରକାର ଅମଳରୁ ଅଦ୍ୟାବଧି ବିଧାନସଭାରେ ଜନପ୍ରତିନିଧିମାନେ ବାରମ୍ବାର ସ୍ୱର ଉଠାଇବା ପରେ ମଧ ପାନ ଓ ଇକଡ଼ ଚାଷକୁ କୃଷିର ମାନ୍ୟତା ମିଳିପାରୁନାହିଁ। ଏଭଳି ସ୍ଥିତିରେ ରାଜ୍ୟ ସରକାର ଖଡ଼ି ଓ ଇକଡ଼ ଚାଷକୁ ଡିଜିଟାଲ କ୍ରପ୍ ସର୍ଭେରେ ଅନ୍ତର୍ଭୁକ୍ତ କରିଥିବାରୁ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି।

ସୂଚନାନୁଯାୟୀ, ୨୦୧୯ରୁ କରୋନା ସଂକ୍ରମିତ ହେବାଠାରୁ ଲକ୍‌ଡାଉନ ଓ ଶଟ୍‌ଡାଉନରେ ଖଡ଼ି, ଇକଡ ଚାଷୀଙ୍କ ସହିତ ପାନ ଚାଷୀମାନେ ବ୍ୟାପକ ଭାବେ କ୍ଷତି ସହି ଆସୁଥିଲେ। ୨୦୨୩ ସେପ୍ଟେମ୍ବର ୧୭ରେ ତତ୍କାଳୀନ

## କୃଷିର ମାନ୍ୟତା ଦାବି

ସରକାର ରାଜ୍ୟରେ ପାନ ଓ ଇଁଥାଫୁଲ ଚାଷୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗାଇ ଉତ୍ସାହିତ କରିଥିଲେ। ହେଲେ ରାଜ୍ୟରେ ହେଉଥିବା ପାନଚାଷରେ ବ୍ୟବହୃତ ଖଡ଼ି, ଇକଡ ଚାଷକୁ କୃଷିବିଭାଗ ଏହା ଏକ ବାଡେ ଫସଲ କହି ଅଣଦେଖା କରିଆସୁଥିଲା । ଖଡ଼ି ବଣରେ ଆକସ୍ମିକ ନିଆଁ ଲାଗିଗଲେ ଚାଷୀମାନେ ମୁଣ୍ଡରେ ହାତଦେଇ ବସୁଥିଲେ। ଏ ବିଷୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭାରେ ଖଡ଼ି, ଇକଡ ଚାଷକୁ ଡିଜିଟାଲ କ୍ରପ୍ ସର୍ଭେରେ ଅନ୍ତର୍ଭୁକ୍ତ କରିବାକୁ ବାରମ୍ବାର ଦାବି ଉଠାଇଥିଲେ ଓ ବିଭାଗୀୟ ସଚିବଙ୍କୁ ଅବଗତ କରିଥିଲେ। ଗତ ୩ ।୧୨।୨୫ରେ ବିଧାନସଭାରେ ଭୋଗରାଇ ବିଧାୟକଙ୍କ ଅଣତାରକା ୧୩୭୦ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଥିଲେ,ପାନରେ ବ୍ୟବହୃତ ଇକଡ ଓ



ଖଡ଼ିଚାଷ ଲତାଜାତୀୟ ଫସଲ। ସାହାରା ବାଡ଼ି ଓ ରଞ୍ଜା ଭାବେ ଏହାକୁ ବ୍ୟବହାର କରାଯାଉଥିବାରୁ ଚଳିତ ୨୦୨୫-୨୬ ରବି ଋତୁରେ ଏହି ଚାଷକୁ ଡିଜିଟାଲ କ୍ରପ୍ ସର୍ଭେରେ ଅନ୍ତର୍ଭୁକ୍ତ କରାଯିବା ନେଇ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଗୁରୁବାର କୃଷି ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଖଡ଼ି ଇକଡ଼ ଚାଷ ନିମନ୍ତେ ଡିଜିଟାଲ କ୍ରପ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ପାନ ସହିତ ଜଡ଼ିତ ଇକଡ଼ ଓ ଖଡ଼ି ଏକ ଅର୍ଥକରୀ ଫସଲ ହୋଇଥିବା ବେଳେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ଉଣାଅଧିକେ ଏହି ଚାଷ କରାଯାଉଥିବାରୁ ସରକାରଙ୍କ ଡିଜିଟାଲ କ୍ରପ ସର୍ଭେ ପାଇଁ ଚାଷୀଙ୍କୁ ଉତ୍ସାହିତ କରିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ଓ ବାଲିଆପାଳ ବ୍ଲକରେ ଅନ୍ୟୁନ ୨୫ହଜାର ପାନଚାଷୀ ଥିବାବେଳେ ହଜାର ହଜାର ହେକ୍ଟର ଜମିରେ ଖଡ଼ି ଓ ଇକଡ଼ ଚାଷ କରାଯାଉଥିଲେ ମଧ୍ୟ ଅଦ୍ୟାବଧି ଏହି ଚାଷକୁ କୃଷିଜାତ ଦ୍ରବ୍ୟରେ ଡିଜିଟାଲ କ୍ରପ ସର୍ଭେରେ ଅନ୍ତର୍ଭୁକ୍ତ ହେଉ ନ ଥିଲା। ଖଡ଼ିବଣରେ ନିଆଁ ଲାଗିଲେ କ୍ଷତିପୂରଣ ମିଳୁ ନ ଥିଲା। ଏହି ସର୍ଭେ ଯୋଗୁ ଏଣିକି ଚାଷୀମାନେ କ୍ଷତିପୂରଣ ପାଇବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି । ଏନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ସଶକ୍ତୀକରଣ ମନ୍ତ୍ରୀ ଏବଂ ସମ୍ପୃକ୍ତ ବିଭାଗ ସଚିବଙ୍କୁ ଧନ୍ୟବାଦ ଦେବା ସହିତ ଭୋଗରାଇ ଚାଷୀକୁଳଙ୍କ ଦୀର୍ଘଦିନର ଦାବିପ୍ରତି କୃତଜ୍ଞତା ଜଣାଇଛନ୍ତି। ବିଭିନ୍ନ ପାନଚାଷୀ ସଂଘ ଓ ପାନ ବ୍ୟବସାୟୀ ସଂଘର ପ୍ରାକ୍ତନ ସଭାପତି ଗୋପାଳ ଚନ୍ଦ୍ର ସାହୁ, ଅନନ୍ତ ଦାସ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଇଂ. ଅଭିଜିତ ଦାସ, କୃଷକ ସାଥୀର ନେତା ବିମଳ କୁମାର ପାତ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁ ଚାଷୀକୁଳ ଆନନ୍ଦିତ ବୋଲି ପ୍ରତିକ୍ରିୟାରେ ଜଣାଇଛନ୍ତି। ଅପରପକ୍ଷରେ ରାଜ୍ୟ ଓ କେନ୍ଦ୍ର ସରକାର ପାନ ଓ ଖଡ଼ିଇକଡ଼ ଚାଷକୁ କୃଷିର ମାନ୍ୟତା ଦେବାକୁ କଂଗ୍ରେସ ଜିଲା ସଭାପତି ସତ୍ୟଶିବ ଦାସ ଦାବି କରିଛନ୍ତି।

# 'ସୁସ୍ଥ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




ପିଏମଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ବନ୍ତ,୬।୨(ହରିନାରାୟଣ ମହାନ୍ତି)

ସୁସ୍ଥ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ବନ୍ତ ବ୍ଲକ ସେଣ୍ଟୋରାସ୍ଥିତ ପିଏମଶ୍ରୀ ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟର ୭୬ତମ ବାର୍ଷିକ ଉତ୍ସବରେ ଅତିଥିମାନେ କହିଛନ୍ତି। ପ୍ରଧାନଶିକ୍ଷକ ଅନନ୍ତ ଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ମୁଖ୍ୟବକ୍ତା ନାଟ୍ୟକାର ତଥା ସାହିତ୍ୟିକ ଡ.ସୁଧାଂଶୁ ଶେଖର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ପୂର୍ବତନ ବିଧାୟକ ତଥା ଶ୍ରମିକ ନେତା ନାରାୟଣ ରେଡ୍ଡି, ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ବିଦ୍ୟାଳୟ ପକ୍ଷସଖା ଶିକ୍ଷା ସେତୁ ସଭାପତି ଅନାଦି ଚରଣ ସେନାପତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜ୍ୟୋତି ରଞ୍ଜନ ପୃଷ୍ଟି, ଓାର୍ଡସଭ୍ୟ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅଭୟ କୁମାର ପ୍ରଧାନ ମଞ୍ଚ ସଂଯୋଜନା, ଶ୍ରୀକାନ୍ତ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ, ଅନ୍ତର୍ଯାମୀ ପାତ୍ର ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ପଦ୍ମାବତୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ 'ଗୁରୁ ଗୌରବ' ବିଦ୍ୟାବୃତ୍ତି ପ୍ରଦାନ କରାଯିବା ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମନୋଜ କୁମାର ଷଡ଼ଙ୍ଗୀ, ଚିନ୍ମୟ ନାୟକ, ଅଭିମନ୍ୟୁ ବାରିକ, ଜୈମିନ ମାଝୀ, ବିଜୟ କୁମାର ସାହୁ, କମଳାକାନ୍ତ ଜେନା, ଶିକ୍ଷୟିତ୍ରୀ ପ୍ରିୟଦର୍ଶୀ ରାଉତ, ପ୍ରଭାସିନୀ ବିଶ୍ୱାଳ, ମାନସୀ ସେଠୀ, ଛିତିପ୍ରଜ୍ଞା ସେଠୀ, ସବିତା ସାହୁ, ସ୍ୱର୍ଣ୍ଣଲତା ଆଇଚ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।।

# ୮୫ କି.ଗ୍ରା. ଗଞ୍ଜେଇ ଜବତ: ୩ ଅଟକ



ଆନନ୍ଦପୁର, ୬।୨(ସୁଶାନ୍ତ କୁମାର ସାହୁ)

ଗଞ୍ଜେଇ ଭର୍ତ୍ତି ୨ଟି ଚାରିଚକିଆ ଗାଡି କେନ୍ଦୁଝର ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ଜବତ କରାଯାଇଛି। ଏଥିରେ ୮୫ କି.ଗ୍ରା. ଗଞ୍ଜେଇ ଥିବା ଜଣାପଡିଛି। ୩ଜଣଙ୍କୁ ଅଟକ ରଖାଯାଇଛି।

ଜାତୀୟ ରାଜପଥ ୨୦ ପାର୍ଶ୍ୱ ଘସିପୁରା ଅଞ୍ଚଳର ଏକ ହୋଟେଲ ଆଗରେ ୨ଟି କାର୍ ରଖି ୫ ଜଣ ଖାଦ୍ୟ ଖାଉଥିବା ବେଳେ କେନ୍ଦୁଝର ପୋଲିସର ଏକ ସ୍ପେଶାଲ ସ୍କ୍ୱାଡ୍ ସମେତ ଘସିପୁରା ଥାନା ପୋଲିସ ଅତର୍କିତ ଭାବେ ଚଢ଼ାଉ କରିଥିଲା। ସେଠାରୁ ଗଞ୍ଜେଇ ଜବତ କରାଯିବା ସହ ହେମନ୍ତ ବେହେରା, ରାଜେଶ ପାତ୍ର, ମିଶ୍ର ବେହେରାଙ୍କୁ ଅଟକ ରଖି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ସମସ୍ତ ଗଞ୍ଜେଇ ଚଲାଣକାରୀ କେନ୍ଦୁଝର ଜିଲା ବାଂଶପାଳ ଅଞ୍ଚଳର ବୋଲି ସୂଚନା ମିଳିଛି। ତେବେ ସେମାନେ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଓ କେଉଁଆଡେ ନେଉଥିଲେ ତାର ତଦନ୍ତ ଜାରି ରହିଛି।

# ଚମ୍ପୁଆ ପଞ୍ଚାୟତ ସମିତି ବୈଠକ

ଚମ୍ପୁଆ,୬।୨(ମହେଶ୍ୱର ଦାସ)

ଚମ୍ପୁଆ ପଞ୍ଚାୟତ ସମିତିର ୧୨ ତମ ସାଧାରଣ ବୈଠକ ଶୁକ୍ରବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସ୍ମୃତି ରଞ୍ଜନ ସାହୁ, ଏବିଡିଓ ଟୁନୁ ହାଁସଦା, ଉପାଧ୍ୟକ୍ଷା ଚମ୍ପାବତୀ ମହାକୁଡ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା, ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ୧୫ ନଂ. ଜୋନ୍ ସଭ୍ୟା ରମଣୀ ନାଏକ, ୧୩ ନଂ. ଜୋନ୍ ସଭ୍ୟ ଉଦୟ ନାଏକ ଏବଂ ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଡିଓ ଟୁନୁ ହାଁସଦା ପୂର୍ବ ବୈଠକର ବିବରଣୀ ପାଠ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

କରିଥିଲେ। ବୈଠକରେ ପାନୀୟ ଜଳ ଓ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ କୃଷି, ପ୍ରାଣୀଧନ ଆଦି ଚାଲୁ ରହିଥିବା ପ୍ରକଳ୍ପ ଉପରେ ସଦସ୍ୟମାନେ ସ୍ପଷ୍ଟୀକରଣ ମାଗିଥିଲେ। ଏହା ବ୍ୟତୀତ କଲ୍ୟାଣ ମଣ୍ଡପ ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ପୋଖରୀ ପୁନରୁଦ୍ଧାର, ଗମନାଗମନ ଓ ପର୍ଯ୍ୟଟନସ୍ଥଳୀର ବିକାଶ ଆଦି ଉନ୍ନୟନ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବା ନେଇ ସୂଚନା ଦେଇଥିଲେ ସହକାରୀ ଯନ୍ତ୍ରୀ। ବୈଠକରେ ବ୍ଲକର ସମସ୍ତ ୨୨ଟି ପଂଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲାପରିଷଦ ସଦସ୍ୟ ଏବଂ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ବସ୍ତା, ୬।୨(ହରିଶଙ୍କର ପାଢ଼ୀ)

ବସ୍ତା ବ୍ଲକ ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ଜଣେ ନାବାଳିକା ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁସାରେ ସିଂଲା ଥାନା ଗୁହାଳିପଦା ଗ୍ରାମର ଗଣେଶ ଚନ୍ଦ୍ର ଜେନାଙ୍କ ଝିଅ କୁହୁ (୧୮ମାସ) ଖେଳୁଥିବା ବେଳେ ଘର ପାଖରେ ଥିବା ପୋଖରୀରେ ପଡିଯାଇଥିଲେ। ଏଣେ ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ଘର ପାଖରେ ଥିବା ପୋଖରୀରେ କୁହୁ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସିଂଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା(ନଂ. ୨/୨୬) ରୁଜୁ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ରେଳଧାରଣା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

**ହତ୍ୟା ମାମଲା ରୁଜୁ**

ଭଣ୍ଡାରିପୋଖରୀ,୬।୨(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ବିରିଡି ରେଳଧାରଣା ପାର୍ଶ୍ୱରୁ ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟ ପୋଲିସ ଗୁରୁବାର ରାତିରେ ଜବତ କରିଛି। ମୃତକ ହେଲେ ବନ୍ତ ଥାନା ଅଧୀନ ଟିଲୋ କଣ୍ଟାପଡା ଗ୍ରାମର ରଞ୍ଜନ ଦାସ(୨୦)। ତାଙ୍କ ଭିଣୋଇ କଣ୍ଟାପଡା ଗ୍ରାମର ସରୋଜ ଦାସଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଗ୍ରାମର ବାସିନ୍ଦା ଥିବା ରଞ୍ଜନ ବିରିଡ଼ି ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପ୍ରେମିକା ଜଣକ ବେଙ୍ଗାଲୁରୁରେ ରହୁଥିବା ରଞ୍ଜନଙ୍କୁ ବିରିଡ଼ିକୁ ଡକାଇଥିଲେ। ରଞ୍ଜନ ଗତ ୩ ତାରିଖରେ ମଞ୍ଜୁରୀରୋଡ୍‌ରେ ପହଞ୍ଚି ପ୍ରେମିକାଙ୍କୁ ଭେଟିବାକୁ ଯାଇଥିଲେ। ସେହିଦିନ ସନ୍ଧ୍ୟାରୁ ରଞ୍ଜନଙ୍କ ଫୋନ୍ ବନ୍ଦ ରହିଥିଲା। ଗୁରୁବାର ଅପରାହ୍ନରେ ରଞ୍ଜନଙ୍କ ମୃତଦେହ ବିରିଡ଼ି ରେଳ ଧାରଣା ପାର୍ଶ୍ୱରେ ପଡ଼ିଥିବା ସରୋଜଙ୍କୁ ଖବର ମିଳିଥିଲା। ଏଥିପୂର୍ବରୁ ପ୍ରେମିକା ଓ ତାଙ୍କ ସମ୍ପର୍କୀୟ ରଞ୍ଜନଙ୍କୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ସରୋଜ ଅଭିଯୋଗରେ ଦର୍ଶାଇଛନ୍ତି। ଭଣ୍ଡାରିପୋଖରୀ ଥାନାରେ ଏକ ମାମଲା(ନଂ.୬୦/୨୬) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।

# ଧର୍ମ ପରିବର୍ତ୍ତନ ବେଳେ ୨ ଅଟକ

ସୋର, ୬।୨(ଜନ୍ମେଜୟ ମିଶ୍ର): ଆଦିବାସୀ ଅଞ୍ଚଳରେ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରାଯାଉଥିବା ଅଭିଯୋଗରେ ସୋର ପୋଲିସ ୨ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସୋର ଥାନା ଗୋପୀନାଥପୁର ପଞ୍ଚାୟତ କିଆନାଳିଆ ଗ୍ରାମର ସନାତନ ସିଂଙ୍କ ଘରେ ଜନ୍ମଦିନ ପାଳନ କରାଯାଉଥିବା ବେଳେ ୨ଜଣ ଯୁବକ ଧର୍ମ ଗ୍ରନ୍ଥ ବାଇବେଲ ସାଙ୍ଗରେ ଆଣି ସନାତନଙ୍କ ପରିବାର ଲୋକଙ୍କୁ ଧର୍ମ ପରିବର୍ତ୍ତନ କରାଉଥିଲେ। ଏହି ସମୟରେ ଅନ୍ୟ ଗ୍ରାମବାସୀ ଜାଣିବାକୁ ପାଇ ସେମାନଙ୍କୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବାଇବେଲ ଆଣିଥିବା ୨ ଯୁବକ ତାଙ୍କ ଘରକୁ ପ୍ରାର୍ଥନା କରିବାକୁ ଆସିଥିବା କହିଥିବା ବେଳେ ଗ୍ରାମବାସୀ ଧର୍ମପରିବର୍ତ୍ତନ କରିବାକୁ ଆସିଥିବା ଅଭିଯୋଗ କରିଥିଲେ। ପୋଲିସ ଯୁବକ ଦୁଇଜଣଙ୍କ ନିକଟରୁ ୨ଟି ବାଇବେଲ ଜବତ କରିବା ସହିତ ସେମାନଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରିଛି।

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
E-mail ID: rourkelamunicipality@gmail.com
No. 1625 Date. 05.02.2026

**Quotation Call Notice for Supply of Dustbins / Litter Bins**

**No.13001/30/2526** : Quotations are invited from the Authorized Supplier/ Firm/ Manufacturer/ Agency for Supply of Different Sizes of Dustbins / Litter Bins under Rourkela Municipal Corporation. The Bidder should quote the rate in their letter head as per the prescribed format (Annexure-II) on or before 17.02.2026 by 1.00 PM to The Commissioner, Rourkela Municipal Corporation, Rourkela super scribing as **"Quotation for Supply of Litter Bins"** and should submit their quotation through Speed Post/ Registered Post/ Courier or by Hand. The quotation should be accompanied with the photocopies of valid GST Registration Certificate, PAN Card, Trade License, ISO Certificate, Paper Cost of Rs. 4,720/- including GST (Nonrefundable) and Security deposit of Rs. 50,000/- (Refundable) in shape of DD/ Bankers Cheque separately drawn in favour of Commissioner, Rourkela Municipal Corporation payable at Rourkela.
The bidders are also to submit the brand details and illustrative design of the item along with the technical bid. Bidders must quote the product as per specification provided in the NIT. The rate is valid for one year and the selected Agency has to supply all the items within 07 days including installation from the date of issuance of Supply Order. The requirement of items may increase or decrease while placing of work order.
The complete quotation document may be downloaded from RMC website: www.rmc.nic.in .
Authority reserves the right to accept any or all the quotations or negotiate with more than one agency without assigning any reason thereof.
Sd./- Commissioner
OIPR-13001/13131/1/25-26/0030 Rourkela Municipal Corporation

**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI- 766026, ODISHA, E-mail:sgmeluihep@gmail.com
OHPC ISO 9001-14001 18001 Certified
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-46/2025-26, DATED 04.02.2026**

**No.32001/21/2526:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed original equipment manufacturers/ channel partners / reputed firm / service provider having similar works experience for the work as mentioned below.

| Description of Work | Cost of tender paper (Non-re-fundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda | 7,080/- (inclusive of GST) | 29,014/- | From 07.02.2026 to 20.02.2026 upto 12.00 Hrs | 20.02.2026 (upto 13.30 Hrs) | 20.02.2026 at 16.30 Hrs |

For details of the tender documents, terms and conditions please visit our website www.ohpcltd.com
OIPR-32001/32352/1/25-26/0021 Sd./- C&P Head, UIHEP, Mukhiguda

**ORISSA STATE AIDS CONTROL SOCIETY (OSACS)**
**(Department of Health & Family Welfare), Government of Odisha**
OSACS
EOI No.3243/OSACS Date : 03.02.2026
File No : OSACS-PROC-PROC-0020-2022
No.10001/13/2526 **Call for Expression of Interest (EoI)**
**Selection of Chartered Accountant Firms for Statutory Audit of Orissa SACS and Internal Audit of NGOs & periphery units working with Orissa SACS**

The Orissa State AIDS Control Society (OSACS) is responsible for implementing the National AIDS Control Programme (NACP) in the States. OSACS is a registered organisation under the control of the State Government and is the nodal organisation for all the HIV/AIDS prevention and control work that is taken up in the state. OSACS releases fund to peripheral organisations like NGOs and hospitals under the Government sector. Hence it is essential to assess as to conduct an statutory audit under the prevention of the Societies Registration Act, 1860 as applicable in the State.

1. Expressions of Interest **(EoI)** are invited from CAG empannelled Chartered Accountant firms to conduct the **Statutory Audit of OSACS** for financial year **2025-26** & may be extendable maximum upto 3 years on yearly basis subject to satisfactory services.
2. Expressions of Interest **(EoI)** are invited from CAG empanelled Chartered Accountant firms to conduct the **Internal Audit of NGOs & Peripheral Units** for financial year **2025-26** & may be extendable maximum upto 3 years on yearly basis subject to satisfactory services.

**Eligibility & Assessment Criteria :**
The EoI and capability will be assessed against evidence of skills and experience in providing accountancy services in the State.

**REQUIREMENTS:**
The **EoI** should be sent along with a **Capability Statement & relevant Documents as per Criteria** mentioned there in including a profile of the Firm/Organization, relevant technical and geographical coverage along with the financial turnover for the last 3 **immediate preceding** financial years. The formats of capability statement and criteria is at Annexure-I and available on the website of OSACS i.e. osacs.odisha.gov.in. Individual CVs are not required at this stage. Any EoI with inadequate information, those which do not meet the above criteria, or those received after the closing date will not be short listed. EoI should be as concised and focused as far as possible to give evidence of the above requirements including the capability statement and organisation profiles. Interested CA firms may apply for Sl. No. 1(or) Sl. No. 2 (or) Both (Separately) and submit clearly specifying the nature of Audit i.e. Statutory Audit / Internal Audit on the top of the envelop of EOI.
EoI Should be sent to the Project Director, OSACS, 2nd Floor, Oil Orissa Building, F-Nayapalli, Bhubaneswar-12 on or **before 27/02/2026, 5.00PM** through Speed Post / Courier only.
Only those Firms/ Organizations will qualify in the pre-selection process, will be contacted and invited to submit detailed proposals.
Sd./- Project Director

Note: Since this EoI stage is initial stage for capability assessment, Audit Fees will be decided at the time of RFP(Request for Proposal).
**FOR FURTHER INFORMATION:**
For further information, interested firms are requested to follow the website of OSACS (osacs.odisha.gov.in) and contact by using the e-mail id: osacsafu@gmail.com, osacsprocurement@gmail.com.
OIPR-10001/10009/1/25-26/0013

**झारखण्ड राज्य बिवरेजेज कॉरपोरेशन लिमिटेड, राँची**
**(झारखण्ड सरकार का उपक्रम)**
कॉर्पोरेट पहचान सं० –U51228JH2010SGC014519,
TIN No - 20520108277E-mail :- jsbcl.jharkhand@gmail.com
उत्पाद भवन, भूतल, नवीन पुलिस केंद्र के समीप, काँके रोड़, राँची– 834008
E-mail :- jsbcl.jharkhand@gmail.com

अति अल्पकालिन ई–आमंत्रण पत्रांक सं०–JSBCL/05 दिनांक– 06.02.2026

**इच्छा की अभिव्यक्ति हेतू अति अल्पकालिन ई–आमंत्रण सूचना**

झारखण्ड राज्य बिवरेजेज कॉरपोरेशन लिमिटेड, राँची
मदिरा संचयन गोदाम हेतू इच्छा की अभिव्यक्ति हेतू अति अल्पकालिन ई–आमंत्रण सूचना

| क्र0सं0 | विवरणी | अभ्युक्ति |
|---|---|---|
| 1 | इच्छा की अभिव्यक्ति के प्रपत्र को वेवसाईट https://jharkhandtenders.gov.in एवं http://jsbcl.in पर अपलोड करने की तिथि | दिनांक– 06.02.2026 |
| 2 | इच्छा की अभिव्यक्ति को ऑनलाईन https://jharkhandtenders.gov.in के माध्यम से जमा करने की प्रारंभिक तिथि | दिनांक– 07.02.2026 |
| 3 | इच्छा की अभिव्यक्ति को Online रूप से जमा करने की अंतिम तिथि | दिनांक– 13.02.2026 के अपराह्न 06.00 बजे तक |
| 4 | इच्छा की अभिव्यक्ति को ऑनलाईन माध्यम से तकनीकि बिड खोलने की तिथि | दिनांक– 16.02.2026 के अपराह्न 03:00 बजे |

नोटः– (1) इच्छा की अभिव्यक्ति की विस्तृत जानकारी प्राप्त करने हेतु https://jharkhandtenders.gov.in एवं http://jsbcl.in से डाउनलोड किया जा सकता है।
(2) इच्छा की अभिव्यक्ति हेतू आवेदन ऑनलाईन https://jharkhandtenders.gov.in माध्यम से ही स्वीकार की जायेगी।
ह०/–
महाप्रबंधक (वित्त)
झारखण्ड राज्य बिवरेजेज कॉरपोरेशन लिमिटेड, राँची
PR 372464 Excise(25-26)#D

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ଲାଗି ଦର୍ଶାଯାଇଥିବା ତାରିଖର ୧୫.୦୦ ଘଣ୍ଟିକା ସୁଦ୍ଧା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଣ୍ଟିକାରେ ଖୋଲାଯିବ: **କ୍ର.ସଂ.; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଏବଂ ଅମାନତ ରାଶି ଯଥାକ୍ରମେ: (୧); ଇ-କେଜିପି-ଇଷ୍ଟ-୦୨-୨୦୨୬;** ବରିଷ୍ଠ ଡିଇଏନ୍/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସାନ୍ତ୍ରାଗାଛିର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ କଲୋନୀଠାରେ ବହୁମହଲା ଟାଇପ୍–II ଓ ଟାଇପ୍–III ଷ୍ଟାଫ୍ କ୍ୱାର୍ଟରଗୁଡ଼ିକର ନବୀକରଣ ଓ ଉନ୍ନତୀକରଣ; ₹୨,୦୦,୪୪,୪୫୪.୩୪; ₹୨,୫୦,୨୦୦.୦୦; **(୨); ଇ-କେଜିପି-ଇଷ୍ଟ-୦୩-୨୦୨୬;** ମାଦପୁର: ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ, ଉଚ୍ଚତା ବୃଦ୍ଧି, ରିସର୍ଫେସିଂ ଏବଂ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା; ₹୧,୯୫,୮୭,୩୧୨.୭୩; ₹୨,୪୭,୯୦୦.୦୦; **(୩); ଇ-କେଜିପି-ଇଷ୍ଟ-୦୫-୨୦୨୬;** ୧) ଏଡିଇଏନ/ଏସ୍ଆର୍‌ସିଙ୍କ ଅଧୀନରେ ବଡ଼ଗାଛିଆ ଓ ଆମ୍‌ତାଠାରେ ୧୦ ୟୁନିଟ୍ ନୂଆ ଷ୍ଟାଫ୍ କ୍ୱାର୍ଟର (ଟାଇପ୍–II)ର ନିର୍ମାଣ। ୨) ଉଲୁବେରିଆ: ଏସ୍‌ଏସ୍‌ଇ/ପି.ୱେ/ଉଲୁବେରିଆର ନୂଆ ଅଫିସ୍ ରୁମ୍ ଏବଂ ଷ୍ଟୋର୍ ନିର୍ମାଣ; ₹୪,୯୨,୦୭,୪୪୧.୦୪; ₹୩,୯୬,୦୦୦.୦୦; **(୪); ଇ-କେଜିପି-ଏଚ୍‌କ୍ୟୁ-୦୪-୨୦୨୬;** ଏଡିଇଏନ/ସେଟଲମେଣ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୩ୟ ଆଭେନ୍ୟୁରେ ସୀମା ପାଚେରି ନିର୍ମାଣ (୨ୟ କଲ୍); ₹୪୧,୧୬,୯୪୯.୪୦; ₹୮୨,୩୦୦.୦୦; **(୫); ଇ-କେଜିପି-ଇଷ୍ଟ-୦୪-୨୦୨୬;** ବାଉରିଆ: ବାଉରିଆ ଷ୍ଟେଶନଠାରେ ସମ୍ପ୍ରସାରିତ ଅଂଶ ଉପରେ ପ୍ଲାଟ୍‌ଫର୍ମ କଭର୍ ଶେଡ୍‌କୁ ସମ୍ପ୍ରସାରିତ କରିବା ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା ୨) ଆନ୍ଦୁଲ: ଆନ୍ଦୁଲ (ଏଡିଏଲ୍) ଷ୍ଟେଶନଠାରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ, ସମ୍ପ୍ରସାରିତ ଅଂଶ ଉପରେ କଭର ଶେଡ୍ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା; ₹୨୫,୩୧,୪୨,୭୩୩.୨୬; ₹୧୪,୧୫,୭୦୦.୦୦ । **(୬); ଇ-କେଜିପି-ସାଉଥ-୦୩-୨୦୨୬;** ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଲକ୍ଷ୍ମଣନାଥ ରୋଡ୍–ଜଳେଶ୍ୱର ସେକ୍ସନରେ ବକ୍ସ ପୁସିଂ କୌଶଳ ଦ୍ୱାରା କଗୁଆଳିଯୁକ୍ତ ଏଲ୍‌ସି ନଂ. ୪୪ରେ ସୀମିତ ଉଚ୍ଚତାର ସବ୍‌ୱେ ନିର୍ମାଣ; ₹୧୧,୫୦,୩୦,୯୫୩.୩୮; ₹୭,୨୫,୨୦୦.୦୦ । **(୭); ଇ-କେଜିପି-ସାଉଥ-୦୪-୨୦୨୬;** ନିମ୍ନଲିଖିତ କାର୍ଯ୍ୟର ନିର୍ବାହ: (i) ଏସ୍‌ଏସ୍‌ଇ/ପି.ୱେ/ହିଜ୍‌ଲିଙ୍କ ଅଧୀନରେ ସେସ୍ ମରାମତି ଓ ତଟ ସୁଦୃଢ଼ୀକରଣ ଏବଂ ଏସ୍‌ଏସ୍‌ଇ/ପି.ୱେ/ଦାନ୍ତନଙ୍କ ଅଧୀନରେ ବେଲ୍‌ଦା–ନିକୁର୍ସିନି ମଧ୍ୟରେ କେନ୍ଦ୍ରସ୍ଥ ଡ୍ରେନ୍‌ର ନିର୍ମାଣ; (ii) ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ ଅଧୀନରେ ହିଜ୍‌ଲି ଓ ଦାନ୍ତନଠାରେ ଆରଜିଏମ୍ ସାଇଡିଂରେ ସୁବିଧାଗୁଡ଼ିକର ପରିବର୍ଦ୍ଧନ; ₹୨,୯୪,୮୧,୬୪.୧୭; ₹୨,୯୭,୪୦୦.୦୦ । **(୮); ଇ-କେଜିପି-ସାଉଥ-୦୫-୨୦୨୬;** ବରିଷ୍ଠ ଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ ଅଧୀନରେ ଏଚ୍ଆଇଜେଏନ୍‌ଏମ୍‌ବିଆର୍–ଭଦ୍ରକ ସେକ୍ସନରେ ଓଭର୍ ରନ୍ ଲାଇନ, ଡେଡ୍ ଏଣ୍ଡ ଓ ସାଣ୍ଡ ହମ୍ପର ଉନ୍ନତୀକରଣ ଓ ମାନକୀକରଣ; ₹୩,୭୯,୦୫,୪୮୯.୪୨; ₹୩,୩୯,୫୦୦.୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦.୦୦ (କ୍ର.ସଂ. ୧ରୁ ୮ ପାଇଁ) ; **ଖୋଲାଯିବା ତାରିଖ:** ୧୯।୦୨।୨୦୨୬ (କ୍ର.ସଂ. ୧ରୁ ୩ ପାଇଁ), ୨୦।୦୨।୨୦୨୬ (କ୍ର.ସଂ. ୪ ପାଇଁ), ୨୬।୦୨।୨୦୨୬ (କ୍ର.ସଂ ୫ ଓ ୬ ପାଇଁ) ଏବଂ ୨୭।୦୨।୨୦୨୬ (କ୍ର.ସଂ. ୭ ଓ ୮ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି:** ୧୫ ମାସ (କ୍ର.ସଂ ୧, ୩ ଓ ୫ ପାଇଁ), ୧୨ ମାସ (କ୍ର.ସଂ ୨ ଓ ୮ ପାଇଁ), ୬ ମାସ (କ୍ର.ସଂ. ୪ ପାଇଁ) ଏବଂ ୧୮ ମାସ (କ୍ର.ସଂ. ୬ ଓ ୭ ପାଇଁ) । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୩ ପାଇଁ ତା୦୫।୦୨।୨୦୨୬ରିଖରୁ ତା୧୯।୦୨।୨୦୨୬ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୪ ପାଇଁ ତା୦୬।୦୨।୨୦୨୬ରିଖଠାରୁ ତା୨୦।୦୨।୨୦୨୬ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୫ ଓ ୬ ପାଇଁ ତା୧୨।୦୨।୨୦୨୬ରିଖରୁ ତା୨୬।୦୨।୨୦୨୬ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ ୭ ଓ ୮ ପାଇଁ ତା୧୩।୦୨।୨୦୨୬ରିଖଠାରୁ ତା୨୭।୦୨।୨୦୨୬ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-1157)

**सेन्ट्रल माईन प्लानिंग एण्ड डिजाइन इन्स्टीच्यूट लिमिटेड**
**CENTRAL MINE PLANNING & DESIGN INSTITUTE LIMITED**
(कोल इण्डिया लिमिटेड की एक अनुषंगी कम्पनी)/ (A Subsidiary of Coal India Ltd.)
गोंदवाना प्लेस, काँके रोड, राँची-834008, झारखंड, भारत

**सूचना / NOTICE**

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in/** सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।" "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପେଟ୍ରୋଲ ପମ୍ପରେ ସୁପରଭାଇଜର, Office Assistant, ତେଲ ପକାଇବା Staff ଏବଂ ତେଲ ଟ୍ୟାଙ୍କର ପାଇଁ ହେଲପର ଆବଶ୍ୟକ, ସ୍ଥାନ- ଭୁବନେଶ୍ୱର
9438569494, 9437415530

**ଆବଶ୍ୟକ**
ଘରୋଇ କାର୍ଯ୍ୟ ନିମନ୍ତେ ସଚ୍ଚୋଟ, ଦାୟିତ୍ୱବାନ ଗୃହ କର୍ମଚାରୀ ଆବଶ୍ୟକ। କାର୍ଯ୍ୟ ସମୟ ସକାଳ ୯ ଟାରୁ ରାତି ୮ଟା ପର୍ଯ୍ୟନ୍ତ। ଅଭିଜ୍ଞତା ଅନୁଯାୟୀ ଦରମା। ମାତୃଭାଷା ଓଡ଼ିଆ ହୋଇଥିବା ଆବଶ୍ୟକ। ରହିବା ସୁବିଧା ଉପଲବ୍ଧ। ତୁରନ୍ତ ଯୋଗାଯୋଗ କରନ୍ତୁ। ସ୍ଥାନ – ଭୁବନେଶ୍ୱର। 9692566745 କୁ ବାୟୋଡାଟା ପଠାନ୍ତୁ।

See Career Appointment on every Wednesday & Saturday

**ST. XAVIERS PUBLIC SCHOOL**
Mundeilo, Parjang, Dhenkanal, Odisha
A Day Boarding & Residential School
**Walk-in-Interview for Following Staffs**
01. Retired Principal/High School Head Teacher - 01 No.
02. Retired Lecturer/High School Teacher - (PCM & CBZ) 01 No. each
03. Retired Lecturer/High School Teacher - (English) 01 No.
Age limit should not exceed 65 years
Phone: 8260211012, 7477211012

**TKIL Industries Pvt. Ltd., Pune**
(formerly known as thyssenkrupp Industries India Pvt. Ltd.)
is hiring for Service-O&M Business for Jharsuguda and sites across India
TKIL Industries
**WALK-IN-INTERVIEW**
POSITIONS:
**ENGINEERs to HODs**
Operation, Mechanical, Electrical, Instrumentation, Planning
**Qualification:**
Diploma 8 - 20+ years experience
Bachelor of engineering 5 -20 years experience
**Experience:**
- Role: Contractual/Permanent
- Mechanical, Instrumentation & Electrical Maintenance of Aluminum Smelter
- Operations & Maintenance of CFBC-based Power Plants
- Mechanical Maintenance of Steel Plant RMHS

**Job Location:** Jharsuguda, Odisha, Bharuch, Gujarat & Bina, Madhya Pradesh, Near Mumbai and Pan India
**Interview Dates:** 8 & 9 February 2026 | **Timing:**09:00am to 06:00pm
**Interview Venue:** Mehfil Marriage Palace, Motijhran Road near Gousiya Masjid, Motijharan, Sambalpur, Odisha, 768001
Please remember to carry all necessary documents, including your resume, academic certificates, and last 3 months salary slips along with any relevant work experience letters.
To Apply: Share your updated CV on: careers.tkil@tkil.com
Scan QR Code to fill the application form
Website: www.tkil.com

## ଆଗରପଡ଼ା କଲେଜ ସାଂସ୍କୃତିକ ଦିବସ ସମାରୋହ

ଆଗରପଡ଼ା,୬।୨ (ସୁଶାନ୍ତ ଦାସ)

ଭଦ୍ରକ ଜିଲା ଆଗରପଡ଼ା କଲେଜର ୪୬ତମ ବାର୍ଷିକ ସାଂସ୍କୃତିକ ଦିବସ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ପାତ୍ରଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ସାବିତ୍ରୀ ମଞ୍ଜରୀ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ପଣ୍ଡା ଓ ବଉଳା କଲେଜର ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ ଅତିଥି ଭାବେ ଯୋଗଦେଇ କଲେଜର ଉତ୍କୃଷ୍ଟ କଳା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ପରିଷଦ ସଭ୍ୟ ମହେଶ୍ୱର ମଲ୍ଲିକ ଅତିଥି ପରିଚୟ ପ୍ରଦାନ, ଉପସଭାପତି ଅଧ୍ୟାପକ ବିଜୟ ସେଣ୍ଠ ବାର୍ଷିକ ବିବରଣୀ ପାଠ ଓ ସଭ୍ୟ ଅଧ୍ୟାପକ ବ୍ରଜମୋହନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ.ହରିହର ଦାସ, ଅଧ୍ୟାପକ ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ସହାୟକ ଅଶୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମେଲୋଡ଼ି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଧାନବସ୍ତା ରଖି ରାସ୍ତା ଅବରୋଧ

## କଟ୍‌ନିଛଟ୍‌ନିକୁ ନେଇ ଚାଷୀଙ୍କ ଅସନ୍ତୋଷ



ଧାରଣାସ୍ଥଳରେ ଏସ୍‌ଡିପିଓ, ତହସିଲଦାର ଓ ବିଡିଓ ଚାଷୀମାନଙ୍କୁ ବୁଝାଶୁଝା କରୁଛନ୍ତି।

ବାସୁଦେବପୁର,୬।୨ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ସେବା ସମବାୟ ସମିତିଠାରେ କଟ୍‌ନିଛଟ୍‌ନିକୁ ବିରୋଧ କରି ଚାଷୀମାନେ ଶୁକ୍ରବାର ଧାମରା-ଜାମଝାଡ଼ି ରାସ୍ତାରେ ଧାନ ବସ୍ତା ରଖି ଅବରୋଧ କରିଛନ୍ତି। ଫଳରେ ଶତାଧିକ ବସ୍, ଟ୍ରକ୍ ଆଦି ଯାନବାହନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଖବରପାଇ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି, ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ ଓ କଷିଆ ସାମୁଦ୍ରିକ ଥାନାଧିକାରିଣୀ କୁନି ବେଶ୍ରା ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ହେଲେ ଚାଷୀମାନେ ସେମାନଙ୍କ ଧାନର ମାନ ପରୀକ୍ଷା କରିବାକୁ ଅଡ଼ି ବସିଥିଲେ। ପରେ ଅଧିକାରୀମାନଙ୍କ ଉପସ୍ଥିତିରେ ଧାନକୁ ଗ୍ରେଡିଂ କରାଯାଇଥିଲା। ସେମାନଙ୍କ ଧାନ ଏଫ୍‌ଏକ୍ୟୁ ମାନର ନ ଥିବା ଜଣାପଡ଼ିଥିଲା। ଏହାପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ମିଲର, ଚାଷୀ ଓ ସମବାୟ ସମିତି ମଧ୍ୟରେ ଆପୋଷ ଆଲୋଚନା କରାଯାଇଥିଲା। ଚାଷୀଙ୍କଠାରୁ ଧାନ କିଣିବା ପାଇଁ ନିଷ୍ପତ୍ତି ହେବା ପରେ ସନ୍ଧ୍ୟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଚାଷୀମାନଙ୍କ ପକ୍ଷରୁ ପ୍ରଦୀପ କୁମାର କର, ରାଜେନ୍ଦ୍ର ବିଶ୍ୱାଳ, ସଂଯୁକ୍ତା ବିଶ୍ୱାଳ, ଶ୍ରୀଧର ବିଶ୍ୱାଳ, ତାରାପଦ ଦାସ, ସୁଜାତା ବିଶ୍ୱାଳ ପ୍ରମୁଖ ଧାରଣାରେ ବସିଥିଲେ।

## ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ସହାୟତା

### ଚାନ୍ଦବାଲି ନାବାଳିକା ବଳାତ୍କାର, ହତ୍ୟା ଘଟଣା

ଚାନ୍ଦବାଲି,୬।୨ (କିଷାନ ପାତ୍ର)

ଗତ ଡିସେମ୍ବର ୨୩ରେ ଚାନ୍ଦବାଲି ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ମୃତ ନାବାଳିକାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ରାଶି ସିଧାସଳଖ ମୃତ ନାବାଳିକାଙ୍କ ପରିବାରର ବ୍ୟାଙ୍କ ଖାତାରେ ଜମା ହୋଇଛି। ସହାୟତା ମିଳିବା ପରେ ଭାଜପା ନେତା ତଥା ଚାନ୍ଦବାଲି ବାର୍ ଆସୋସିଏଶନର ସଭାପତି ଉପେନ୍ଦ୍ର ରାଉଳଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଅପରାହ୍ନରେ ମୃତ ନାବାଳିକାଙ୍କ ଘରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପ୍ରତିନିଧି ଦଳ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏପରି ଦୁଃଖଦ ଘଟଣାରେ ସରକାରୀ ସହାୟତା ମୃତ ନାବାଳିକାଙ୍କ ପରିବାର ପାଇଁ କେବଳ ଆର୍ଥିକ ସମର୍ଥନ ନୁହେଁ, ବରଂ ଏକ ମାନସିକ ଭରସା ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିଶ୍ରୁତି ବୋଲି ଭାଜପା ପ୍ରତିନିଧି ଦଳ ପକ୍ଷରୁ କୁହାଯାଇଛି। ହୁକ ବେହେରା, ମୀନକେତନ ମଲ୍ଲିକ, କିଶୋର ଦାସ, ପ୍ରଫୁଲ୍ଲ ଦାସ, ରମାକାନ୍ତ ନାୟକ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଭଦ୍ରକ ନିର୍ବାଚନମଣ୍ଡଳୀରେ କଂଗ୍ରେସ ହେବ ୧ ନମ୍ବର: ଅସିତ୍



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଂଗ୍ରେସର ଟାଉନ ଓ ବ୍ଲକ୍ ସଭାପତିଙ୍କ ସହ ଯୁବନେତା ଅସିତ୍ ପଟ୍ଟନାୟକ।

ଭଦ୍ରକ,୬।୨ (ସନାତନ ରାଉତ)

ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ପୌରପାଳିକା ଅଧୀନ ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକଙ୍କ ବାସଭବନରେ କଂଗ୍ରେସ ଯୁବନେତା ଅସିତ୍ ପଟ୍ଟନାୟକଙ୍କ ନେତୃତ୍ୱରେ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନୂତନ ଟାଉନ ସଭାପତି ଫରିୟାଦ୍ ଖାଁ, ବ୍ଲକ୍ ସଭାପତି ସରୋଜ ନାୟକଙ୍କ ସମେତ ବିଭିନ୍ନ ପଦପଦବୀରେ ମନୋନୀତ ହୋଇଥିବା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଅସିତ୍ ନୂତନ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ସମସ୍ତେ ଏକଜୁଟ ହୋଇ ଦଳକୁ ଆଗକୁ ନେବା ପାଇଁ କାମ କରିବେ। ପ୍ରତି ମାସରେ ସମସ୍ତ କର୍ମକର୍ତ୍ତା ସବୁ ପଞ୍ଚାୟତ ଗସ୍ତ କରିବେ। ଲୋକଙ୍କ ସମସ୍ୟା ଶୁଣିବା ସହ ତାହାର ସମାଧାନ ପାଇଁ ସେହିଠାରେ ହିଁ ଆନ୍ଦୋଳନ କରାଯିବ। ଦଳୀୟ ସଙ୍ଗଠନ ବୃଦ୍ଧି ପାଇଁ ନୂଆ ଲୋକଙ୍କୁ ଯୋଡ଼ିବା ଆରମ୍ଭ କରାଯିବ। ଭଦ୍ରକ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ୧ ନମ୍ବର କରିବା ପାଇଁ ନୂତନ କମିଟିକୁ ସାଙ୍ଗରେ ନେଇ ଚେଷ୍ଟା କରିବେ ବୋଲି ଅସିତ୍ କହିଛନ୍ତି। ଶାସକ ଦଳ ଭାଜପାକୁ ସେ ସମାଲୋଚନା କରି କହିଛନ୍ତି, ଭଦ୍ରକରେ ବିଶ୍ୱବିଦ୍ୟାଳୟ ଓ ମେଡିକାଲ କଲେଜ ସ୍ଥାପନ କରିବା ନେଇ ଭାଜପା ଭୋଟ୍ ନେଇ ନିର୍ବାଚନ ଜିତିଗଲା। କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କର ପ୍ରତିଶ୍ରୁତି ପୂରଣ ହୋଇପାରି ନାହିଁ। ସେମାନଙ୍କର ଲୋକଙ୍କ ପାଖକୁ ଯିବାର ସାହସ ନାହିଁ। ସେହିପରି ବିଜେଡି ସଙ୍ଗଠନ ମଧ୍ୟ ଜିଲାରେ ଭୁଶୁଡ଼ି ଗଲାଣି। କଂଗ୍ରେସ ଏକମାତ୍ର ଏକ ବିକଳ୍ପ ଭାବେ ଭଦ୍ରକ ନିର୍ବାଚନମଣ୍ଡଳୀରେ ଲୋକଙ୍କ ବିଶ୍ୱାସ ଜିତିବା ସହ ଆଗାମୀ ନିର୍ବାଚନରେ ସଫଳ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାର ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ୨ୟ ସନ୍ଧ୍ୟାରେ ନାଟକ 'ଅପଦାର୍ଥ' ମଞ୍ଚସ୍ଥ

### ନାଟ୍ୟ ମହୋତ୍ସବ



ନାଟକର ଏକ ଦୃଶ୍ୟ।

ଭଦ୍ରକ,୬।୨ (ସନାତନ ରାଉତ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଭଦ୍ରକ ଟାଉନ ହଲ୍‌ରେ ଚାଲିଥିବା ନଟରାଜ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟ ମହୋତ୍ସବର ଗୁରୁବାର ଥିଲା ୨ୟ ସନ୍ଧ୍ୟା। ଦ୍ୱିତୀୟ ଦିବସରେ ବାରିପଦାର ନାଟ୍ୟ ଅନୁଷ୍ଠାନ ରୂପାନ୍ତର ପକ୍ଷରୁ ନାଟକ 'ଅପଦାର୍ଥ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ଓ ପରେଶ ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଅନୁଷ୍ଠାନର ସଭାପତି ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ୨ୟ ସାନ୍ଧ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଗୁଇନ୍ଦା ବିଭାଗର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଳା, ସଂସ୍କୃତିର ମାଟି ଭଦ୍ରକରେ କଳାକୁ ବଞ୍ଚାଇ ରଖିବା ପାଇଁ ଏହା ଏକ ସୁନ୍ଦର ପ୍ରୟାସ ବୋଲି ସେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ଗୌରାଙ୍ଗ ବାରିକ ଓ ସଙ୍ଗୀତ ନିର୍ଦ୍ଦେଶକ କେଶବ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଶିବପ୍ରସାଦ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ବାରିକ, କମଳ ଲୋଚନ ପଣ୍ଡା, ବୃନ୍ଦାବନ ସାହୁ, ଶୁଭେନ୍ଦୁ ସାହୁ, ନିର୍ମଳ ପରିଡ଼ା, ମନୋଜ ମିଶ୍ର ଓ ଭବେଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାର୍ଷିକ ବିଦ୍ୟାର୍ଥୀ ପ୍ରତିଭା ପ୍ରୋତ୍ସାହନ ଉତ୍ସବ

ଭଣ୍ଡାରିପୋଖରୀ,୬।୨ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ସରସଦା ପଞ୍ଚାୟତ ତୁଳସୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ବିଦ୍ୟାର୍ଥୀ ପ୍ରତିଭା ପ୍ରୋତ୍ସାହନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟବକ୍ତା ବିଡିଓ ଦେବଦତ୍ତ ଦାଶ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ରମେଶ ଜେନା, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସିଆର୍‌ସିସି ବିଶ୍ୱରଞ୍ଜନ ଷେଣ୍ଢ, ଶିକ୍ଷାବିତ୍ ଗଦାଧର ସାମଲ, କବି ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ଯୁବନେତା ଲଳିତ ରାଉତ, ସୁରେନ୍ଦ୍ର ପାଲ, ରାମଚନ୍ଦ୍ର ସେନାପତି, ସ୍କୁଲ କମିଟି ସଭାପତି ପ୍ରଭାତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କ ସାମଗ୍ରିକ ବିକାଶ ସକାଶେ ବାର୍ଷିକ ଉତ୍ସବର ଆବଶ୍ୟକତା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ସ୍ୱାଇଁ ସ୍ୱାଗତ ଭାଷଣ ଓ ଶିକ୍ଷକ ରଞ୍ଜନ ଦେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୌଦ୍ଧିକ ଏବଂ ସହ ଶୈକ୍ଷିକ କାର୍ଯ୍ୟରେ ସଫଳ ବିଦ୍ୟାର୍ଥୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ମିନତି ସିଂ ଓ ଶିକ୍ଷକ ପ୍ରମୋଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଉଛି।

## ଭାଜପାରେ ମିଶିଲେ ଶତାଧିକ କର୍ମୀ

### ଦୋବଲରେ ଭାଙ୍ଗିଲା ବିଜେଡି ଦୁର୍ଗ



ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପା କର୍ମକର୍ତ୍ତା ଓ ନୂତନ କର୍ମୀ।

ଧାମନଗର,୬।୨ (ଦେବେନ୍ଦ୍ର ଆଦ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ନିର୍ବାଚନମଣ୍ଡଳୀରେ ଭାଜପାର ମୂଳଦୁଆ ଦୃଢ଼ ହେବାରେ ଲାଗିଛି। ଆଭ୍ୟନ୍ତରୀଣ କନ୍ଦଳ ଓ ନେତୃତ୍ୱ ପ୍ରତି ଅସନ୍ତୋଷ ଯୋଗୁ ବିଜେଡିର ଦୁର୍ଗ କୁହାଯାଉଥିବା ଦୋବଲ ପଞ୍ଚାୟତରେ ଦଳ ଭୁଶୁଡ଼ିବାରେ ଲାଗିଛି। ଶୁକ୍ରବାର ଦୋବଲ, ସୋହଡ଼ା, କରଦା, ଆନନ୍ଦପୁର ଓ ଖଡ଼ିପଦା ଅଞ୍ଚଳରୁ ଶତାଧିକ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଶତାଧିକ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଲୋକ ବିଜେଡି ପ୍ରତି ଥିବା ମୋହ ଭାଙ୍ଗି ଧାମନଗରର ବିକାଶ ପାଇଁ ଏକଜୁଟ ହେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ମିଶ୍ରଣ ପର୍ବରେ ଦୋବଲ ପଞ୍ଚାୟତର ପୂର୍ବତନ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପତି, ଅବସରପ୍ରାପ୍ତ ଏବିଇଓ ଭୋଳାନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ସାହୁ ଓ ଅନ୍ୟ ୨୨ଜଣ ସକ୍ରିୟ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭଦ୍ରକ ଜିଲା ସାଧାରଣ ସମ୍ପାଦକ ଅରବିନ୍ଦ ପତି, ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାର, ଆନନ୍ଦପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପତି, ଏମ୍‌ପି ପ୍ରତିନିଧି ମନୋଜ ମଲିକ, ଦୋବଲ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ପଣ୍ଡା, ପଞ୍ଚାୟତ ସଭାପତି ପ୍ରଦୀପ ପଣ୍ଡା ପ୍ରମୁଖ ବରିଷ୍ଠ ଭାଜପା ନେତା ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

## 'ଶିକ୍ଷା ହେଉଛି ଜୀବନର ସର୍ବୋତ୍ତମ ଧନ'

ଚାନ୍ଦବାଲି,୬।୨ (କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ମଲ୍ଲିଲତା ଦାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ବ୍ୟୋମକେଶ ରାୟ ଯୋଗଦେଇ କହିଥିଲେ, ଶିକ୍ଷା ହେଉଛି ଜୀବନର ସର୍ବୋତ୍ତମ ଧନ। ଶିକ୍ଷା ଦ୍ୱାରା ମଣିଷ ନିଜ ଜୀବନ ସହ ସମାଜ ଓ ଦେଶକୁ ଆଲୋକିତ କରିପାରେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ନିରାକାର ଦାସ ଯୋଗଦେଇ ଶିକ୍ଷା କେବଳ ପୁସ୍ତକୀୟ ଜ୍ଞାନ ନୁହେଁ, ବରଂ ଜୀବନକୁ ଠିକ୍ ଦିଗରେ ନେବାର ଏକ ଶକ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଖାଉଟି ଯୋଗାଣ ନିଗମର ସଭାପତି ପ୍ରତାପ ଚନ୍ଦ୍ର ଧଳ, ସାମାଜିକ କର୍ମୀ ସତ୍ୟାନନ୍ଦ ରାଉତ, ସିଆର୍‌ସିସି ଭାସ୍କର ଦାସ, ସରପଞ୍ଚ ପ୍ରମିଳା ମାଝୀ, ସମିତିସଭ୍ୟ ଶ୍ରୀବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଶଶିକାନ୍ତ ସାହୁ, ପୁରୁଷୋତ୍ତମ ବାରିକ, ଅମୂଲ୍ୟ ଜେନା, ଲକ୍ଷ୍ମୀଧର ରାଉତ ଓ ତ୍ରିଲୋଚନ ସାହୁ ମଞ୍ଚାସୀନ ଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ମଲ୍ଲିଲତା ଦାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

## ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ବିଜୟୀ

### ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବାସୁଦେବପୁର,୬।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଏବି ହାଇସ୍କୁଲ ପଡ଼ିଆରେ ଟାଉନ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃରାଜ୍ୟ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଆୟୋଜିତ ମ୍ୟାଚ୍‌ରେ ୨-୦ ଗୋଲ୍‌ରେ କୋଲକାତା ଟିମ୍‌କୁ ହରାଇ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ବିଜୟୀ ହୋଇଛି। ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ ଭାଗୀରଥି ବଳ, ଅନ୍ୟତମ ଅତିଥି ଭାବେ କାଉନସିଲର କୁନ୍ତଳା ସେଠୀ, ଶିକ୍ଷକ କମଳାକାନ୍ତ ନାୟକ, ଯୁବ ବ୍ୟବସାୟୀ ବିଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ରାଣୀତଲାଓ ହାଇସ୍କୁଲର ବାର୍ଷିକୋତ୍ସବ



ରାଣୀତଲାଓ ହାଇସ୍କୁଲର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ,୬।୨ (ରବିନାରାୟଣ ଖିଲାର)

ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବା ଶିକ୍ଷକମାନଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ପାଠ ପଢ଼ାଇବା ସହ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ମମତା ରଖିବା ଆବଶ୍ୟକ ବୋଲି ବୁଧବାର ଭଦ୍ରକ ବ୍ଲକର ରାଣୀତାଲସ୍ଥିତ ରାଣୀତଲାଓ ହାଇସ୍କୁଲର ବାର୍ଷିକୋତ୍ସବରେ ଅତିଥିମାନେ କହିଛନ୍ତି। ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସେନାପତି, ମୁଖ୍ୟବକ୍ତା ବାଣିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗୀରଥି ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ, ପଞ୍ଚସଖା ଶିକ୍ଷାସେତୁର ସଭାପତି ଗଣେଶ ପ୍ରସାଦ ଦାଶ, କମିଟି ସଭ୍ୟ ରମେଶ ଚନ୍ଦ୍ର ବେହେରା, ପୀତାମ୍ବର ଦାଶ, ତପନ କୁମାର ଜେନା, ବ୍ରଜକିଶୋର ମହାପାତ୍ର, ପ୍ରଦୀପ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମନୋରମା ରାୟ ମଞ୍ଚ ଆହ୍ୱାନ, ସଂଘମିତ୍ରା ସାମଲ ବିବରଣୀ ପାଠ ଓ ଶିକ୍ଷକ ହିମାଂଶୁ ଶେଖର ମଣ୍ଡଳ ମାନପତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏଯାଏ ମରାମତି ହୋଇନି ରାସ୍ତା

### ପାଖେଇ ଆସୁଛି ମହାଶିବରାତ୍ରି



୩୫ ନଂ. ରାଜ୍ୟ ରାଜପଥର ଓଳଗ ନିକଟରେ ଗର୍ତ୍ତ।

ଧୁଷୁରୀ, ୬।୨ (ଦୀପ୍ତିରଞ୍ଜନ ନାୟକ)

ଆଉ ମାତ୍ର ୯ ଦିନ ପରେ ମହାଶିବରାତ୍ରି। ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିକୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟିବ। ହଜାର ହଜାର ଦୁଇଚକିଆ ଓ ଚାରିଚକିଆ ଯାନରେ ଭକ୍ତମାନେ ଆଗମନ କରିବେ। ହେଲେ ଆଖଣ୍ଡଳମଣି-ଭଦ୍ରକ ୩୫ ନଂ. ରାଜ୍ୟ ରାଜପଥରେ ଧାମନଗର ବ୍ଲକର କୁଳସାହିଠାରୁ ଚାନ୍ଦବାଲି ବ୍ଲକର ମଠଡିହ ରାସ୍ତାର ଦୁରବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜାଗର ଉତ୍ସବ ପାଖେଇ ଆସୁଥିବା ବେଳେ ଏଯାଏ ରାସ୍ତା ମରାମତି ହୋଇ ନ ଥିବାରୁ ସ୍ଥାନୀୟ ଓଳଗ, ଦୋହରାପାଟଣା, ସୁନ୍ଦରପୁର ଓ ସାହୁସାହି ଗାଁର ଯୁବକମାନେ ଶୁକ୍ରବାର ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ଶିବରାତ୍ରି ପୂର୍ବରୁ ରାସ୍ତା ମରାମତି ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଡାକ ଯୋଗେ ଅଭିଯୋଗପତ୍ର ପଠାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମହାଶିବରାତ୍ରି ପାଇଁ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାସ୍ତା ମରାମତି ସାରିବା ପାଇଁ ସ୍ଥିର ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନାହିଁ। ଏହି ରାସ୍ତାର କେତେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ ପିଚୁ ଉଠିଯାଇଛି। ଅନ୍ୟ କେତେକ ସ୍ଥାନରେ ରାସ୍ତା ସାରା ଗୋଡ଼ି ପଡ଼ିରହିଛି। ପ୍ରବଳ ମାତ୍ରାରେ ଧୂଳି ଉଡ଼ୁଛି। ସ୍ଥାନୀୟ ଲୋକେ ଓ ବାଇକ୍ ଚାଳକମାନେ ଅତିଷ୍ଠ ହୋଇଗଲେଣି। ଏହି ରାସ୍ତା ଜିଲାର ମୁଖ୍ୟରାସ୍ତା ଓ ପ୍ରତିଦିନ ଏହି ରାସ୍ତା ଦେଇ ବାବା ଆଖଣ୍ଡଳମଣିଙ୍କ ପୀଠକୁ ଶତାଧିକ ଗାଡ଼ି ଯାତାୟାତ କରୁଛି। ଜିଲାପାଳ, ଏସ୍‌ପିଙ୍କଠାରୁ ଆରମ୍ଭ କରି ଜିଲାର ବିଭିନ୍ନ ବିଭାଗ ଅଧିକାରୀ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ବି ସେମାନଙ୍କ ଦୃଷ୍ଟି କିପରି ପଡୁନାହିଁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ୍ ଉଠାଇ ନ ଥିଲେ।

# ଜନଗଣନା ପାଇଁ ଜିଲାସ୍ତରୀୟ ସମୀକ୍ଷା

**କେନ୍ଦୁଝର, ୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**



ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀମାନେ।

ଜନଗଣନା-୨୦୨୭କୁ ସୁଚାରୁରୂପେ ପରିଚାଳନା କରିବା ପାଇଁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ଉମାଶଙ୍କର ସାହୁ, ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ କୁମାର ସେନାପତି 'ଗୃହ ତାଲିକାକରଣ ଓ ଗୃହ ଗଣନା'ର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଜନଗଣନା ବିଷୟ ଉପରେ ତାଲିମ ଦେଇଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ ୧୫ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ସେଲ୍ଫ ଏନ୍ୟୁମେରେସନ, ସାଧାରଣ ଜନତାଙ୍କ ସୁବିଧା ପାଇଁ ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ। ମୋବାଇଲ ଆପ୍ ବ୍ୟବହାର, 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' ସମ୍ପର୍କରେ ସମସ୍ତ ଚାର୍ଜ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳେଇ, ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ଓ ସହକାରୀ ଜିଲାପାଳ ସରୋଜ କୁମାର ମଲ୍ଲିକ କାର୍ଯ୍ୟଧାରା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସମସ୍ତ ତହସିଲଦାର, ପୌର ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟ ସଚେତନତା ଶିବିର


ସ୍ୱାସ୍ଥ୍ୟପରୀକ୍ଷା କରାଯାଉଛି।

**ଯୋଡ଼ା,୬।୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଟାଟାଷ୍ଟିଲ ପ୍ରେକ୍ଷାଳୟଠାରେ ଲେବର ଆଣ୍ଡ ଇଏସ୍ଆଇ ବିଭାଗ ଅଧୀନସ୍ଥ କର୍ମଚାରୀ ରାଜ୍ୟ ବୀମା ଚିକିତ୍ସାଳୟ ବଡ଼ବିଲ ଓ ଯୋଡ଼ାର ମିଳିତ ଆନୁକୁଲ୍ୟରେ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇଏସଆଇ ଡିସପେନ୍ସାରିର ଯୁଗ୍ମ ନିର୍ଦ୍ଦେଶକ ଡା.ସୁରେନ୍ଦ୍ର ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କ୍ରକରସ ଇଣ୍ଡିଆର ମାନବ ସମ୍ବଳ ଅଧିକାରୀ ଚକ୍ରଧର ସ୍ୱାଇଁ, ଚମ୍ପୁଆ ତାରିଣୀ ହସ୍ପିଟାଲର ଡା.ଗଣେଶ୍ୱର ମହାନ୍ତ ଓ ଟାଟାସ୍ପଞ୍ଜ ମାନବ ସମ୍ବଳ ଅଧିକାରୀ ବିବେକ ବଇତଇ ଯୋଗ ଦେଇଥିଲେ। ବଡ଼ବିଲ ଓ ଯୋଡ଼ା ବୀମା ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକାରୀ ଡା. ଚିନ୍ମୟ ସେଶାଦ୍ରି ପାତ୍ର ଓ ଜୁନିଅର ଆସିଷ୍ଟାଣ୍ଟ ଶୁଭ୍ରଜିତ ବଳିଆରସିଂ, ସ୍ୱାସ୍ଥ୍ୟ କର୍ମଚାରୀ ବୀରେନ୍ଦ୍ର ହେମ୍ବ୍ରମ, ଝରଣା ସେଠୀ, ରାଜେନ୍ଦ୍ର କୁମାର ଦଣ୍ଡଆସି, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଏହି ସ୍ୱାସ୍ଥ୍ୟ ଶିବିରର ଆୟୋଜକ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏହି ଶିବିରରେ ତାରିଣୀ ହସ୍ପିଟାଲରୁ ୩ ଜଣ ଡାକ୍ତର ଓ ରାଉରକେଲା ଜୟ ପ୍ରକାଶ ହସ୍ପିଟାଲରୁ ୨ଜଣ ଡାକ୍ତର ଓ ଯୋଡ଼ା ଟାଟାଷ୍ଟିଲ ହସ୍ପିଟାଲରୁ ଜଣେ ଡାକ୍ତର ଆସି ବୀମାରେ ପଞ୍ଜୀକରଣ କରିଥିବା ପ୍ରାୟ ୧୮୪ ଜଣ କାର୍ଡଧାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଇଥିଲା। ଏହି ରାଜ୍ୟ ବୀମା ଚିକିତ୍ସାଳୟରେ ଯୋଡ଼ାର ୪୪୮ ଜଣ, ବଡ଼ବିଲର ୧୫୫୮୮ ବିଭିନ୍ନ ସରକାରୀ ଓ ବେସରକାରୀ କର୍ମଚାରୀ ପଞ୍ଜୀକୃତ ଅଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଛେନାପଦି(ନିରାକାର ପରିଡା)/ ବଞ୍ଜୋ(ପ୍ରଦୋଷ କୁମାର ବିଶ୍ୱାଳ), ୬।୨**

ହାଟଡ଼ିହୀ ବ୍ଲକ ସମଣା ପଞ୍ଚାୟତ ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କଳାକର ଜେନାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇ, ସ୍ୱତନ୍ତ୍ର ଅତିଥି ଭାବେ ଏବିଇଓ ପ୍ରମୋଦ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ନାରାୟଣ ଚନ୍ଦ୍ର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ସ୍ୱାଇଁ, ନିଖିଳ ପ୍ରାଥମିକ ଶିକ୍ଷକ ସଂଘର କେନ୍ଦୁଝର ସଭାପତି ଅଜୟ କୁମାର ଦଳେଇ, ସମଣା କ୍ଲଷ୍ଟରର ସିଆରସିସି ବିନୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବରାଙ୍ଗ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗଣେଶ କୁମାର କୁଅଁର ମଞ୍ଚ ପରିଚାଳନା କରିଥିଲେ। ଚାପୁଣ୍ଡିଆସ୍ଥିତ ଭାଗିରଥି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ନନ୍ଦ ମାନପତ୍ର ପାଠ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜେନାଙ୍କୁ ଛାତ୍ରୀଛାତ୍ର, ସ୍କୁଲ କମିଟି, ଅଭିଭାବକ ଓ ଗ୍ରାମବାସୀ ସମ୍ବର୍ଦ୍ଧନା ପୂର୍ବକ ଅନେକ ଉପହାର ପ୍ରଦାନ କରି ଗାଁ ପରିକ୍ରମା ପରେ ବିଦାୟୀ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍କୁଲ କମିଟି ଚେୟାରମ୍ୟାନ ଲିଲି ନାୟକ, ସମ୍ପାଦକ ପ୍ରଫୁଲ୍ଲ ଡୋରାଙ୍କ ସମେତ କମିଟି ସଭ୍ୟଙ୍କ ମଧ୍ୟରେ ଧୀରେନ୍ଦ୍ର ନାୟକ, ରେଣୁକା ଦାସ, କାଳନ୍ଦୀ ନାୟକ, ଲୋକନାଥ ଡୋରା, ବଳରାମ ଦାସ, ସସ୍ମିତା ଡୋରା, ଦିବାକର ନାୟକ, ଜୟଦେବ ନାୟକ, ମଞ୍ଜୁଲତା ନାୟକ, ଅନୁପମା ନାୟକ, ରଘୁନାଥ ଡୋରା, ମାନସୀ ସେନାପତି ଉପସ୍ଥିତ ଥିଲେ। କମିଟି ସଭ୍ୟ ବଳରାମ ଦାସ, ଲୋକନାଥ ଡୋରା, କାଳନ୍ଦୀ ନାୟକ, ରଘୁନାଥ ଡୋରା ଓ ଧୀରେନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

# ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ ଅର୍ଥ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ


ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିଧିମାନେ।

## ଯୋଡ଼ା ବ୍ଲକ୍ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ

**ଯୋଡା,୬।୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡା ବ୍ଲକ ସଭାଗୃହଠାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଯୋଡା ବିଡିଓ ଡେନିସ ବେହେରା ଉପସ୍ଥିତ ରହି ୧୯ଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀମାନଙ୍କ ସହିତ ଗତ ୨୦୨୧-୨୨ ଆର୍ଥିକ ବର୍ଷର ସମ୍ପୂର୍ଣ୍ଣ ହୋଇ ନ ଥିବା ବିଭିନ୍ନ ଯୋଜନା ଗୁଡ଼ିକର ସମୀକ୍ଷା କରିଥିଲେ। ସେହି ଆର୍ଥିକ ବର୍ଷରେ ୫୧୭ଟି ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ୩ କୋଟି ୫୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନାହିଁ। ଏହି ଅର୍ଥକୁ ପ୍ରକଳ୍ପ ମାଧ୍ୟମରେ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। ଏତଦ୍‌ବ୍ୟତୀତ କାନପୁର ବୃହତ ଜଳ ସେଚନ ପ୍ରକଳ୍ପରେ ବୁଡ଼ି ଅଞ୍ଚଳରେ ଯାଉଥିବା ବିରିକଳା, କଣ୍ଡରା ଓ ଚମକପୁର ଗ୍ରାମ ପଞ୍ଚାୟତର ବିସ୍ଥାପିତ ଗ୍ରାମବାସୀଙ୍କ ନାମ ଭୋଟର ତାଲିକାରୁ ନ କାଟି ଥଇଥାନ ହୋଇ ରହୁଥିବା ଗ୍ରାମର ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ପଞ୍ଚାୟତର ବିଏଲଓ, ସରପଞ୍ଚ, ଏବିଓଙ୍କୁ ବ୍ଲକ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ବିସ୍ଥାପିତମାନେ ଯେପରି ଭୋଟର ତାଲିକାରୁ ବାଦ ନ ପଡ଼ନ୍ତି ସେନେଇ ନିର୍ଭୁଲ ସର୍ଭେ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

**ଢେଙ୍କିକୋଟ,୬।୨ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ପିପିଳିଆସ୍ଥିତ ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୈତାରୀ ମହାନ୍ତ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପିକା ରଶ୍ମିତା ସାହୁ ଆତ୍ମସୁରକ୍ଷା ତାଲିମ ବିଷୟରେ ଉପସ୍ଥିତ ୧୬୪ ଜଣ ଛାତ୍ରୀଙ୍କୁ ସୂଚନା ଦେଇଥିଲେ। ୮ ଦିନ ଧରି ପ୍ରଶିକ୍ଷିକା ସାନ୍ତରାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପତି ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିବେ। ପ୍ରତ୍ୟେହ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଛାତ୍ରୀମାନେ ତାଲିମ ଗ୍ରହଣ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ମହାନ୍ତ, ବିଷ୍ଣୁ ଚରଣ ସାମଲ, ମନୋରଞ୍ଜନ ପଲେଇ, ଡ. ତ୍ରିଲୋଚନ ପଣ୍ଡା, ପଙ୍କଜ କୁମାର ଶତପଥୀ, ଅଧ୍ୟାପିକା ଚନ୍ଦ୍ରିକା ମହାନ୍ତ, ନିବେଦିତା ଶୁକ୍ଲା ଓ ସନ୍ତୋଷ ନାରାୟଣ ସହଯୋଗ କରୁଛନ୍ତି। ମହାବିଦ୍ୟାଳୟର ଶିକ୍ଷା କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।


ତାଲିମ ଗ୍ରହଣ କରୁଥିବା ଛାତ୍ରୀମାନେ।

# ପୋଲିସ ପକ୍ଷରୁ ମନ୍ଦିର ସ୍ଥିତିକୁ ନେଇ ସମୀକ୍ଷା

**ବଉଳା, ୬।୨ (ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ନନ୍ଦିପଦା ଥାନା ପକ୍ଷରୁ ଥାନା ଅଞ୍ଚଳରେ ଥିବା ମନ୍ଦିର ଓ ତାର ସ୍ଥିତି ନେଇ ସମୀକ୍ଷା କରାଯାଇଛି । ନନ୍ଦିପଦା ଥାନାର ଏସ୍ଆଇ ବିନିତା ଲାକ୍ରାଙ୍କ ଅଧ୍ୟକ୍ଷତାରେ ହାବଳେଶ୍ୱର ସରପଞ୍ଚ ରମାକାନ୍ତ ନାୟକ, ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡୀ, ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସଡଙ୍ଗ ସରପଞ୍ଚ ଅନ୍ତର୍ଯ୍ୟାମୀ ଖଣ୍ଡେଇ, ପନ୍ଦାଡୋ ସରପଞ୍ଚଙ୍କ ପ୍ରତିନିଧି ନିକୁ ଓଝା, ଶାସଙ୍ଗ ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ବିଶ୍ୱାଳ, ଅଁରା ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱମ୍ଭର ବେହେରା, ଗେଡମା ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର କାଣ୍ଡୀ, କଳିଗାଁ ସରପଞ୍ଚଙ୍କ ପ୍ରତିନିଧି ପୀତବାସ ଜେନା, ମରେଇଗାଁ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ଜେନା, ଶାଳଣିଆଁ ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ଜେନା, ସୁଲଣ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ମଲ୍ଲିକ, ଡଅଁର ସରପଞ୍ଚଙ୍କ ପ୍ରତିନିଧି ମଣିନାଥ ଜେନା, ଆଇତିପୁର ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ଜେନା, ଆମ ପୋଲିସ ସମିତିର ସଦସ୍ୟ ସୁଧାଂଶୁ ଦକ୍ଷିଣରାୟ, କିଶୋର ଆଚାର୍ଯ୍ୟ, ଦୁଃଶାସନ ସାହୁ, କୃଷ୍ଣଚନ୍ଦ୍ର ଜେନା, ବିରେନ୍ଦ୍ର ବିଶ୍ୱାଳ, ପ୍ରମୋଦ ନାୟକ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଗ୍ରାମରେ ଥିବା ମନ୍ଦିର ଓ ତାର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତି ପଞ୍ଚାୟତରେ କେତୋଟି ମନ୍ଦିର ଅଛି, ସେଗୁଡିକର ସ୍ଥିତ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଦୁଇଦିନ ମଧ୍ୟରେ ପଞ୍ଚାୟତଗୁଡିକରେ ଥିବା ମନ୍ଦିରଗୁଡିକର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ସରପଞ୍ଚ ଓ ସରପଞ୍ଚଙ୍କ ପ୍ରତିନିଧିମାନେ ସହମତି ଜଣାଇଥିଲେ । ପୋଲିସର ଏଭଳି ପଦକ୍ଷେପକୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ପ୍ରଶଂସା କରିଥିଲେ।



ନନ୍ଦିପଦା ପୋଲିସ ପକ୍ଷରୁ ଗ୍ରାମରେ ଥିବା ମନ୍ଦିର ଓ ତାର ସ୍ଥିତିକୁ ନେଇ ସମୀକ୍ଷା।

# ଧାନମଣ୍ଡି ପରିଦର୍ଶନକଲେ ଭାଜପା ନେତା

**କେନ୍ଦୁଝର, ୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଶୁକ୍ରବାର କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅଧୀନ ପିପିଲିଆ, ପଣ୍ଡାପଡ଼ା ଏବଂ ସଦର ବ୍ଲକର ନରଣପୁର, ପଳାଶପଙ୍ଗା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ସେ ଚାଷୀମାନଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମିଲରମାନେ ଧାନ ପରିବହନ ପାଇଁ ମଣ୍ଡିକୁ ଗାଡ଼ି ଯୋଗାଇବାରେ ଅବ୍ୟବସ୍ଥା କରୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସେମାନେ ସଫାସୁତୁରା ଓ ଶୁଖିଲା ଧାନ ଦେଉଥିଲେ ମଧ୍ୟ କୁଇଣ୍ଟାଲ ପ୍ରତି ୫ କିଲୋ କଟ୍‌ନିଛଟନି କରାଯାଉଥିବା ଚାଷୀମାନେ ପ୍ରକାଶ କରିଥିଲେ। ଚଳିତବର୍ଷ ଖରିଫ ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛତା ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀମାନେ ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ପ୍ରାପ୍ୟ ଆସିବ ବୋଲି ଭାଜପା ନେତା ସାହୁ କହିଥିଲେ। ଧାନ କିଣାରେ ମିଲର କିମ୍ବା ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନ କଲେ, କଟ୍‌ନିଛଟ୍‌ନି ନେଇ ଅଭିଯୋଗ ହେଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। କିଛି ଅସାଧୁ ବ୍ୟକ୍ତି ସରକାରଙ୍କୁ ବଦ୍‌ନାମ କରିବା ପାଇଁ ଚକ୍ରାନ୍ତ କରି ଏଭଳି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପରିଦର୍ଶନ ସମୟରେ ପ୍ରାଣବନ୍ଧୁ ସାହୁ, କୈଳାଶ ଚନ୍ଦ୍ର ନାୟକ, ବିଷ୍ଣୁପଦ ବେହେରା, ମନୋରଞ୍ଜନ ମହାନ୍ତି, ଅଧିକାରୀ ନାୟକ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ତରମାକାନ୍ତ ଟା ବଗିଚା ପରିଚାଳନା କମିଟି ଗଠିତ

**କେନ୍ଦୁଝର, ୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଭୂୟାଁ ସାଂସ୍କୃତିକ ସଂଗଠନର ସଭାପତି ଶ୍ୟାମସୁନ୍ଦର ନାଏକଙ୍କ ସଭାପତିତ୍ୱରେ ଶୁକ୍ରବାର ପୂର୍ବାହ୍ନରେ ତରମାକାନ୍ତ ଟା ବଗିଚା ପୁନରୁଦ୍ଧାର ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଂଶପାଳ ମଣ୍ଡଳର ଲୋକସଭା ପ୍ରତିନିଧି ପ୍ରହ୍ଲାଦ ମହାକୁଡ଼, ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ, ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା, ଯାତ୍ରା ପଞ୍ଚାୟତର ସମିତିସଭ୍ୟ ସଞ୍ଜୟ ଶେଖର ଗିରି ପ୍ରମୁଖ ଯୋଗ ଦେଇଥିଲେ। ଟା ବଗିଚା ପୁନରୁଦ୍ଧାର ନିମନ୍ତେ ଏକ ୨୫ ଜଣିଆ କମିଟି ଗଠନ କରାଯିବା ସହ ୯ ଜଣଙ୍କୁ ସରକାରୀ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ପାଇଁ ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଗୁରୁଚରଣ ମହାନ୍ତ, ଉପସଭାପତି ଭାବେ ମଧୁସୂଦନ ପ୍ରଧାନ ଓ ଶୁକ୍ରା ମୁଣ୍ଡା ଚୟନ ହୋଇଛନ୍ତି। ସମ୍ପାଦକ ଭାବେ ସଞ୍ଜୟ ଶେଖର ଗିରି, ସହସମ୍ପାଦକ ଚିନ୍ତାମଣି ଦେହୁରୀ ଓ କୋଷାଧ୍ୟକ୍ଷ ଭାବେ ବିନୟ ଦେବ ସିଂହଙ୍କୁ ମନୋନୀତ କରାଯାଇଛି। ଲୋକସଭା ଓ ବିଧାନସଭା ପ୍ରତିନିଧିଙ୍କ ସହ ୧୧ ଗ୍ରାମରୁ ୨ଜଣ ଲେଖାଏ ସଭ୍ୟ କମିଟିରେ ଅଛନ୍ତି। ତେବେ ବାହାର ଲୋକଙ୍କୁ ପ୍ରଶ୍ରୟ ନ ଦେବା ପାଇଁ ବୈଠକରେ ସିଦ୍ଧାନ୍ତ ହୋଇଛି।

# କେନ୍ଦେଇପୋଷି ପିଏମଶ୍ରୀ ହାଇସ୍କୁଲର ବାର୍ଷିକୋତ୍ସବ

**ପାଟଣା,୬।୨ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପୋଷି ସ୍ଥିତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ (ଡିଏସଓ) ପରମେଶ୍ୱର ସାମଲ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଛାତ୍ରୀଛାତ୍ର ମାନଙ୍କର ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ପାଲାଗାୟକ କୈଳାସ ଚନ୍ଦ୍ର ବାରିକ ଯୋଗଦେଇ ବିଦ୍ୟାଳୟର ଐତିହ୍ୟ ଏବଂ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଉପରେ ମତପ୍ରକାଶ କରିଥିଲା। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ନାଏକ, ସମିତି ସଭ୍ୟ ପ୍ରଦୀପ କୁମାର ନାଏକ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିବ୍ୟଲୋଚନ ସାହୁ, ପଞ୍ଚଶଖା ଶିକ୍ଷା ସେତୁର ସଭାପତି ନନ୍ଦ କିଶୋର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ରାମ ନାରାୟଣ ମୁଖାର୍ଜୀ, କୀର୍ତ୍ତନ ବିହାରୀ ମହାନ୍ତ, ଟାଙ୍ଗରପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମକରଧ୍ୱଜ ମହାନ୍ତ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଖବରଦାତା ସନ୍ତୋଷ କୁମାର ପତି ଏବଂ ବିଜୟ କୁମାର ମହାନ୍ତଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଭାଷ୍ୟକାର ପାର୍ଥ ସାରଥୀ ବେଜ ସଂଯୋଜନା କରିଥିଲେ। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।


ଖବରଦାତା ସନ୍ତୋଷ କୁମାର ପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ୧୨ ଗାଁକୁ ପାନୀୟ ଜଳ ଯୋଗାଣ ବନ୍ଦ

## ସ୍ଲରି ପାଇପ କାର୍ଯ୍ୟ ବେଳେ ଫାଟିଲା ଜଳ ଯୋଗାଣ ପାଇପ୍

**ଯୋଡ଼ା,୬।୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ଜରିବାହାଲଠାରେ ଏଏମଏନଏସ କମ୍ପାନୀର ବେପରୁଆ ସ୍ଲରି ପାଇପ୍ ଲାଇନ କାର୍ଯ୍ୟ ଯୋଗୁ ଗ୍ରାମାଞ୍ଚଳ ଜଳ ଯୋଗାଣ ସଂସ୍ଥାର ମେଗା ପ୍ରକଳ୍ପ ପାଇପ ଫାଟିଛି। ଏଥିପାଇଁ ୧୨ଟି ଗାଁକୁ ଶୁକ୍ରବାରଠାରୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଫାଟି ଥିବା ପାଣି ପାଇପର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

ସୂଚନା ଅନୁଯାୟୀ, ଯୋଡା ବ୍ଲକର ବିଭିନ୍ନ ଗ୍ରାମକୁ ବେଲଦାଠାରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ପାଇପ ଯୋଗେ ଜଳ ଯୋଗାଣ କରାଯାଉଛି। ଜରିବାହାଲଠାରେ ରାସ୍ତା କଡ଼ରେ ମାଟି ଖୋଳି ଉକ୍ତ କମ୍ପାନୀ ଦ୍ୱାରା ସ୍ଲରି ପାଇପ ବିଛାଇବ। କାର୍ଯ୍ୟ କରୁଥିବା ବେଳେ ମେସିନ ଯୋଗେ ପାଣି ପାଇପକୁ ଫଟାଇ ଦିଆଯାଇଛି। ଏହାଦ୍ୱାରା ଭଦ୍ରାସାହି ପଞ୍ଚାୟତର ୩ ଗ୍ରାମ, ସେରେଣ୍ଡା ପଞ୍ଚାୟତର ୩ ଗ୍ରାମ, ବୋଲାଣି ପଞ୍ଚାୟତର ୩ ଗ୍ରାମ,ଭୂୟାଁ ରୋଇଡା ପଞ୍ଚାୟତର ୨ ଗ୍ରାମ ଓ ଜଜାଙ୍ଗ ପଞ୍ଚାୟତର ଗୋଟିଏ ଗ୍ରାମକୁ ଶୁକ୍ରବାରଠାରୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଏ ନେଇ ବିଭାଗ ପକ୍ଷରୁ ଥାନାରେ ଏତଲା ଦିଆଯିବ ବୋଲି ସୂଚନା ମିଳିଛି। ପୂର୍ବରୁ ମଧ୍ୟ ଏହି କମ୍ପାନୀ ଜରିବାହାଲ ସହିତ ନୟାଗଡ, ନାଇବୁଗାଠାରେ ଜଳ ଯୋଗାଣ ପାଇପ ଫଟାଇ ଥିବାରୁ ଏବଂ ମରାମତି ଦିଗରେ ଦୃଷ୍ଟି ଦେଇ ନ ଥିବାରୁ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜଳ ଯୋଗାଣ ବନ୍ଦ ହୋଇଥିଲା। ଜରିବାହାଲଠାରେ ପୂର୍ବରୁ ଏହିପରି ପାଇପ ଫଟାଇ ଥିବାରୁ ବିଭାଗ ପକ୍ଷରୁ ବାମେବାରି ଥାନାରେ ଲିଖିତ ଏତଲା ଦିଆ ଯାଇଥିଲା ।

ପ୍ରକାଶଯୋଗ୍ୟ, ଗତ ୪ବର୍ଷରୁ ଊର୍ଦ୍ଧ୍ୱ ହେବ ତତ୍କାଳୀନ ସରକାର ସମୟରେ ସରକାରୀ ଅନୁମତି ନେଇଥିବା ଦର୍ଶାଇ ଏହିପରି ବିଭିନ୍ନ ଶିଳ୍ପ ସଂସ୍ଥା ରୁମୁଳି-ରାଜାମୁଣ୍ଡା ଜାତୀୟ ରାଜପଥ ଏବଂ ଯୋଡା-ବାମେବାରି ରାଜ୍ୟ ରାଜପଥ କଡ଼ରେ ରାସ୍ତା ଖୋଳି ସ୍ଲରି ପାଇପ ଲାଇନ ବିଛଇବା କାର୍ଯ୍ୟ କରୁଛନ୍ତି। ଏ ନେଇ ବିଭିନ୍ନ ସମୟରେ ଲୋକେ ବିରୋଧ କରି ଏହାକୁ ବନ୍ଦ କରିବା ପାଇଁ ଦାବି କରି ଆସୁଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷିତ ଭାବେ ସ୍ଲରି ପାଇପ ଲାଇନ ବିଛଇବା ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆ ଯାଇଥିଲା। ମାତ୍ର କୌଣସି ଶିଳ୍ପ ସଂସ୍ଥା ପ୍ରଶାସନର ନିର୍ଦ୍ଦେଶକୁ ମାନୁ ନାହାନ୍ତି। ଶିଳ୍ପ ସଂସ୍ଥା ପ୍ରତି ପ୍ରଶାସନର ପରୋକ୍ଷରେ ଅହେତୁକ ଅନୁକମ୍ପା ଯୋଗୁ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି।


ଫାଟି ଯାଇଥିବା ଜଳ ଯୋଗାଣ ପାଇପ୍।

## ସଂକ୍ଷେପରେ

### ଆରମ୍ଭ ହେଲା ରାଇବଣିଆ ଲୋକ ମହୋତ୍ସବ

ଜଳେଶ୍ୱର, ୬।୨ (ନବୀନ ସାହୁ)

୧୫ ତମ ରାଇବଣିଆ ଲୋକ ମହୋତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ଅପରାହ୍ଣ ୪ଟାରେ ଗଡ଼ଚଣ୍ଡୀ ମନ୍ଦିର ପାଖରୁ ମଶାଲ ଶୋଭାଯାତ୍ରା ବାହାରି ରାଇବଣିଆ ଜଗନ୍ନାଥମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରୁ ସନ୍ଧ୍ୟା ୬ଟାରେ ବାହାରି ମଞ୍ଚ ନିକଟରେ ପହଞ୍ଚିଥିଲା। ଉଦ୍‌ଘାଟକ ତଥା ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରାକ୍ତନ ପ୍ରାଧାପକ ଡ .ଅଚ୍ୟୁତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ହାତୀଗଡ଼ ହସ୍ପିଟାଲର ମୁଖ୍ୟ ଚିକିତ୍ସାକାରୀ ଭୀଷ୍ମ ଚରଣ ପରିଡା, ପ୍ରାକ୍ତନ ପ୍ରାଧାପକ ଡ. ମମତା ଚାନ୍ଦ, ବରଡ଼ିହା ସରପଞ୍ଚ ଅଜୟ କୁମାର୍ ମହାନ୍ତି ମଞ୍ଚରେ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହେଇଥିଲା। ସୁକୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିଲେ। ଲୋକ ମହୋତ୍ସବ କମିଟି ସମ୍ପାଦକ ଦିଲୀପ କୁମାର୍ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ରାଇବଣିଆ ଲୋକ ମହୋତ୍ସବକୁ ବାଲୁକା ଶିଳ୍ପୀ ଅଜୟ ଘୋଷ ରଙ୍ଗୋଲି ମାଧ୍ୟମରେ ଚିତ୍ର ପ୍ରଦର୍ଶନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ୧୦ଦିନ ଧରି ଚାଲିବ।

# ନୀଳଗିରି ପଥରକୁ ମିଳିବ ଜିଆଇ ମାନ୍ୟତା

## ସରିଲା ରାମ୍ପ କର୍ମଶାଳା

ବାଲେଶ୍ୱର, ୬।୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ୍ କମର୍ସ (ବିସିଆଇସି) ଠାରେ ଶୁକ୍ରବାର ରପ୍ତାନୀ ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ) ଆନୁକୂଲ୍ୟରେ 'ଏମ୍ଏସ୍ଏମ୍ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା (ରାମ୍ପ)' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହା ଏମ୍ଏସ୍ଏମ୍ଇ ଉପରେ ପ୍ରଚାର ଏବଂ ସଚେତନତା ଅଭିଯାନ ଅଟେ। ଭୌଗୋଳିକ ସଙ୍କେତ ପ୍ରମାଣପତ୍ର ଏବଂ ଏମ୍ଏସ୍ଏମ୍ଇ କ୍ଷମତା ନିର୍ମାଣ ଉପରେ ସଚେତନତାକୁ ସୁଦୃଢ଼ କରିବା ଦିଗରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କାରିଗର, ଉଦ୍ୟୋଗୀ, ଶିଳ୍ପ ଅଂଶୀଦାର ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଡିଆଇସି ଜିଏମ୍ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ପାରମ୍ପରିକ କାରିଗର ସମ୍ପ୍ରଦାୟକୁ ସୁଦୃଢ଼ କରିବା ପାଇଁ ସଂସ୍ଥାଗତ ସହାୟତା, ସଚେତନତା ଏବଂ ବଜାର ସଂଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଚଟିଏଚ ବିଭାଗ ଆଇସିଏସ ଆର୍ଯ୍ୟ ଅଂଶୁମାନ ବଳବନ୍ତରାୟ ଯୋଗଦେଇ ପାରମ୍ପରିକ ହସ୍ତଶିଳ୍ପ ସଂରକ୍ଷଣ, ଉତ୍ପାଦ ବିଶ୍ୱସନୀୟତା ବୃଦ୍ଧି ଏବଂ କାରିଗରମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ଉନ୍ନତ କରିବାରେ ଜିଆଇ ପ୍ରମାଣପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଆଇ ପରାମର୍ଶଦାତା ଡ. ପାୟୋଧର ପାଢ଼ୀ ଜିଆଇ ପ୍ରାଧିକରଣ ଉପଭୋକ୍ତା ପ୍ରମାଣପତ୍ର ପ୍ରକ୍ରିୟା, ଏହାର ଲାଭ ଏବଂ କାରିଗର, ଉଦ୍ୟୋଗୀମାନଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଆଗାମୀ କମ୍ ଦିନ ମଧ୍ୟରେ ବାଲେଶ୍ୱର ଜିଲାର ନୀଳଗିରି ପଥରକୁ ଜିଆଇ ମାନ୍ୟତା ମିଳିଯିବ ବୋଲି ସେ କହିଥିଲେ। ନୀଳଗିରି ପଥରରେ ନିର୍ମିତ ବାସନ, ମୂର୍ତ୍ତି ଓ ମନ୍ଦିର ବିଷୟରେ ସେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବ୍ଲକଚେନ ଟେକ୍ନୋଲୋଜି ମାନ୍ୟତା ବିଷୟରେ ମଧ୍ୟ ସେ ସମ୍ୟକ ଧାରଣା ଦେଇଥିଲେ। ବୈଷୟିକ ଅଧିବେଶନ ପରେ ପ୍ରସିଦ୍ଧ ନୀଳଗିରି ପଥର ଖୋଦନ କାରିଗର ଗୋଲକ ପାତ୍ର ଜିଆଇ ମାନ୍ୟତାର ମୂଲ୍ୟ ଏବଂ ପାରମ୍ପରିକ କାରିଗରୀଙ୍କୁ ସ୍ଥାୟୀ କରିବା ଏବଂ ବଜାର ସୁଯୋଗ ବିସ୍ତାର କରିବା ଉପରେ ଏହାର ପ୍ରଭାବ ଉପରେ ତାଙ୍କର ବ୍ୟବହାରିକ ଅଭିଜ୍ଞତା ବାଣ୍ଟିଥିଲେ। ସିନିୟର ସାଇଣ୍ଟିଫିକ ଅଫିସର ଚନ୍ଦନ କୁମାର ମାତୀ ଧନ୍ୟବାଦ ଦେଇଥିଲେ।



ଉଦ୍ୟୋଗୀ, କାରିଗରଙ୍କ ସହ ଅତିଥିଗଣ।

# ଶିକ୍ଷା ବ୍ୟକ୍ତିର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ଶ୍ରୀମାଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ବାଲିଆପାଳ, ୬।୨ (ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ଖଗଡାପାଳ ଗ୍ରାମରେ ଥିବା ଶ୍ରୀମାଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ଯୋଗଦେଇ ପ୍ରକୃତ ଶିକ୍ଷା କେବଳ ବୌଦ୍ଧିକ ଜ୍ଞାନ ପ୍ରଦାନ କରେ ନାହିଁ ବରଂ ଜଣେ ବ୍ୟକ୍ତିର ବୁଦ୍ଧିମତାର ପରିସରକୁ ପରିବ୍ୟାପ୍ତ କରି, ମସ୍ତିଷ୍କର କ୍ଷମତାକୁ ବୃଦ୍ଧି କରି ଆତ୍ମନିର୍ଭରଶୀଳ ଏବଂ ମାନସିକ ଭାବରେ ମଧ୍ୟ ଦୃଢ଼ କରିଥାଏ। ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠ୍ୟଚକ୍ର କାର୍ଯ୍ୟକ୍ରମରୁ ବାର୍ଷିକ ଉତ୍ସବ ଆରମ୍ଭ ହୋଇ ପୁରସ୍କାର ବିତରଣ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ଝଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାତୃପ୍ରେମୀ ଲକ୍ଷ୍ମଣ ସେନାପତି, ମାତୃ ପ୍ରେମୀ ରାମ ଭାଇ, ମାତୃପ୍ରେମୀ ନରେନ୍ଦ୍ର ଭାଇ, ମାତୃ ପ୍ରେମୀ କରୁଣାକର ବେହେରା, ସଙ୍ଗୀତକାର ତଥା ହେଲଥ ସୁପରଭାଇଜର ରାମନାଥ କର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପ୍ରଧାନ ଶିକ୍ଷକ ବିନୋଦ କୁମାର ପରିଡ଼ା ଅତିଥିଙ୍କୁ ମଞ୍ଚ ଆହ୍ୱାନ, ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଜୈବ ବିବିଧତା ବଜାୟ ପାଇଁ ଶପଥ ପାଠ




ସଚେତନତା କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତା।

## ଜଙ୍ଗଲ ଅଗ୍ନିକାଣ୍ଡ ରୋକିବା ଦିଗରେ ସଚେତନତା

ବାଲେଶ୍ୱର, ୬।୨ (ବାଞ୍ଛାନିଧି ଦେ)

ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଙ୍ଗଠନ ମୁନ କମ୍ୟୁନିକେଶନ ତରଫରୁ ଗୁରୁବାର ଖରାଦିନେ ଜଙ୍ଗଲକୁ କିପରି ଅଗ୍ନିକାଣ୍ଡରୁ ରକ୍ଷା କରାଯାଇ ପାରିବ ସେ ଦିଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନ କମ୍ୟୁନିକେସନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଏକ ସାଇକେଲ ଶୋଭାଯାତ୍ରା ଚାନ୍ଦିପୁର ବନାଞ୍ଚଳ ପାର୍ଶ୍ୱରେ ଥିବା ରଣସାହି, ହିଡିଗାଁ, ଗୁଡୁପାହି, ଓ ବର୍ଦ୍ଧନପୁର ଗ୍ରାମ ପରିକ୍ରମା କରିଥିଲା। ଅତିଥି ଭାବେ ପରିବେଶ କର୍ମୀ ସବିତା ନାୟକ, ମୂରଲୀଧର ମହାନ୍ତି, ମନୋରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଜଙ୍ଗଲ ଭିତରେ ଜାଳେଣି ସଂଗ୍ରହ କରୁଥିବା ଲୋକମାନେ ବିଭିନ୍ନ ସମୟରେ ଧୂମ୍ରପାନ କରୁଥିବାରୁ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ଥାଏ। ଏଣୁ ଜଙ୍ଗଲ ଭିତରେ ଧୂମ୍ରପାନ ନ କରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଥିଲା। ଜଙ୍ଗଲ ପାର୍ଶ୍ୱରେ ଥିବା କ୍ଷେତରେ ଶସ୍ୟ ଅମଳ ପରେ ବଳିପଡୁଥିବା କୁଟାକୁ ନିଆଁ ଲଗାଇବା ଦ୍ୱାରା ପାର୍ଶ୍ୱରେ ଥିବା ଜଙ୍ଗଲରେ ନିଆଁ ଲାଗିବା ସହ ଅନେକ ପଶୁପକ୍ଷୀ, ଜୀବଜନ୍ତୁ, ବୃକ୍ଷଲତା ପୋଡି ଯାଇଥାନ୍ତି। ଏହା ଆମର ଜଙ୍ଗଲ ଓ ପରିବେଶ ପାଇଁ କ୍ଷତିକାରକ। ଏଣୁ କ୍ଷେତରେ ଥିବା କୁଟାରେ ନିଆଁ ନ ଲଗାଇବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥଲା। ଶେଷରେ ଜୈବବିବିଧତା ବଜାୟ ରଖିବାକୁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ତ୍ତିକ ଚନ୍ଦ୍ର ନାୟକ, ସନ୍ତୋଷ କୁମାର ନାୟକ, ଅମ୍ବିକା ପ୍ରସାଦ ନାୟକ, କରୁଣାକର ଜେନା, ରେବତୀ ମଲ୍ଲିକ ଓ ଶୁଚିସ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ।

## ୨ ବ୍ୟବସାୟୀଙ୍କ ପରଲୋକ

ବାହାନଗା, ୬। ୨ (ଅରୂପ କୁମାର ଦାସ)

ବାହାନଗା ବ୍ଲକ ଗୋପାଳପୁର ବଜାର ଓ ଜୁଣିଆଁ ବଜାରର ୨ ବ୍ୟବସାୟୀଙ୍କ ପରଲୋକ ହୋଇଛି। ଗୋପାଳପୁର ପଞ୍ଚାୟତ ଜୁଣିଆଁ ବଜାର ବ୍ୟବସାୟୀ ସୁଦୀପ କୁମାର ନାୟକ (୪୫)ଙ୍କର ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ସେହିପରି ଗୋପାଳପୁର ବଜାରର ବରିଷ୍ଠ ବ୍ୟବସାୟ ଘନଶ୍ୟାମ ଖଣ୍ଡେଲୱାଲ (୭୫)ଙ୍କ ଗୁରୁବାର ସକାଳେ ମୃତ୍ୟୁ ହୋଇଥିଲା। ଗୋପାଳପୁରସ୍ଥିତ ବାସଭବନରେ ବସିଥିବା ବେଳେ ଘନଶ୍ୟାମ ଅସୁସ୍ଥ ହୋଇ ଟଳିପଡିଥିଲେ। ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଗୋପାଳପୁର ପଞ୍ଚାୟତର ଫତେପୁର ଗ୍ରାମର ସୁଦୀପ ନାୟକ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଘନଶ୍ୟାମଙ୍କ ବିୟୋଗରେ ମା' କାଳୀ ବ୍ୟବସାୟୀ ସଂଘ ପକ୍ଷରୁ ଗୁରୁବାର ଅପରାହ୍ଣଠାରୁ ଗୋପାଳପୁର ମାର୍କେଟ ବନ୍ଦ ରଖାଯାଇଛି। ତାଙ୍କର ଶେଷ ଦର୍ଶନ ପାଇଁ ସ୍ଥାନୀୟ ବିଧାୟକ ମାଧବ ଧଡ଼ାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଓଲିଉଡ୍ କଳାକାରଙ୍କ ନାଚଗୀତରେ କମ୍ପିବ ଗାଁଦାଣ୍ଡ




ପ୍ରେସମିଟ୍‌ରେ ମଞ୍ଚସୀନ ଅତିଥି।

## ୮ରୁ ବାରିଙ୍ଗିଆ ମହୋତ୍ସବ

ଖଇରା, ୬।୨ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ବାରିଙ୍ଗିଆ ଗ୍ରାମର ବହୁଚର୍ଚ୍ଚିତ ବାରିଙ୍ଗିଆ ମହୋତ୍ସବ ଆସନ୍ତା ୮ତାରିଖରୁ ଆରମ୍ଭ ହୋଇ ୧୩ତାରିଖରେ ଶେଷ ହେବ। ୬ଦିନ ଧରି ଓଡିଶାର ଖ୍ୟାତିସମ୍ପନ୍ନ କଳାକାରମାନେ ଏଥିରେ ଯୋଗଦେଇ ହସକାନ୍ଦର ଖୋରାକ ଯୋଗାଇବେ। ଏହାଛଡା ଯାତ୍ରା କଳାକାର, ନେତୃବୃନ୍ଦ, ସାହିତ୍ୟିକ, କବି ଦର୍ଶକଙ୍କୁ ଉଦ୍‌ବୋଧନ ଦେବେ। ସ୍ଥାନୀୟ କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟଗୀତ ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗୀ ତଥା ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ତଥା ପ୍ରେସମିଟ ୪ତାରିଖରେ ମହୋତ୍ସବ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଶରତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କମିଟି ସଭାପତି ବିଭୂତି ଭୂଷଣ ମାହାନା, ମିତା ସେଠୀ, ଶମ୍ଭୁନାଥ ମାହାନା, ସୁରେନ୍ଦ୍ର ବାରିକ, ଦିବାକର ଗିରି, ପରେଶ ମହାନ୍ତି ଓ କାଶିନାଥ ସାହୁ ପ୍ରମୁଖ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଉଦ୍ଧାର ହେଲେ ୨୭ ଗୋରୁ



ସୋର, ୬।୨ (ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ରେଳ ତଳନଗର ଓଭରବ୍ରିଜ ନିକଟରେ ଏକ ଗୋରୁ ବୋଝେଇ ଟ୍ରକ ଜବତ କରାଯିବା ସହିତ ଏଥିରେ ଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି।

ଶୁକ୍ରବାର ସକାଳେ ଏକ ଟ୍ରକ (ନଂ. ଓଡି ୦୫ ବିଭି ୭୬୦୯) ଭଦ୍ରକରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଆଗରେ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଗାଡିକୁ ଛାଡି ଚାଳକ ଓ ହେଲପର ଫେରାର ହୋଇଯାଇଥିଲେ। ଗାଡିଟି ସେଠାରେ ଅଟକି ରହିଥିଲା। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ପହଞ୍ଚି ଗାଡିକୁ ଯାଞ୍ଚ କରିବା ପରେ ଏଥିରେ ଗୋରୁ ଥିବା ଜାଣିବାକୁ ପାଇ ସୋର ପୋଲିସକୁ ଖବର ଦେଇଥିଲା। ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏଥିରେ ଆନୁମାନିକ ଭାବେ ଲଦା ହୋଇ ବାହାରକୁ ଚାଲାଣ ହେଉଥିବା ୨୭ଟି ଗୋରୁଙ୍କୁ ଉଦ୍ଧାର କରିବା ବେଳେ ଗୋଟିଏ ଗୋରୁ ମୃତ୍ୟୁ ହୋଇଥିଲା। ଗୋରୁଗୁଡିକୁ ରେମୁଣା ବାମପଦାରେ ଥିବା ଗୋଶାଳାରେ ଛାଡ଼ାଯାଇଥିବା ଜଣାପଡିଛି।

# ରେମୁଣା ଉପ ନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ସହ ଅଧିକାରୀଗଣ।

ବାଲେଶ୍ୱର, ୬।୨ (ବାଞ୍ଛାନିଧି ଦେ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଭର୍ଚୁଆଲ୍ ମୋଡ୍‌ରେ ସମଗ୍ର ରାଜ୍ୟରେ ୫୭ଟି ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ଜିଲା ଅନ୍ତର୍ଗତ ରେମୁଣା ଉପ ନିବନ୍ଧନ କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟିତ ହୋଇଛି। ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହଙ୍କ ସମେତ ଜିଲା ରେଜିଷ୍ଟ୍ରାର, ଜିଲା ସବ୍-ରେଜିଷ୍ଟ୍ରାର, ସହାୟକ ଜିଲାପାଳ ଓ ଡେପୁଟି -ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କାର୍ଯ୍ୟାଳୟ ଆରମ୍ଭ ହେବାରୁ ସାଧାରଣ ଲୋକଙ୍କର ସମୟ ଓ ଖର୍ଚ୍ଚ ହ୍ରାସ ପାଇବା ସହ ଦ୍ରୁତ, ସ୍ୱଚ୍ଛ ଓ କାର୍ଯ୍ୟକ୍ଷମ ସେବା ନିଶ୍ଚିତ ହେବ ବୋଲି ବିଧାୟକ ଦାସ ଓ ଦତ୍ତ ବକ୍ତବ୍ୟରେ କହିଥିଲେ। ଏହାସହିତ ରାଜ୍ୟ ସରକାରଙ୍କ ରେଭେନ୍ୟୁ ବିଭାଗ ପକ୍ଷରୁ 'ଆମ ସାଥୀ' ନାମକ ଏକ ହ୍ୱାଟସ୍ଆପ୍ ଚାଟ୍‌ବଟ୍ ଆରମ୍ଭ କରାଯାଇଛି।

## ଅବକାରୀ ଚଢ଼ାଉ: ୩ ଗିରଫ

ଭୋଗରାଇ, ୬।୨ (ପ୍ରଦୀପ ଦାସ)

ବାଲେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶଶୀକାନ୍ତ ଦତ୍ତଙ୍କ ନିର୍ଦ୍ଦେଶକ୍ରମେ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢାଉ କରାଯାଇ ୪୮ ଲିଟର ଚୋରା ଦେଶୀ ମଦ ସହିତ ୩ ଜଣ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଦହମୁଣ୍ଡା ଗ୍ରାମର ମଧୁମିତା ପଣ୍ଡା, ଉଲୁଡ଼ା ଗ୍ରାମର ମଞ୍ଜୁଲତା ପାଳ, ଭୋଗରାଇ ଗ୍ରାମର ପଦ୍ମଲୋଚନ ବେହେରା। ଏନେଇ ଅବକାରୀ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଭୋଗରାଇ ଅବକାରୀ ଅଧିକାରୀ ସୁନୀଲ କୁମାର ମାଝିଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀଙ୍କ ଘନ ଘନ ଚଢ଼ାଉ ଯୋଗୁ ମଦ ବେପାରୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଚଢ଼ାଉରେ ଏଏସ୍ଆଇ କନଷ୍ଟେବଲ ବ୍ରହ୍ମଜିତ ଦାସଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ।

# ବ୍ଲକ୍ ଅଚଳାବସ୍ଥା ନେଇ ବୈଠକକୁ ଲୋକପ୍ରତିନିଧିଙ୍କ ବର୍ଜନ



ବିଡ଼ିଓଙ୍କ ସହିତ ସରପଞ୍ଚ ଓ ସମିତିସଭ୍ୟମାନେ।

ଔପଦା, ୬।୨ (ଧରିତ୍ରୀ ପଣ୍ଡା)

ଔପଦା ବ୍ଲକର ଉନ୍ନୟନମୂଳକ କାମରେ ଅଚଳାବସ୍ଥାକୁ ନେଇ ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଡକାଯାଇଥିବା ସମୀକ୍ଷା ବୈଠକକୁ ନ ଯାଇ ଜରୁରୀ ବୈଠକ କରି ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଔପଦା ବ୍ଲକରେ ୧୧ଟି ପଞ୍ଚାୟତ ଥିବା ବେଳେ ଭୌଗୋଳିକ ସ୍ଥିତିକୁ ଦେଖିଲେ ୫ଟି ପଞ୍ଚାୟତ ବ୍ଲକ କାର୍ଯ୍ୟାଳୟରୁ ୫୦-୬୦ କି.ମି. ଦୂରରେ ଅଛି। ତେବେ ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ନ ଥିବା ବେଳେ ମାତ୍ର ୨ଜଣ ଯନ୍ତ୍ରୀ କାର୍ଯ୍ୟରତ ଥିବାରୁ ବିଭିନ୍ନ ପଞ୍ଚାୟତର କୌଣସି ଉନ୍ନୟନ କାମ ହୋଇପାରୁ ନ ଥିବା ଦାବିପତ୍ରରେ ଉଲ୍ଲେଖ ଅଛି। ତୁରନ୍ତ ଅଚଳାବସ୍ଥା ଦୂର କରା ନ ଗଲେ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିମାନେ ବାଧ୍ୟ ହୋଇ ବ୍ଲକ ଆଗରେ ଧାରଣାରେ ବସିବେ ବୋଲି କୁହାଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିର୍ସିବିସ୍ମା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ମନସ୍ମିତା ପଣ୍ଡା, ଅନୁପମା ବିଶ୍ୱାଳ, ଦିପ୍ତୀରାଣୀ ନାୟକ, ସୁଭଦ୍ରା ନାୟକ, ନିରଞ୍ଜନ ବାରିକ, ଜୟଶ୍ରୀ ମାଝୀ, ପୁରସ୍ତମ୍ ସେଠୀ, ଅଶୋକ କୁମାର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍ନାଲିଙ୍ଗ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) : 8,83,773.56, EMD (₹): 17,700,00।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

କାର୍ଯ୍ୟର ବିବରଣୀ : କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,40,61,147.39, EMD (₹): 2,20,300,00।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ୍
PR-1092/Q/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269

କାର୍ଯ୍ୟର ନାମ : "ସମ୍ବଲପୁରରେ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA)ର ବ୍ୟବସ୍ଥା" ସମ୍ପର୍କିତ ବିଦ୍ୟୁତ୍ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 6,02,868.62, EMD/ବିଡ୍ ସୁରକ୍ଷା ଜମା (₹) : 12,100.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ(06) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2026 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(Elect-G)/ ସମ୍ବଲପୁର
PR-1090/Q/25-26

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



କାଳିପଦା, ୬।୨ (ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଶଚିନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ୧୯୭୯ ବ୍ୟାଚ ଛାତ୍ରୀଛାତ୍ରଙ୍କ ସପ୍ତମ ବନ୍ଧୁମିଳନ ଉତ୍ସବ କଷାଫଳ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଲକ୍ଷ୍ମଣ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ତଥା ଶିକ୍ଷକ ନେତା ଆଦିତ୍ୟ କୁମାର ରାଉତ ପୂର୍ବ ବିବରଣୀ ପ୍ରଦାନ କରିବା ସହିତ କୋଷାଧ୍ୟକ୍ଷ କମଳାକାନ୍ତ ପ୍ରମାଣିକ ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ଉତ୍ସବରେ ଭୁବନାନନ୍ଦ ଦାସ, ଝାଡେଶ୍ୱର ଦାସ, ସଞ୍ଜୟ କୁମାର ମହାନ୍ତି, ଗୌରହରି ପ୍ରଧାନ, ରବୀନ୍ଦ୍ର କୁମାର ମାନ୍ନା, ଶ୍ରୀନାଥ ମୈକାପ, ଅଜୟ କୁମାର ଦାସ ମହାପାତ୍ର, ନବୀନ ମହାନ୍ତି, ପବିତ୍ର ମୋହନ ସାହୁ, ମଧୁସୂଦନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବନ୍ଧୁମିଳନ ଉତ୍ସବ ପାଳନ ଉପରେ ଆଲୋଚନା ହୋଇଥିଲା। ଆଗାମୀ ବନ୍ଧୁମିଳନ ଉତ୍ସବ ବାଲେଶ୍ୱରରେ ଅନୁଷ୍ଠିତ ହେବ ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ କୁହାଯାଇଛି।

# 'ଜ୍ଞାନ ନ ଥିଲେ କର୍ମରେ ସଫଳତା ମିଳେ ନାହିଁ'

## ସୁନ୍ଦରପୁର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

ଖଇରା, ୬।୨ (ଉତ୍କଳବନ୍ଧୁ ପଣ୍ଡା)



ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁରସ୍ଥିତ ନୀଳସୁନ୍ଦରଜୀଉ ନବ କିଶୋର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଦିନ, ସଭା, ସମ୍ବର୍ଦ୍ଧନା ସାଙ୍ଗକୁ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂଘର ସଭାପତି ମାନସ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଡ.ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ଜ୍ଞାନ ନ ଥିଲେ କର୍ମରେ ସଫଳତା ଆସେ ନାହିଁ। ଦେଶ, ଜାତି ଓ ସମାଜର ବିକାଶ ପାଇଁ ଶିକ୍ଷାୟତନ ଓ ଶିକ୍ଷକ ଭୂମିକା ସର୍ବାଗ୍ରେ ବୋଲି କହିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବିଶିଷ୍ଟ କବି କାଳିପଦ ପଣ୍ଡା ସମ୍ମାନନୀୟ ବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ନୟାଖଣ୍ଡି ସରପଞ୍ଚ ମମତା ବେହେରା, ପ୍ରଧାନଶିକ୍ଷକ ଯଶୋବନ୍ତ ନାୟକ, କମିଟି କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ କୁଅଁର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ସୁବର୍ଣ୍ଣ ଜୟନ୍ତୀ ସମିତିର ସଭାପତି ଦିବାକର ବାରିକଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପୂର୍ବାହ୍ଣରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଓ ଅପରାହ୍ଣରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଓ ଏକକ ଅଭିନୟ ପ୍ରଦର୍ଶିତ ହୋଇଥିଲା।

# ସରକାରଙ୍କୁ ଏନ୍‌ଜିଟିର ଜବାବ ଦାଖଲ ନିର୍ଦ୍ଦେଶ

## ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ପଞ୍ଚତାରକା ହୋଟେଲ ପ୍ରକଳ୍ପ ନିର୍ମାଣ ପ୍ରସଙ୍ଗ

ବାରିପଦା,୬ା୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନର ଇକୋ ସେନ୍‌ସିଟିଭ୍ ଜୋନ ଲକ୍ଷ୍ମୀପୋଷି ଅଞ୍ଚଳରେ ପଞ୍ଚତାରକା ହୋଟେଲ ନିର୍ମାଣ ପାଇଁ ଇଡ୍‌କୋ ପକ୍ଷରୁ ୧୦୦ ଏକର ଜମି ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଥିଲା ବେଳେ ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ରାଜ୍ୟ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଆବେଦନ ହୋଇଥିବା ମାମଲାକୁ କୋର୍ଟ ଗ୍ରହଣ କରି ଜୁଡିସିଆଲ ମେମ୍ବର ଜଜ୍ ଅରୁଣ ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଜଜ୍ ଡ. ଆଫ୍ରୋଜ ଅହମଦଙ୍କ ବେଞ୍ଚରେ ଉଭୟ ପକ୍ଷ ମାମଲାର ଶୁଣାଣି ହୋଇଛି। ଆସନ୍ତା ମାର୍ଚ୍ଚ ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଭିଯୋଗକାରୀ ପକ୍ଷ ଆଇନଜୀବୀ ଆକାଶ ଶର୍ମା ପ୍ରକାଶ କରିଛନ୍ତି। ଶିମିଳିପାଳ ଜାତୀୟ ଉଦ୍ୟାନର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ ନିର୍ମାଣକୁ ନେଇ ପରିବେଶ ସୁରକ୍ଷା ଏବଂ ପ୍ରତିରୋଧାତ୍ମକ ଆଇନଗତ ହସ୍ତକ୍ଷେପ ସମ୍ପର୍କରେ କୋର୍ଟ ମାମଲାକୁ ଗମ୍ଭୀର ଭାବେ ଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ, ଅଭୟାରଣ୍ୟ ପାଦଦେଶରେ ଥିବା ଇକୋ ସେନସିଟିଭ ଜୋନରେ ପଞ୍ଚତାରକା ସୋନାର ବାଙ୍ଗଲା ହୋଟେଲ ଓ ରିସର୍ଟ ନିର୍ମାଣକୁ ନେଇ ଜମି ଚିହ୍ନଟ ଓ ପ୍ରଦତ୍ତ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନଫ୍ରାକଷ୍ଟ୍ରକଚର ଡେଭଲପମେଣ୍ଟ କୋର୍ପରେସନ(ଇଡ୍‌କୋ) ପକ୍ଷରୁ ଶାମାଖୁଣ୍ଟା ତହସିଲ ଲକ୍ଷ୍ମୀପୋଷି ଅଞ୍ଚଳର ଖାତା ନଂ. ୧୨୩, ପ୍ଲଟ ନଂ. ୧୩୮ରୁ ୯୩.୨୮୦ଏକର ଜଙ୍ଗଲ ଜମି ପ୍ରଦାନ ପାଇଁ ଉଦ୍ୟମ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟର ଇକୋ ସେନସିଟିଭ ଜୋନକୁ କ୍ଷତି ପହଞ୍ଚାଇବାକୁ ଯାଇ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର ଉଠିଥିଲା। ଏନେଇ ପରିବେଶବିତ୍ ରାକେଶ କୁମାର ମହାନ୍ତିଙ୍କ ଅଭିଯୋଗକୁ ନେଇ ଏନ୍‌ଜିଟିରେ ଏକ ମାମଲା କେସ ନଂ. ୧୨୭/୨୦୨୫/ଇଜେଡ୍‌ରେ ମାମଲା ରୁଜୁ ହୋଇଥିଲା। ଏପରିକି ଆବେଦନକାରୀ ଜଙ୍ଗଲଜମିର ପ୍ରତିରୋଧାତ୍ମକ ହସ୍ତକ୍ଷେପ ଆବଶ୍ୟକ ବୋଲି କୋର୍ଟଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ଆଇନଜୀବୀ ଶର୍ମା ଉକ୍ତ ଜମିଟି ଇକୋ ସେନସିଟିଭ ଜୋନ ଅଧୀନରେ ଆସୁଥିବା ବେଳେ ଏହା ଶିମିଳିପାଳ ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ଘନ ଶାଳ ଜଙ୍ଗଲ ରହୁଥିବା ଦର୍ଶାଇଥିଲେ। ପାହାଡ ପର୍ବତ ଘେରା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଦ୍ୱାରା ବନ୍ୟଜନ୍ତୁ ପ୍ରଭାବିତ ହେବେ ବୋଲି ଯୁକ୍ତି ବାଢିଥିଲେ। ଏପରିକି ସରକାରୀ ଦସ୍ତାବିଜ୍ ଓ ବନ ବିଭାଗର ରିପୋର୍ଟକୁ ଦର୍ଶାଇ ପରିବେଶ ସମ୍ବେଦନଶୀଳତାକୁ ସ୍ପଷ୍ଟ କରୁଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ସରକାରୀ ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଇକୋ ସେନସିଟିଭ ଜୋନରେ କଂକ୍ରିଟ ନିର୍ମାଣ କରାଗଲେ ପରିବେଶକୁ କ୍ଷତି ପହଞ୍ଚାଇବା ସହ ବନ୍ୟଜନ୍ତୁଙ୍କ ଉପରେ ଏହାର ଘୋର ପ୍ରଭାବ ପଡିବା ସୁନିଶ୍ଚିତ ବୋଲି ଯୁକ୍ତିରେ ଦର୍ଶାଇଥିଲେ। ଜଙ୍ଗଲ ଜମିରେ ହୋଟେଲ ପ୍ରକଳ୍ପ ନିର୍ମାଣ ପାଇଁ ଜମି ହସ୍ତାନ୍ତର ପ୍ରକ୍ରିୟାକୁ ବିରୋଧ କରିଥିଲେ। ଉଭୟ ପକ୍ଷର ଯୁକ୍ତିକୁ ଶୁଣିବା ପରେ ଏନ୍‌ଜିଟି ପ୍ରତିବାଦୀମାନଙ୍କୁ ନୋଟିସ ଜାରି କରିଛନ୍ତି।

# ଗୋଟିଏ ଦିନରେ ୩ ଦୁର୍ଘଟଣା



କେନାଲ ଭିତରକୁ ଓଲଟି ପଡ଼ିଥିବା କାର୍। ଘର ଭିତରକୁ ମାଡ଼ିଯାଇଥିବା ଡମ୍ପର।

ମୋରଡ଼ା/ ରାସଗୋବିନ୍ଦପୁର,୬ା୨ (ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ମୋରଡ଼ା ଓ ରାସଗୋବିନ୍ଦପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ଥାନା ଅଧୀନ ଗାଁଅମର୍ଦା ପଞ୍ଚାୟତ ଅନ୍ତର୍ଗତ ଆମ୍ବଶୁଳି ଗାଁର ଖେଳାରାମ କିସ୍କୁଙ୍କ ଘର ଭିତରକୁ ଏକ ଡମ୍ପର ଭାରସ୍ୟାମ ହରାଇ ମାଡ଼ି ଯାଇଥିଲା। ଏଥିରେ କାହାରି କୌଣସି କ୍ଷତି ହୋଇ ନ ଥିବା ପୋଲିସ ସୂଚନା ଦେଇଛି। ସେହିପରି ଗୁରୁବାର ରାତି ୮ଟା ସମୟରେ ମୋରଡ଼ା ଥାନା ଅଧୀନ ମାଳିହତା ଗ୍ରାମରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ବେତନଟୀ ଥାନା ଅଧୀନ ବାହାନଡ଼ା ଉପଖଣ୍ଡ ମଉଦା ଗ୍ରାମର ମଙ୍ଗଳ ମହାନ୍ତ(୪୦)। ପୋଲିସ ପହଞ୍ଚି ମଙ୍ଗଳଙ୍କୁ ଉଦ୍ଧାର କରି ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ସ୍କୁଟିକୁ ଜବତ କରିଛି। ସେହିପରି ବିଳମ୍ବିତ ରାତିରେ ଏକ କାର୍ ଭାରସ୍ୟାମ ହରାଇ ମୋରଡ଼ା-ପାଞ୍ଚଗୋଛିଆ ମୁଖ୍ୟ ରାସ୍ତା କଡ଼ରେ ଥିବା କେନାଲ ଭିତରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

# ଶିକାରୀଙ୍କ ଗୁଳିରେ ଯୁବକ ଗୁରୁତର



ଗୁରୁତର ସନ୍ତୋଷ ମହାନ୍ତ।

ଠାକୁରମୁଣ୍ଡା,୬ା୨ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଥାନା ଦ୍ରିବଗ୍ରାମ ଓ ଧନୁଆ ବାଲିପୋଷି ଗ୍ରାମ ମଧ୍ୟରେ ଥିବା ଏକ ପୋଲ ନିକଟରୁ ଶୁକ୍ରବାର ସକାଳେ ମୁମୂର୍ଷ ଅବସ୍ଥାରେ ପଡି ରହିଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ଧାନୁଆଁ ବାଲିପୋଷି ଗ୍ରାମର ସନ୍ତୋଷ ମହାନ୍ତ(୪୦)। ତାଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିବା ବେଳେ ତାଙ୍କର ଡାହାଣ ଆଖିରେ ଗୁଳି ବାଜି ଥିବା ଜଣାପଡ଼ିଛି। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳକୁ ଯାଇ ଠାକୁରମୁଣ୍ଡା ଥାନା ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଦ୍ରିବ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଏକ ଇଟା ଭାଟିକୁ ଗୁରୁବାର ରାତିରେ ନିଆଁ ଲଗାଇବାକୁ କେତେଜଣ ଯାଇଥିଲେ। ସେଠାକୁ ମଧ ଧନୁଆ ବାଲିପୋଷି ଗ୍ରାମର ସନ୍ତୋଷ ଯାଇଥିଲେ। କିନ୍ତୁ ଶୁକ୍ରବାର ସକାଳେ ତାଙ୍କୁ ଗୁରୁତର ଅବସ୍ଥାରେ ରାସ୍ତା କଡରେ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ।

ସୂଚନା ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାତିରେ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ବନ୍ଧୁକରୁ ଗୁଳି ଫୁଟି ତାଙ୍କ ଆଖିରେ ବାଜିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ବ୍ୟବହୃତ ବନ୍ଧୁକକୁ ଜବତ କରିଥିବା ବେଳେ ସନ୍ତୋଷ ସହିତ ରାତିରେ ଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ଆଣି ଥାନାରେ ପଚରା ଉଚରା କରୁଛି। ଏ ସଂକ୍ରାନ୍ତରେ ସନ୍ତୋଷଙ୍କ ପରିବାର ପକ୍ଷରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଲିଖିତ ଅଭିଯୋଗ କରାଯାଇ ନ ଥିବା ବେଳେ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଇଣ୍ଟରନେଟ୍ ସହ ଯୋଡ଼ିହେଲେ ଶିମିଳିପାଳବାସୀ



ମଞ୍ଚ ତଳକୁ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଣେ ଛାତ୍ରୀଙ୍କ ସହ ଭାବ ବିନିମୟ କରୁଛନ୍ତି।

ବାରିପଦା,୬ା୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ବିଏସ୍ଏନ୍ଏଲ୍ ୪-ଜି ଟାୱାର ଲୋକାର୍ପଣକଲେ ରାଷ୍ଟ୍ରପତି
- ୩ ଦିନିଆ ମୟୂରଭଞ୍ଜ ଗସ୍ତ ସାରି ଫେରିଲେ

ମୟୂରଭଞ୍ଜ ଜିଲା ଶିମିଳିପାଳବାସୀ ନିରନ୍ତର ଇଣ୍ଟରନେଟ୍ ସେବା ସହ ଯୋଡ଼ି ହୋଇଛନ୍ତି। ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଜାତୀୟ ଉଦ୍ୟାନ ଗୁଡୁଗୁଡ଼ିଆଠାରେ ବିଏସ୍ଏନ୍ଏଲ୍‌ର ୪-ଜି ଟାୱାର ଲୋକାର୍ପଣ କରିବା ପରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିଛି। ଏଣିକି ଅଞ୍ଚଳରେ ପାଠପଢୁଥିବା ଛାତ୍ରୀଛାତ୍ରମାନେ ଇଣ୍ଟରନେଟ୍ ସେବାର ସୁବିଧା ନେଇ ଆଗକୁ ବଢ଼ିବେ ଓ ଶିକ୍ଷିତ ତଥା ଯୁବବର୍ଗଙ୍କ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ରାଷ୍ଟ୍ରପତି କହିଥିଲେ। ଗୁରୁବାର ରାଷ୍ଟ୍ରପତି ଶିମିଳିପାଳ ଜାତୀୟ ଉଦ୍ୟାନର ଗୁଡୁଗୁଡ଼ିଆଠାରେ ରାତ୍ରିଯାପନ କରିଥିଲେ। ଶିମିଳିପାଳରେ ରହଣି ଅବସରରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ.ଗଣେଶ ରାମସିଂ ଖୁଣ୍ଟିଆ ଏହି ସଭାରେ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ବସବାସ କରୁଥିବା ହୋ, ସାନ୍ତାଳୀ, ମୁଣ୍ଡା, ଭୂମିଜ, ବାଥୁଡ଼ି, ଖଡ଼ିଆ ପ୍ରଭୃତି ଜନଜାତିର ଲୋକମାନେ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଆଦିବାସୀଙ୍କ ଭୂମିକାକୁ ରାଷ୍ଟ୍ରପତି ଉଚ୍ଚ ପ୍ରଶଂସା କରିବା ସହ ଏହାର ସଂରକ୍ଷଣରେ ନିଜକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଇଥିଲେ। ଜଙ୍ଗଲ ସୁରକ୍ଷାରେ ଆଦିବାସୀମାନେ ପ୍ରକୃତ ଯୋଦ୍ଧା ବୋଲି କହିବା ସହ ବ୍ୟାପକ ଚାରାରୋପଣ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ପ୍ରୋଟେକଲ ଭାଙ୍ଗି ମଞ୍ଚରୁ ତଳକୁ ଓହ୍ଲାଇ ଆସି ଆଦିବାସୀ ମହିଳା ଓ ଯୁବବର୍ଗଙ୍କ ସହ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମ ପରେ ୩ଦିନିଆ ଗସ୍ତ ସାରି ରାଷ୍ଟ୍ରପତି ଭୁବନେଶ୍ୱର ଫେରିଯାଇଥିଲେ।

# ରାମଚରିତ ମାନସ ପାରାୟଣ

ଝାରପୋଖରିଆ,୬ା୨(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନ ଝାରପୋଖରିଆ ଭାଗବତ ପରିବାର ପକ୍ଷରୁ ବୁଧବାରଠାରୁ ଶ୍ରୀରାମ ଚରିତ ମାନସ କଥାଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ଶ୍ରୀବତ୍ସ ଘୋଷଙ୍କ ଗୃହରୁ ଭାଗବତ ପୋଥି ନିଆଯାଇ ପ୍ରବଚନ ମଣ୍ଡପରେ ସ୍ଥାପନା କରାଯାଇଥିଲା। ସେଠାରେ ପୁରୀର ଦଧିବାମନ ମହାରାଜଙ୍କ ଦ୍ୱାରା ସୂର୍ଯ୍ୟ ପୂଜା ଓ ରାମଚରିତ ମାନସ ପରାୟଣ କରାଯାଇଥିଲା। ସନ୍ଧ୍ୟାରେ ଝାଡ଼ଖଣ୍ଡ ରାଜ୍ୟ ଅଶୁଆଡ଼ା ଗ୍ରାମର ପ୍ରବଚକ ତପନ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ପରେ ପୁରୀ ଜିଲା କଣାସ ଅଞ୍ଚଳର ପ୍ରବଚକ କଥାବ୍ୟାସ ବିକ୍ରମ କେଶରୀ ମହାରାଜ ରାମଚରିତ ମାନସ ଆନୁକୂଲ୍ୟରେ ରାମନାମର ମହାତ୍ମ୍ୟ ଓ ଶିବ ପାର୍ବତୀ ବିବାହ ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଗୁରୁବାର ପ୍ରବଚନର ଦ୍ୱିତୀୟ ସନ୍ଧ୍ୟାରେ ଦଧିବାମନ ମହାରାଜ ତୁଳସୀ ଦାସ ରଚିତ ରାମଚରିତ ମାନସର ପରାୟଣରେ ରାମଜନ୍ମ, ବାଲ୍ୟଲୀଳା, ସୀତା ବିବାହ ସହିତ ପ୍ରଭୁ ରାମଚନ୍ଦ୍ରଙ୍କ ଋଷି ଶ୍ରେଷ୍ଠ ବିଶ୍ୱାମିତ୍ରଙ୍କଠାରୁ ଶିକ୍ଷା ଉପରେ ପ୍ରବଚନ ପ୍ରଦାନ କରିଥିଲେ। ଗୁରୁ ଶିକ୍ଷା ହିଁ ଶ୍ରେଷ୍ଠ ଶିକ୍ଷା ବୋଲି ଶ୍ରଦ୍ଧାଳୁ ଭକ୍ତଙ୍କୁ ମାର୍ଗଦର୍ଶନ କରିଥିଲେ। ଭାଗବତ ପରିବାରର ସଭାପତି ଭାଗବତ ପ୍ରହରାଜ, ସମ୍ପାଦକ ଲିଟନ ପଣ୍ଡାଙ୍କ ନେତୃତ୍ୱରେ ତୁଷାର କାନ୍ତି ଶତପଥୀ, ହାରାଧନ ନାୟକ, ଚୈତନ୍ୟ ଦାସ, ହାଡିବନ୍ଧୁ ପଣ୍ଡା ଓ ଶାନ୍ତି ସ୍ୱରୂପ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରବଚନ ପ୍ରଦାନ କରାଯାଉଛି।

# ସୁଶୀଳା ତିରିଆଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

ବାରିପଦା,୬ା୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ଆଦିବାସୀ ନେତ୍ରୀ, ପୂର୍ବତନ ଲୋକ ସଭା ଓ ରାଜ୍ୟସଭା ସାଂସଦ, ସିଡବ୍ଲୁସି ସଦସ୍ୟା ସୁଶୀଳା ତିରିଆଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ବାରିପଦାସ୍ଥିତ ସରକାରୀ କର୍ମଚାରୀ ଭବନରେ ଅନୁଷ୍ଠିତ ସ୍ମୃତିଚାରଣ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସୁଶୀଳା ତିରିଆ ଜଣେ ଏ ଭଳି ରାଜନେତ୍ରୀ ଯିଏ କି ସବୁବେଳେ ଆଦିବାସୀଙ୍କ ବିକାଶ ସହିତ ମୟୂରଭଞ୍ଜ ଜିଲାର ସାମୁହିକ ବିକାଶ କଥା ଚିନ୍ତା କରୁଥିଲେ। ଶିକ୍ଷୟିତ୍ରୀରୁ ରାଜନୀତି ଜଗତରେ ପାଦ ଦେଇ ଜଣେ ସଫଳ ରାଜନେତ୍ରୀ ହୋଇ ମୟୂରଭଞ୍ଜ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ ବୋଲି ଉପସ୍ଥିତ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଦେଇ ସମସ୍ତ ବରିଷ୍ଠ ନେତା ଓ କର୍ମୀ ପୁଷ୍ପ ଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ସଭାରେ ପୂର୍ବତନ ଜିଲା ସଭାପତି ପ୍ରଦୀପ ରଥ, ଦୀନକୃଷ୍ଣ, ନିରଜ ଦାସ, ପୂର୍ବତନ ଜିଲା କୋଅର୍ଡିନେଟର ଅରବିନ୍ଦ ଦାସ, ଜ୍ୟୋତି ପ୍ରକାଶ ରଥ, ଆଦିବାସୀ ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ଯୋଗେଶ ଅଗ୍ରୱାଲା, ଆଡଭୋକେଟ ବିଭୂଦାସ, କୃଷକ ସେଲ ସଭାପତି ଦୀପକ ଦାସ, ମହିଳା କଂଗ୍ରେସ ନେତ୍ରୀ ରଞ୍ଜିତା ଯୋଶୀ, ସୁସ୍ମିତା ଘୋସେଲ, ପିସିସି ସଭ୍ୟ ନାରୟଣ ପଟ୍ଟନାୟକ , ବିଜନ ଦାସ ,ମୀନକେତନ ବେହେରା, ଏସି ସେଲ ସଭାନେତ୍ରୀ ସସ୍ମିତା ବେହେରା, ଶାନ୍ତନୁ ପାଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ତିରିଆଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ଆଦିବାସୀ କଂଗ୍ରେସ, ଏସି କଂଗ୍ରେସ, ପଞ୍ଚାୟତ ପରିଷଦ କଂଗ୍ରେସ, ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ୍ୟ କଂଗ୍ରେସ, ସହିତ କଂଗ୍ରେସ ଦଳର ସମସ୍ତ ନେତା କର୍ମୀ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ୨୧ ଘଣ୍ଟା ପରେ ଉଦ୍ଧାର ହେଲେ ୨ ଛାତ୍ରୀ

## ହଷ୍ଟେଲ ପାଚେରି ଡେଇଁ ପଳାଇଥିଲେ

ଉଦଳା,୬ା୨(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ରାଡୋ କେଜିବିଭି ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଷଷ୍ଠ ଶ୍ରେଣୀର ଦୁଇ ଅନ୍ତେବାସିନୀ ଗୁରୁବାର ରାତି ୮ ଟା ସମୟ ଠାରୁ ହଷ୍ଟେଲ ପାଚେରୀ ଡେଇଁ ପଳାଇ ଯାଇଥିବା ବେଳେ ୨୧ ଘଣ୍ଟା ପରେ ଉଦ୍ଧାର ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ୨ ଛାତ୍ରୀଙ୍କ ନିଖୋଜ ସମ୍ପର୍କରେ ସେମାନଙ୍କ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। ଉଭୟ ଛାତ୍ରୀଙ୍କ ଅଭିଭାବକ ଘର ଠାରୁ ଆରମ୍ଭ କରି ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିଥିଲେ ସୁଦ୍ଧା ପତ୍ତା ପାଇ ନ ଥିଲେ। ଅଭିଭାବକମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ବିଦ୍ୟାଳୟ ଏବଂ ହଷ୍ଟେଲ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇ ହାତ ବାନ୍ଧି ବସି ଯାଇଥିଲେ। ଏପରିକି ଘଟଣା ବାବଦରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମାଳତୀ ବେହେରା ଓ ୱାଡେନ ରଶ୍ମିତାରାଣୀ ସାମଲ କିଛି କହି ନ ଥିବା ବେଳେ ହଷ୍ଟେଲରେ ଲାଗିଥିବା ସିସିଟିଭିକୁ ଧରି ତଦନ୍ତ ଆରମ୍ଭ କରିଥିଲେ ଉଦଳା ବିଇଓ। ଉଦଳା ବିଇଓ ଦୀପକ କୁମାର ମିଶ୍ର ଏବଂ ଏବିଇଓ ମିନତୀ ମଞ୍ଜରୀ ପଣ୍ଡା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ବିଇଓ ତଦନ୍ତ ସମୟରେ ସିସିଟିଭି ଫୁଟେଜ ଦେଖିଥିବା ବେଳେ ସନ୍ଧ୍ୟା ସମୟରେ ହଷ୍ଟେଲରେ କ୍ଲାସ ସରିବା ପରେ ଦୁଇ ଛାତ୍ରୀ ଏକ ପାଖିଆ ହୋଇ ଛିଡା ହୋଇଥିଲେ ଏବଂ ପରେ ବିଦ୍ୟାଳୟର ପାଚେରୀ ଡେଇଁ ବାହାରକୁ ଚାଲି ଯାଇଥିବା ଜାଣିବାକୁ ପାଇଥିଲେ। ହେଲେ ହଷ୍ଟେଲରେ ଅନ୍ତେବାସିନୀ ପାଚେରୀ ଡେଇଁ ଚାଲିଯାଇଥିଲେ ସୁଦ୍ଧା ୱାଡେନ କିମ୍ବା ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷୟିତ୍ରୀ କିଛି ଜାଣି ପାରି ନ ଥିଲେ। ସେପଟେ ଅନେକ ଖୋଜାଖୋଜି ଚାଲିଥିବା ବେଳେ ୨୧ ଘଣ୍ଟା ପରେ ଉଭୟ ଛାତ୍ରୀଙ୍କୁ ଶ୍ମଶାନକାଳି ରାସ୍ତାରେ ପାଇଥିଲେ ସ୍ଥାନୀୟ ବାସିନ୍ଦା। ପରେ ଏ ନେଇ ପୋଲିସ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଉଭୟ ଛାତ୍ରୀଙ୍କୁ ଉଦ୍ଧାର କରାଯାଇ ଥାନାକୁ ଅଣାଯାଇଥିଲା। ଥାନାକୁ ଆଣିବା ପରେ ଛାତ୍ରୀମାନଙ୍କ ବୟାନ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ସାମ୍ନାକୁ ଆଣିଥିଲା। ଛାତ୍ରୀ ଦୁଇ ଜଣ ମେଳା ବୁଲିବା ପାଇଁ ହଷ୍ଟେଲ ପାଚେରୀ ଡେଇଁ ବାହାରକୁ ଚାଲି ଯାଇଥିବା ବେଳେ ମେଳା ବୁଲି ସାରି ରାତି ତମାମ ବାହାରେ ରହିଥିଲେ ଏବଂ ଶୁକ୍ରବାର ଅପରାହ୍ନରେ ଚାଲି ଚାଲି ଶ୍ମଶାନ କାଳୀ ରାସ୍ତାରେ ଯାଉଥିବା ବେଳେ ଉଦ୍ଧାର ହୋଇଥିଲେ। ସେମାନଙ୍କୁ ଅଭିଭାବକମାନଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ କହିଛନ୍ତି।


**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-73-25

କାର୍ଯ୍ୟର ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମାଳତୀପାଟପୁର(MLT)-ପୁରୀ ସେକ୍ସନରେ ଉଭୟ ଅପ୍ ଏବଂ ଡାଉନ୍ ଲାଇନ୍‌ରେ ଡୁଆଲ MSDAC ଏବଂ ଦ୍ୱି-ଦିଶାତ୍ମକ(Bi-Directional) ସହିତ ସ୍ୱୟଂକ୍ରିୟ ବ୍ଲକ୍ ସିଗ୍ନାଲିଙ୍ଗ୍‌ର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹) : 8,83,773.56, EMD (₹): 17,700,00।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. e-Tender-Elect-G-74-25

କାର୍ଯ୍ୟର ବିବରଣୀ : କେନ୍ଦୁଝରଗଡ଼ (KDJR) ଷ୍ଟେସନଠାରେ ଶୀଘ୍ର ପାଣି ଦେବାର ପ୍ରଣାଳୀ ବ୍ୟବସ୍ଥା ସମ୍ପର୍କିତ ବିଦ୍ୟୁତୀକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 1,40,61,147.39, EMD (₹): 2,20,300,00।

ଶେଷ ହେବା ଅବଧି : 03 ମାସ (କ୍ରମ ସଂ. 1 ପାଇଁ) ଏବଂ 04 ମାସ (କ୍ରମ ସଂ. 2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.02.2026 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ଖୋର୍ଦ୍ଧା ରୋଡ଼

PR-1092/Q/25-26


# ଗୋପବନ୍ଧୁନଗର, ଖୁଣ୍ଟା ବ୍ଲକ୍‌ରେ ୨୦୭୫ ମାଟ୍ରିକ୍ ପରୀକ୍ଷାର୍ଥୀ

ଗୋପବନ୍ଧୁ ନଗର,୬ା୨(ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁନଗର ବ୍ଲକର ମୋଟ ୬ଟି ପରୀକ୍ଷା କେନ୍ଦ୍ରରେ ୧୨୨୫ ଛାତ୍ରୀଛାତ୍ର ଓ ଖୁଣ୍ଟା ବ୍ଲକର ୬ କେନ୍ଦ୍ରରେ ୮୫୦ ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବେ। ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ହାଇସ୍କୁଲରେ ୨୦୪, ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟରେ ୨୯୧, ପୁରୁଣା ବାରିପଦା ରିଜିଓନାଲ ଏକାଡେମୀରେ ୧୮୧, କୁଶଳଦା ହାଇସ୍କୁଲରେ ୧୮୧, କୁଆମରା ଉଚ୍ଚ ବିଦ୍ୟାଳୟରେ ୧୭୭ ଓ କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୧ ଛାତ୍ରୀ ଛାତ୍ରପରୀକ୍ଷା ଦେବେ। ସେହିପରି ଖୁଣ୍ଟା ବ୍ଲକର ବିପ୍ରଚରଣ ବିଦ୍ୟାପୀଠରେ ୧୬୯, ଡୁକୁରା ହାଇସ୍କୁଲରେ ୯୨, ବିରିପୁର ଏସଏସଡି ହାଇସ୍କୁଲରେ ୨୧୩, ବାସିପିଠା ହାଇସ୍କୁଲରେ ୧୨୩, ଧାନଘେରା ଉଚ୍ଚ ବିଦ୍ୟାଳୟରେ ୧୨୩ ଓ ବଡପଥରା ପଞ୍ଚାୟତ ନିଉ ସରକାରୀ ତାଡକିଅରଣ ହାଇସ୍କୁଲରେ ୧୩୦ ଜଣ ଛାତ୍ରୀଛାତ୍ରପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ତେବେ ଦୁଇ ବ୍ଲକରେ ୧୨ଟି ପରୀକ୍ଷା କେନ୍ଦ୍ରକୁ ସୁପରିଚାଳନା ପାଇଁ ଖୁଣ୍ଟା ହାଇସ୍କୁଲ ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରିବ ଓ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର ନୋଡାଲ ଅଫିସର ଭାବେ ଓ ଡେପୁଟି ଦାୟିତ୍ୱରେ ଉମାଶଙ୍କର ଚକ୍ରବର୍ତ୍ତୀ କାର୍ଯ୍ୟ ତୁଲାଇବେ।

# ଉଦଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

# 'ଶିକ୍ଷା ହେଉଛି ସଂସ୍କାର'

ଉଦଳା,୬ା୨(ସନ୍ତୋଷ କୁମାର ବାଛିନୀ)



ଅତିଥିମାନେ ମହାବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

କେବଳ ପାଠ ପଢି ସାର୍ଟିଫିକେଟ ଲାଭ କରିବା ଏବଂ ବଡ ଚାକିରୀ କରି ବଡ ମଣିଷ ହେବା, ତାହା କେବଳ ଶିକ୍ଷାକୁ ବୁଝାଏ ନାହିଁ। ଶିକ୍ଷା ହେଉଛି ସଂସ୍କାର ଏବଂ ଜଣେ ବଡ ମଣିଷ ହେବା ସହିତ ଭଲ ମଣିଷ ହେବା ଶିକ୍ଷାର ମୂଲ୍ୟବୋଧକୁ ବୁଝାଇଥାଏ। ଶିକ୍ଷା କେନ୍ଦ୍ର ହେଉଛି ଏକ ମନ୍ଦିର ଯେଭଳି ଭାବେ ମନ୍ଦିରକୁ ଗଲେ ମନ ଭିତରେ ପବିତ୍ରତା ଆସିଥାଏ, ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଶିକ୍ଷାକେନ୍ଦ୍ରକୁ ପ୍ରବେଶ କରିଲେ ମନ୍ଦିର ଭଳି ପବିତ୍ରତା ରହିବା ଦରକାର ବୋଲି ଶୁକ୍ରବାର ଅନୁଷ୍ଠିତ ଉଦଳା ମହାବିଦ୍ୟାଳୟର ୬୦ ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟବକ୍ତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦାର ପରୀକ୍ଷା ନିୟନ୍ତ୍ରକ ଡ.ସୁବ୍ରତ କୁମାର ରଣା, ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲାପାଳ ତଥା ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ, ସମ୍ମାନିତ ଅତିଥି ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟାପିକା ମିନାକ୍ଷୀ ପରିଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ମହାବିଦ୍ୟାଳୟର ଗୌରବମୟ ଇତିହାସ ଉପସ୍ଥାପନା କରିଥିଲେ। ଅଧ୍ୟାପକ ଡ. ଦିବ୍ୟଲୋଚନ ଭୂୟାଁ ମହାବିଦ୍ୟାଳୟର ୨୦୨୫-୨୬ ଶିକ୍ଷା ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର କାନନିକା ଅତିଥିମାନଙ୍କ କରକମଳରେ ଉନ୍ମୋଚନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ବିତରଣ କରାଯାଇଥିଲା। ଅଧ୍ୟାପକ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2026-T-269

କାର୍ଯ୍ୟର ନାମ : "ସମ୍ବଲପୁରରେ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ସର୍ବନିମ୍ନ ଯାତ୍ରୀ ସୁବିଧା (MEA)ର ବ୍ୟବସ୍ଥା" ସମ୍ପର୍କିତ ବିଦ୍ୟୁତ୍ କାର୍ଯ୍ୟ ସମୂହ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(₹): 6,02,868.62, EMD/ବିଡ୍ ସୁରକ୍ଷା ଜମା (₹) : 12,100.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ ଛଅ(06) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.02.2026 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(Elect-G)/ ସମ୍ବଲପୁର

PR-1090/Q/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓସାଫିର ୭ମ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କର୍ମଶାଳା

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ଓଡ଼ିଶାର ଅପହଞ୍ଚ ଅଞ୍ଚଳଗୁଡ଼ିକରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ବିଭିନ୍ନ ଆର୍ଥିକ ସେବା ଯୋଗାଇ ରାଜ୍ୟର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ରଖିପାରିଛନ୍ତି। ଋଣସେବା ସହ ଆର୍ଥିକ ଓ ଡିଜିଟାଲ ସାକ୍ଷରତା, ସାମାଜିକ ସୁରକ୍ଷା ଇତ୍ୟାଦି ସେବା ପ୍ରଦାନ କରିବାରେ ମଧ୍ୟ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଓସାଫି ପକ୍ଷରୁ ଅନୁଷ୍ଠିତ ଏକ କର୍ମଶାଳାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି ଉଦ୍‌ଘାଟନ କରି ଏହି ବିଷୟ ଉଲ୍ଲେଖ କରିଥିଲେ। ସେ ଓଡ଼ିଶାର ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକର ଅବଦାନ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଓସାଫିର ସଭାପତ ଦିବ୍ୟଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷତାକରି କହିଥିଲେ, ରାଜ୍ୟରେ ଗ୍ରାମୀଣ ମହିଳାମାନଙ୍କ ଆୟ ବୃଦ୍ଧିପାଇଁ ବିଭିନ୍ନ କ୍ଷୁଦ୍ରବ୍ୟବସାୟ, ଘରୋଇ ଉଦ୍ୟୋଗ, ଜଳପରିମଳ ଓ ଗୃହନିର୍ମାଣ ଭଳି କ୍ଷେତ୍ରରେ କ୍ଷୁଦ୍ର ଆର୍ଥିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ମୋଟ ୧୮ହଜାର କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି। ବର୍ତ୍ତମାନ ଏହି ସଂସ୍ଥାଗୁଡ଼ିକରେ ୧୫ହଜାରରୁ ଅଧିକ ଯୁବତୀଯୁବକ କର୍ମନିଯୁକ୍ତି ପାଇଛନ୍ତି। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ନରେନ୍ଦ୍ର ନାୟକ କହିଥିଲେ, ଓସାଫି ରାଜ୍ୟରେ ଥିବା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସିଡିବି, ନାବାର୍ଡ ଆଦି ସଂସ୍ଥା ସହ ମିଳିତ ଭାବେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଚଳାଇ ଆସୁଛି। ଅନ୍ୟମାନଙ୍କ ମଧ୍ୟରେ ଆକ୍ସିଅନର ସଭାପତି ମାଇକେଲ ସ୍କଲେନ, ମିଶନ ଶକ୍ତିରୁ ପଦ୍ମଲୋଚନ ରାଉତରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କରୁ କେ. ବାଲାଜୀ, ସିଡିବିରୁ ପ୍ରଦ୍ୟୁମ୍ନ କୁମାର ଚୌଧରୀ, ସାଧନରୁ ଚନ୍ଦନ ଠାକୁର, କ୍ରେଡିଟ ଏକ୍ସେସ୍ ଗ୍ରାମୀଣରୁ ଗଣେଶ ନାରାୟଣ, ୟୁଏନ୍‌ଡିପି ଆଭା ମିଶ୍ର, ଇସାଫ ସ୍ମଲଫାଇନାନ୍ସ ବ୍ୟାଙ୍କରୁ ସାଇବୁ, ଜନକଲ୍ୟାଣସଂସ୍ଥାରୁ ଏସ୍.କେ. ମିଶ୍ର, କିଟରୁ ଡା. ଦେବାଶିଷ ମହାପାତ୍ର, ପ୍ରମୁଖ ଯୋଗଦେଇଥିଲେ।



# ବେଦାନ୍ତର ବିଲେଟ ଉତ୍ପାଦନ କ୍ଷମତା ୮୩୦ କେଟିପିଏକୁ ବୃଦ୍ଧି



**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ ବିଲେଟ ଉତ୍ପାଦନ କ୍ଷମତାକୁ ୮୩୦ କେଟିପିଏକୁ ବୃଦ୍ଧି କରିବା ସହିତ ବିଶ୍ୱସ୍ତରରେ ସର୍ବବୃହତ୍ ବିଲେଟ ଉତ୍ପାଦନ କାର୍ଯ୍ୟ ମଧ୍ୟରେ ସ୍ଥାନିତ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ସ୍କେଲ-ଅପ କମ୍ପାନୀର ବିଶ୍ୱବ୍ୟାପୀ ଗ୍ରାହକମାନଙ୍କୁ ଉଚ୍ଚ-ଗୁଣବତ୍ତା ଉତ୍ପାଦ ଯୋଗାଣ କରିବାର କ୍ଷମତାକୁ ସୁଦୃ କରିବା ସହିତ ମୂଲ୍ୟଯୁକ୍ତ ଉତ୍ପାଦ (ଭିଏପି) ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାରକରେ ଏବଂ ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ଏକ୍ସଟ୍ରୁସନ ଏବଂ ଡାଉନଷ୍ଟ୍ରିମ କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଭୂମିକାକୁ ଆହୁରି ସୁଦୃଢ଼ କରିଛି। ୫ରୁ ୧୨ ଇଞ୍ଚ ବ୍ୟାସରେ ଉପଲବ୍ଧ ବେଦାନ୍ତ ଆଲୁମିନିୟମର ବିଲେଟ ହେଉଛି ପ୍ରମୁଖ ଅର୍ଦ୍ଧ-ସମାପ୍ତ ଉତ୍ପାଦ ଯାହା ସଠିକ ଇଞ୍ଜିନିୟର୍ଡ ପ୍ରୋଫାଇଲ ସୃଷ୍ଟି କରିବା ପାଇଁ ଏକ୍ସଟ୍ରୁସନ ପ୍ରକ୍ରିୟାରେ ବ୍ୟବହୃତ ହୁଏ। କମ୍ପାନୀର ସମ୍ପ୍ରସାରଣ ବିଦ୍ୟମାନ ୫୮୦ କେଟିପିଏ ବିଲେଟ ଭିତ୍ତିଭୂମି ସହ ଅତିରିକ୍ତ ଭାବରେ ୨୫୦ କେଟିପିଏକୁ ନୂତନ କ୍ଷମତା ସହିତ ଯୋଡିଛି, ଯାହାକି ମୋଟ ୮୩୦ କେଟିପିଏକୁ ପହଞ୍ଚାଇଛି। ବିଲେଟ ସୁବିଧା ବିଶ୍ୱସ୍ତରୀୟ ନେତା ୱାଗଷ୍ଟାଫ (ଯୁକ୍ତରାଷ୍ଟ୍ର) ଏବଂ ହର୍ଟ୍ୱେଚ (ଅଷ୍ଟ୍ରିଆ)ଠାରୁ ଉନ୍ନତ କାଷ୍ଟିଂ ଏବଂ ସମନ୍ୱୟ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ । ଏହାସହ ଏହି ସ୍ଥାନରେ ଏକ ନୂତନ ୧୨୦ କେଟିପିଏ ପ୍ରାଥମିକ ଫାଉଣ୍ଡ୍ରି ଆଲୟ ସୁବିଧା ସ୍ଥାପନ କରାଯାଇଛି, ଯାହା କମ୍ପାନୀର ପିଏଫ୍‌ଏ ଉତ୍ପାଦନ କ୍ଷମତାକୁ ଆହୁରି ବିସ୍ତାର କରୁଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମ ଭାରତ ପାଇଁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ, ଆତ୍ମନିର୍ଭରଶୀଳ ଆଲୁମିନିୟମ ଉତ୍ପାଦନ ଭିତ୍ତିଭୂମି ନିର୍ମାଣ କରିବାକୁ ପ୍ରତିବଦ୍ଧ।

# ‘ଭାବିଜୀ ଘର୍ ପର୍ ହେଁ’ ସହ ପେଟ୍‌ସଫାର ସହଭାଗିତା

**ଭୁବନେଶ୍ୱର,୬।୨**

ଲୋକପ୍ରିୟ ଟେଲିଭିଜନ ଶୋ ‘ଭାବିଜୀ ଘର୍ ପର୍ ହେଁ’ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ଦର୍ଶକଙ୍କୁ ହସ ଏବଂ ମଜା ସହିତ ମନୋରଞ୍ଜନ କରିବାକୁ ପ୍ରସ୍ତୁତ। ଏହି ଚଳଚ୍ଚିତ୍ରଟି ଶଶାଙ୍କ ବାଲି ଏବଂ ରାଜନ ୱାଘଧାରେଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏଥିରେ ପ୍ରସିଦ୍ଧ ଅଭିନେତା ରବି କିଶନ, ଆସିଫ ଶେଖ, ରୋହିତାଶ୍ୱ ଗୌର, ଶୁଭାଙ୍ଗୀ ଆତ୍ରେ ଏବଂ ବିଦିଶା ଶ୍ରୀବାସ୍ତବ ଅଭିନୟ କରିଛନ୍ତି। ଉଦ୍ୟୋଗୀ ଏବଂ ନିବେଶକ ଡ. ସଞ୍ଜୀବ ଜୁନେଜା ‘ଭାବିଜୀ ଘର୍ ପର୍ ହେଁ’ ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ଦଳକୁ ଏହାର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଅଭିନେତାମାନେ ଏହା ମଧ୍ୟ କହିଛନ୍ତି, ମନ ଖୁସି ହେଲେ ଏବଂ ଶରୀର ହାଲୁକା ଏବଂ ସୁସ୍ଥ ଅନୁଭବ କଲେ ହିଁ ପ୍ରକୃତ ଉପଭୋଗ ଏବଂ ମନୋରଞ୍ଜନ ଅନୁଭୂତ ହୋଇପାରିବ। ଏହି ଚିନ୍ତାଧାରାକୁ ମନରେ ରଖି, ଡିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ମୁଖପାତ୍ର କହିଛନ୍ତି, ଫିଲ୍ମର ସକାରାତ୍ମକ ଶକ୍ତି ଏବଂ ଦର୍ଶକଙ୍କ ସହିତ ଏହାର ଦୃଢ଼ ସମ୍ପର୍କକୁ ବିଚାର କରି, ସେ ଫିଲ୍ମର ପ୍ରଚାର ପାଇଁ ତାଙ୍କର ପ୍ରିମିୟମ ଉତ୍ପାଦ ପେଟ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟ୍ୟାବଲେଟ୍ସ ବାଛିଛନ୍ତି। ଆୟୁର୍ବେଦିକ ପେଟ ସଫା କୋଷ୍ଠକାଠିନ୍ୟ, ଗ୍ୟାସ ଏବଂ ଏସିଡିଟି ଭଳି ସାଧାରଣ ପାଚନ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ, ଆପଣଙ୍କୁ ଆରାମ ଏବଂ ଖୁସି ସହିତ ଜୀବନ ଉପଭୋଗ କରିବାକୁ ଅନୁମତି ଦିଏ। ପେଟ୍ ସଫା ଆୟୁର୍ବେଦିକ ଗ୍ରାନୁଲ୍ସ ଏବଂ ଟାବ୍‌ଲେଟ୍ସ ସୋନାମୁଖୀ, କଳା ଲୁଣ, ଜୁଆଣି ଆଦି ୧୬ଟି ଆୟୁର୍ବେଦିକ ଔଷଧିର ମିଶ୍ରଣରୁ ପ୍ରସ୍ତୁତ।

# ଯଖପୁରାରେ ରହଣି କରିବନି ୩ ମେମୁ ଟ୍ରେନ୍

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଯଖପୁରା-ଯାଜପୁର କେନ୍ଦୁଝର ରୋଡ୍ ମଧ୍ୟରେ ତୃତୀୟ ରେଳ ଲାଇନର କାର୍ଯ୍ୟକ୍ଷମତା ସହିତ ଯଖପୁରା ଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ ଏବଂ କାର୍ଯ୍ୟାନୁଷ୍ଠାନଗତ ପ୍ରତିବନ୍ଧକ ହେତୁ କିଛି ଯାତ୍ରୀବାହୀ ଟ୍ରେନ ସୀମିତ ସମୟ ପାଇଁ ଯଖପୁରା ଷ୍ଟେଶନରେ ରହଣି କରିବନାହିଁ। ଶନିବାରରୁ ୧୨ ତାରିଖ ପର୍ଯ୍ୟନ୍ତ ୬୮୪୪୩/୬୮୪୪୪ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ୬୮୪୦୭/୬୮୪୦୮ ବାଲେଶ୍ୱର-ଭୁବନେଶ୍ୱର-ବାଲେଶ୍ୱର ମେମୁ, ୬୮୪୪୭/୬୮୪୪୮ କେନ୍ଦୁଝରଗଡ଼-ପାରାଦୀପ-କେନ୍ଦୁଝରଗଡ଼ ମେମୁ ଏହି ଷ୍ଟେଶନରେ ରହଣି କରିବ ନାହିଁ।

# ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଏସ୍‌ଏଲ୍‌ବିସିର ଦାବିପତ୍ର

**ଭୁବନେଶ୍ୱର,୬।୨(ଅନୁରାଧା ମହାରଣା)**

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିକୁ ଏକ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର କଳିଙ୍ଗ ସେନା ପକ୍ଷରୁ ପ୍ରଦାନ କରାଯାଇଛି। ଓଡ଼ିଆ ଯୁବକମାନେ ସହଜ ଓ ସରଳ ଉପାୟରେ କିଭଳି ଋଣ ପାଇପାରିବେ ସେ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ସହ ବ୍ୟାଙ୍କମାନେ ଓଡ଼ିଶାରୁ ୫ବର୍ଷରେ ୩୦ ଲକ୍ଷ କୋଟି ଟଙ୍କା ଜମା ସଂଗ୍ରହ କରିଛନ୍ତି ବୋଲି ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି । ଦାବିପତ୍ରରେ ଦଳ ପକ୍ଷରୁ ଉଲ୍ଲେଖ କରାଯାଇଛି, ଓଡ଼ିଶାରୁ ଜମା ଅନୁପାତରେ ବେକାର ଯୁବତୀଯୁବକଙ୍କୁ ଋଣ ଦିଆଯାଉନାହିଁ । ପ୍ରତି ପଞ୍ଚାୟତର ୧୦୦ଜଣଙ୍କୁ ଋଣ ପ୍ରଦାନ, ବିନା ବନ୍ଧକ ଏବଂ ବିନା ଆଇଟିଆରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବାକୁ , ଜମା ସଂଗ୍ରହ ଓ ଋଣ ଯୋଗାଣ ଉପରେ ପଞ୍ଚାୟତୱାରି ଶ୍ୱେତପତ୍ର ପ୍ରକାଶ କରିବା, ଓଡ଼ିଶା ଜମାକୁ ଅନ୍ୟ ରାଜ୍ୟରେ ବିନିଯୋଗ ନ କରିବା, ଶିଳ୍ପ ନାମରେ ଟଙ୍କା ନେଇ ଶିଳ୍ପ ବନ୍ଦ କାରି ଚାଲି ଯାଇଥିବା ଶିଳ୍ପପତିଙ୍କ ନାମରେ ଏତଲା ଦେବା, କୃଷି ଋଣ ଅଧିକ ପରିମାଣରେ ପ୍ରଦାନ କରିବା, ସମସ୍ତ ଋଣ ପାଇଁ ଯୁବତୀଯୁବକମାନେ କିଭଳି ସହଜରେ ଓ ସରଳ ଭାବେ ଋଣ ପାଇବେ ବ୍ୟାଙ୍କ ସେଥିପାଇଁ ବ୍ୟବସ୍ଥା କରିବା ଏବଂ ଗତ ୫ବର୍ଷ ମଧ୍ୟରେ ରାଜ୍ୟର କେଉଁ ବ୍ୟାଙ୍କ କେଉଁ ଜିଲାର କେତେ ଯୁବତୀଯୁବକଙ୍କୁ ଋଣ ପ୍ରଦାନ କରିଛନ୍ତି ତାହା ଉପରେ ବ୍ୟାଙ୍କର୍ସ କମିଟି ଏକ ଶ୍ୱେତପତ୍ର ଜାରି କରିବା ସହ ଓଡ଼ିଶାରୁ ସଂଗ୍ରହ ପୁଞ୍ଜି କେଉଁ କେଉଁ ରାଜ୍ୟରେ ବିନିଯୋଗକରାଯାଉଛି ରାଜ୍ୟବାସୀଙ୍କୁ ତାହା ବ୍ୟାଙ୍କର୍ସ କମିଟ ଜଣାଇବା ସହ ସରକାରୀ ସ୍କିମ୍ ମୁଦ୍ରା ଯୋଜନା ସମେତ ବିନା ବନ୍ଧକରେ ଋଣ ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଦଳ ପକ୍ଷରୁ ଉପ ସଭାପତି ସବ୍ୟସାଚୀ ମହାପାତ୍ର, ତୁଳସୀ ନାରାୟଣ ଦାସ, ଅବଦୁଲ କୟୁମ ଖାନ, ସାଧାରଣ ସମ୍ପାଦକ ବିଜୟ ରାଜ, ଅମୂଲ୍ୟ ନାୟକ, ସୁମନ୍ତ ସ୍ୱାଇଁ, ରାଧାମୋହନ ପଟ୍ଟନାୟକ, ଅଶୋକ ସାହୁ, ମଧୁସୂଦନ ସାହୁ ଏବଂ ନାରୀ ନେତ୍ରୀ ମୋନାଲିସା ବିଶ୍ୱାଳ ପ୍ରମୁଖ ମାଷ୍ଟରକ୍ୟାଣ୍ଟିନ ସ୍ଥିତ ୟୁକୋ ବ୍ୟାଙ୍କରେ ଥିବା ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟରେ ଦାବିପତ୍ର ପ୍ରଦାନ କରିଥିଲେ ।


# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ**

ଓଡ଼ଶିଙ୍ଗା, ନରସିଂହପୁର, କଟକ

ଆବିର୍ଭାବ : ୦୪।୧୦।୧୯୪୭

ତିରୋଧାନ : ୨୮।୦୧।୨୦୨୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-:ଶୋକସନ୍ତପ୍ତ:-

ବନ୍ଧୁ ଓ ପରିବାରବର୍ଗ।

ଧ-୩୩୨୦

## ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଉପଲକ୍ଷେ



**୰ସୁଷମା ଦେବୀ**

ଆବିର୍ଭାବ: ୦୪।୦୧।୧୯୨୦

ତିରୋଧାନ: ୧୮।୦୨।୨୦୨୫

ସେରପୁର, ଦେଓଦା, ଧର୍ମଶାଳା

ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆଜି ସେଇଦିନ ଯେଉଁଦିନ ଆମ ଜୀବନର ଆଲୋକ ନୀରବରେ ଅନ୍ଧକାର ହୋଇଗଲା। ତୁମ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:- ଦିଅର- ରାମଚନ୍ଦ୍ର ପାଣିଗ୍ରାହୀ, ପୁତ୍ର-ପତ୍ରବଧୂ: ନିରଞ୍ଜନ- ଅଜନ୍ତା, କିଶୋର କୁମାର-ରଞ୍ଜିତା, କ୍ଷୀରୋଧ-ପ୍ରଭାତୀ, ଦିଲ୍ଲିପ-ସ୍ୱାଗତିକା, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଧ-୩୩୨୧



# Classified Everyday

0674-2580101, 9692975378



**REAL ESTATE**


**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178


ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271



**CONSTRUCTION**

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190



3BHK with car parking, ground floor and second floor for residential office, godown at Gangotrinagar near Nuagan petrolpump. Contact: 6370641665. D-3308



Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3245

Newly open Jyoti SPA positively health benefits (Expert therapist). Contact- 8458067955. D-76955

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**AFFIDAVIT**

By virtue of an affidavit, I Jyotsnarani Nanda, D/o- Raghunath Nanda of Kaitha, Mahanga, Cuttack, declare that in Aadhaar Card bearing No. xxxx xxxx 7602 my name has been recorded as Jyotsna Nanda instead of Jyotsnarani Nanda. That Jyotsnarani Nanda and Jyotsna Nanda is one and same person. Hence this declaration. D-3322

By virtue of an affidavit sworn before the Executive Magistrate, Boudh, No.114, Dtd.- 05.02.26, I, Rajeev Biswal, S/o. Raghupati Biswal, R/o. Village- Rengalpali, P.O.- Sarasara, Dist.- Bargarh, Odisha, PIN- 768028 declare that I have changed my name from Rajib Biswal to Rajeev Biswal. Henceforth, I shall be known as Rajeev Biswal for all purposes.
Rajeev Biswal D-3319

I, Santosh Kumar Khandelwal, previously known as Santosh Kumar Khandelwalla have changed my name to Santosh Kumar Khandelwal and my father's name from Sambhu Nath Khandelwalla to Sambhu Dayal Khandelwal, via affidavit dated 24.12.2025 at Baripada for all purposes. D-3318


**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


Before the Executive Magistrate, Bhawanipatna, Kalahandi, I, Ashok Kumar Achary, S/o. S.S. Achary, R/o. Ward No. 09, Jagannathpada, Kesinga, P.O./P.S.- Kesinga, Dist.- Kalahandi declared that I have changed my son's name from Sai Krishna to Saridevi Swastik. Henceforth, he shall be known as Saridevi Swastik for all future purposes. D-3317

Before the Executive Magistrate, Kesinga, Kalahandi, I, Lila Bai Agrawal, w/o. Bishwanath Agrawal formerly called Liladevi Agrawal, At- Kesinga, Ward No.12, P.O./P.S.- Kesinga, Dist.- Kalahandi declared that I have changed my name from Liladevi Agrawal to Lila Bai Agrawal. Henceforth, I shall be known as Lila Bai Agrawal for all future purposes. D-3316


**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦରେ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ସେଠାରେ UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# LEGAL NOTICE

IN THE COURT OF JUDGE FAMILY COURT, SAMBALPUR
CIVIL PETITION CASE NO. 61 OF 2025

Abhipsha Mishra ......Petitioner

Versus

Lokesh Kumar Purohit ....Respondent

TO
Lokesh Kumar Purohit, aged about 37 years, Son of Late Jagadish Chandra Purohit, Resident of Patarpada (Near Hanuman Mandir), Dist.- Sundargarh- 770001.

NOTICE U/O 5 RULE 20 OF C.P.C.

The above petitioner has filed the above case against you for dissolution of marriage and you are avoiding to receive the notices.

You are hereby directed to appear in this court in person or by a pleader duly instructed on the 27th day of February 2026 at 10.30 A.M. in the fore noon to show cause against the said petitioner failing which the said petition will be heard and determined exparte.

Given under my hand and seal of the court this the 28th day of January 2026.

Sd./- Judge

D-3323

Letter No.- 60, Date- 04.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.- ୨, ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍. (ଏସ୍.ଏ.ଜି) ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜି.- ଖୋର୍ଦ୍ଧା, ଓଡ଼ିଶା

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ

ଓ.ଏସ୍.ଏସ୍. କେସ୍ ନଂ.- ୧୦୪୯/୨୦୨୧

ସ୍ୱୟଂପ୍ରଭା ସ୍ୱାଇଁ ..........ବାଦୀ/ଦରଖାସ୍ତକାରୀ

ବନାମ

ରାଜ୍ୟ ସରକାର ଓ ଅନ୍ୟମାନେ ........ପ୍ରତିବାଦୀମାନେ/ ଅପରପକ୍ଷ

ନୋଟିସ୍ ଅଣ୍ଡର ଅର୍ଡର- ୫, ରୁଲ୍- ୨୦ ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ପ୍ରତିବାଦୀମାନେ: ୧. ସଞ୍ଜୟ କୁମାର ସାହୁ, ମ୍ୟାନେଜିଙ୍ଗ୍ ଡିରେକ୍ଟର, କୋଣାର୍କ ହାଉସିଂ ସୋସାଇଟି, ଏସ୍‌ଡି- ୨, ଭିଏସ୍‌ଏସ୍ ନଗର, ପୋ- ବାଣୀବିହାର, ଥାନା- ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା-ଖୋର୍ଦ୍ଧା। ୨. ନୃସିଂହନାଥ ବିଜେ, ଜଳିପାଟଣା, ହାଲ୍- ଜରିପାଟଣା, ପୋ- ବରିମୁଣ୍ଡ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର- ୭୫୧୦୩୧, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ୍

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଇଜିଲାସରେ ଆସନ୍ତା ତା. ୦୬.୦୩.୨୦୨୬ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ମଞ୍ଚେଶ୍ୱର, ଥାନା ନଂ.- ୨୫, ମୌଜା - ଭୁବନେଶ୍ୱର, ସହର ୟୁନିଟ୍ ନଂ. ୩୯ ଗାଡ଼କଣ, ହାଲ୍ ଖାତା- ୪୫୭୩, ହାଲ୍ ପ୍ଲଟ୍ ନଂ. ୩୮୯୩/୯୯୭୨, ରକବା ଏ ୦.୧୦୦ ଡେସିମିଲ ଯାହାର ସେଟେଲମେଣ୍ଟ ଖାତା ନଂ.୪୦୨୮, ପ୍ଲଟ୍ ନଂ.- ୩୮୯୩/୯୯୭୩, ରକବା - ଏ୦.୦୩୦ ଡେସିମିଲ ଓ ଯାହାର ସାବିକ ଖାତା ନଂ.୨୨, ସାବିକ ପ୍ଲଟ୍ ନଂ.୧୧୨୬ (ପି), ଏରିଆ ଏ.୦.୨୯୦ ଡେସିମିଲ ସ୍ଥଧରୁ ଏ.୦.୧୦୦ ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତାରିଖ: ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର

ଧ-୭୫୮୬୨

# ବନ୍ଧାହେଲେ ନକଲି ଡାକ୍ତର

## ମହିଳା ମେଡିକାଲ ଅଫିସରଙ୍କଠାରୁ ୧.୩୦ ଲକ୍ଷ ଠକିଥିଲେ

ଭୁବନେଶ୍ୱର, ୬।୨(ତ୍ରିନାଥ ମହାନ୍ତି)

ନିଜକୁ ଡାକ୍ତର ପରିଚୟ ଦେଇ ବିବାହ ବାହାନାରେ ସମ୍ପର୍କ ସ୍ଥାପନ କରିବା ପରେ ଟଙ୍କା ଠକିନେଉଥିବା ଜଣେ ଠକଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଗିରଫ ନକଲି ଡାକ୍ତର ହେଲେ ଅନୁଗୋଳ ଜିଲା ଖଲରୀ ଅଞ୍ଚଳର ସରୋଜ କୁମାର ମିଶ୍ର ଓରଫ ଭବାନୀ ସିଙ୍କଦ଼ ଶଙ୍କର। ତାଙ୍କଠାରୁ ଏକ ମୋବାଇଲ ଫୋନ୍ ଓ ୬୭୦୦ ଟଙ୍କା ଜବତ କରାଯାଇଛି। ସରୋଜ ପୁନେରେ ଡାକ୍ତର ଥିବା କହି ଲୋକଙ୍କ ମନରେ ବିଶ୍ୱାସ ଜମାଉଥିଲେ। ବିଶେଷକରି ମାଟ୍ରିମୋନିଆଲ ସାଇଟ୍ରୁ ନମ୍ବର ଓ ତଥ୍ୟ ନେଇ ବିବାହ ପାଇଁ ସମ୍ପର୍କ ଯୋଡି ଯୁବତୀମାନଙ୍କୁ ପସାଉଥିଲେ। ପରେ ବିଭିନ୍ନ ଆଳ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ଠକିନେଉଥିଲେ। ସରୋଜଙ୍କ ଦ୍ୱାରା ଠକାମିର ଶିକାର ହୋଇଥିବା ଜଣେ ମହିଳା ମେଡ଼ିକାଲ ଅଫିସର ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।


ସରୋଜ କୁମାର ମିଶ୍ର

ଅଭିଯୋଗକାରିଣୀ ମହିଳା ଜଣଙ୍କ ପେସାରେ ଜଣେ ଡାକ୍ତର। ସେ ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ମେଡିକାଲ କଲେଜରେ ମେଡିକାଲ ଅଫିସର ଭାବରେ କାର୍ଯ୍ୟରତ ଅଛନ୍ତି। ବିବାହ ପାଇଁ ଏକ ବ୍ରାହ୍ମଣ ବିବାହ ୱେବ୍ସାଇଟ୍ର ନାମ ପଞ୍ଜୀକୃତ କରିଥିଲେ। ଗତ ଡିସେମ୍ବର ୮ରେ ସେ ଉକ୍ତ ୱେବ୍ସାଇଟରେ ଅଭିଯୁକ୍ତ ସରୋଜଙ୍କ ସଂସ୍ପର୍ଶରେ ଆସିଥିଲେ। ସରୋଜ ନିଜ ପ୍ରକୃତ ନାମ ଲୁଚାଇ ଅଭିଜିତ ମିଶ୍ର ନାମରେ ମିଥ୍ୟା ପରିଚୟ ଦେଇ ପୁନେରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା କହିଥିଲେ। ସେ ତାଙ୍କ ପିତାଙ୍କ ନାମ ସରୋଜ ମିଶ୍ର ବୋଲି କହିବା ସହ ଡାକ୍ତରାଣୀଙ୍କ ପରିବାର ସଦସ୍ୟଙ୍କ ସହ ବିବାହ ବିଷୟରେ କଥା ହୋଇ ବିଶ୍ୱାସ ଜନ୍ମାଇଥିଲେ। ଏଥିସହ ମୋବାଇଲ କଲ ଓ ହ୍ୱାଟ୍ସଆପ ମେସେଜ ମାଧ୍ୟମରେ ସେ ଅଭିଯୋଗକାରିଣୀ ଡାକ୍ତରାଣୀଙ୍କ ସହ ନିରନ୍ତର ଯୋଗଯୋଗ ରଖି ନାନା ପ୍ରାଲୋଭନ ଓ ବିଶ୍ୱାସ ସୃଷ୍ଟି କରିଥିଲେ। ଡିସେମ୍ବର ୧୫ରେ ଅଭିଯୁକ୍ତ ସରୋଜ ତାଙ୍କ ବନ୍ଧୁଙ୍କ ମାଆଙ୍କ ଅନ୍ତିମ ସଂସ୍କାର ପାଇଁ ଜରୁରୀ ଖର୍ଚ୍ଚ ବାହାନାରେ ଅଭିଯୋଗକାରିଣୀଙ୍କୁ ଦେଢ଼ ଲକ୍ଷ ଟଙ୍କା ମାଗିଥିଲେ। ଡାକ୍ତରାଣୀ ଜଣକ ଫୋନ ପେ ମାଧ୍ୟମରେ ତିନୋଟି କିସ୍ତିରେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ଦେଇଥିଲେ। ଜାନୁଆରୀ ୬ରେ ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ସରୋଜ ତାଙ୍କୁ ଖରାପ ଭାଷାରେ ଗାଳି ଦେବା ସହ ହତ୍ୟା ଧମକ ଦେଇଥିଲେ। ତେବେ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ। ଏପରି ମିଥ୍ୟା ପରିଚୟ ଦେଇ ବିଭିନ୍ନ ମାଟ୍ରିମୋନି ପ୍ଲାଟଫର୍ମରେ କେତେବେଳେ ନିଜକୁ ଡାକ୍ତର ପୁଣି ଆଉ କେତେବେଳେ ବଡ଼ ଅଫିସର ପରିଚୟ ଦେଇ ଯୁବତୀ ଓ ସେମାନଙ୍କ ପରିବାର ସହ ସମ୍ପର୍କ ଯୋଡି ଟଙ୍କା ଠକିନେଇଥାନ୍ତି। ତେବେ ସିସିଟିଏନ୍ଏସ୍ ଯାଞ୍ଚରୁ ତାଙ୍କ ନାମରେ ପୂର୍ବରୁ ଛତ୍ରପୁର ଥାନାରେ ସମାନ ପ୍ରକାରର ଏକ ମାମଲା ରହିଥିବା ଜଣାପଡିଛି।

# ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଓଡଗାଁ, ୬।୨
(ଆଦର୍ଶ କୁମାର ପଟ୍ଟନାୟକ)

## ୨୦୨୨ରେ ମାରଣାସ୍ତ୍ର ଧରି ସଂଘବଦ୍ଧ ଆକ୍ରମଣ ଘଟଣା

୨୦୨୨ରେ ନୟାଗଡ଼ ଜିଲା ଓଡଗାଁ ଥାନା ମାଣିକପାଟଣା ହାଟ ଛକ ନିକଟରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ଶୁକ୍ରବାର ଓଡଗାଁ ଅତିରିକ୍ତ ସହକାରୀ ବିଚାରପତି ଜନ୍ମେଜୟ ଦାଶ ରାୟ ଶୁଣାଇବା ସହ ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୬।୪।୨୦୨୨ ରାତି ୧୦ଟାରେ ଏତଲାକାରିଣୀ ରଞ୍ଜିତା ସାହୁଙ୍କ ସ୍ୱାମୀ ଜନାର୍ଦ୍ଦନ ସାହୁ ଓ ଅନ୍ୟମାନେ ବନ୍ଧାମୁହିଁଠାରୁ ଏକ ମାରୁତି ଗାଡ଼ିରେ କୁରୁମବାଙ୍କତରା ଯାଉଥିଲେ। ମାଣିକପାଟଣା ହାଟ ଛକ ଶିବାନୀ ବସ୍ତ୍ରାଳୟଠାରେ ଓଡଗାଁ ଥାନା ଅନ୍ତର୍ଗତ ବନ୍ଧାମୁହିଁ ଓ ଜୟପୁର ଗାଁର ଅଭିଯୁକ୍ତ ସଞ୍ଜୟ ସାହୁ, ବାଙ୍କନିଧି ସାହୁ, ପ୍ରଭାତ ସାହୁ, ରବୀନ୍ଦ୍ର ସାହୁ ଓ ତ୍ରିନାଥ ସାହୁ ପୂର୍ବ ଯୋଜନା ମୁତାବକ ସଂଘବଦ୍ଧ ହୋଇ ହାତରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ରାସ୍ତା ଉପରେ କାର୍କୁ ଅଟକାଇ ଜନାର୍ଦ୍ଦନଙ୍କୁ ଜୋର ଜବରଦସ୍ତ ଗାଡି ଭିତରୁ ଟାଣିଆଣି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଏକ ଧାରୁଆ ଖଣ୍ଡାରେ ମୁଣ୍ଡ, ଗୋଡ଼ ଓ ହାତକୁ ହାଣିବା ସହିତ କାରରେ ଥିବା ସମସ୍ତ ଲୋକଙ୍କୁ ଧାରୁଆ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଜନାର୍ଦ୍ଦନ ଓ ଅନ୍ୟମାନେ ପ୍ରଥମେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ଜନାର୍ଦ୍ଦନ ଗୁରୁତର ହେବାରୁ ତାଙ୍କୁ ନୟାଗଡ଼ ପରେ ଅଧିକ ସଂକଟାପନ୍ନ ହେବାରୁ ଡାକ୍ତର ଭୁବନେଶ୍ୱର ପଠାଇଥିଲେ। ଏହାକୁ ନେଇ ଜନାର୍ଦ୍ଦନଙ୍କ ସ୍ତ୍ରୀ ରଞ୍ଜିତା ୧୭।୪।୨୦୨୨ ସକାଳେ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ଘଟଣାର ବିଚାରକରି ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ସହକାରୀ ଦୌରାଜଜ୍ ବିଚାରପତି ଦାଶ ୫ ଅଭିଯୁକ୍ତଙ୍କୁ ଦଫା ୩୪୧ ମତେ ୧ ମାସ, ଦଫା ୩୨୩ ମତେ ୧ ବର୍ଷ, ଦଫା ୩୨୪ ମତେ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏ ନେଇ ମକଦ୍ଦମାକୁ ପରିଚାଳନା କରୁଥିବା ସରକାରୀ ଓକିଲ ବଟକୃଷ୍ଣ ମିଶ୍ର ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ରାଜସ୍ଥାନ ପୋଲିସ

ସମ୍ବଲପୁର, ୬।୨(ପ୍ରମୋଦ ବହିଦାର)

■ରିମାଣ୍ଡରେ ରାଜସ୍ଥାନ ଗଲେ ମନପୁରମ୍ ସୁନା ଚୋରି ଅଭିଯୁକ୍ତ
■୧୫ ଦିନିଆ ରିମାଣ୍ଡରେ ନେଲା ରାଜସ୍ଥାନ ପୋଲିସ

ଜଣେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ସମ୍ବଲପୁରରେ ରାଜସ୍ଥାନ ପୋଲିସ। ସହରର ବ୍ୟସ୍ତବହୁଳ ଅଞ୍ଚଳ ବୁଢ଼ାରଜାସ୍ଥିତ ମନପୁରମ୍ ସୁନା ଋଣ ନାମକ ଏକ ଅର୍ଥଲଗାଣ ସଂସ୍ଥାରୁ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂ(୨୮)ଙ୍କୁ ରାଜସ୍ଥାନ ପୋଲିସ ୧୫ ଦିନିଆ ରିମାଣ୍ଡରେ ନେଇଥିବା ସୂଚନା ମିଳିଛି। ରାଜସ୍ଥାନ ଜୟପୁର ଥାନାର ୩ଜଣ ଅଧିକାରୀଙ୍କ ସହ ଏକ ପ୍ଲାଟୁନ୍ ଫୋର୍ସ ୨ଟି ଗାଡ଼ିରେ ଶୁକ୍ରବାର ସମ୍ବଲପୁରରେ ପହଞ୍ଚି ଜିଲା ଅଦାଲତର ଅନୁମତି କ୍ରମେ ସୁବୋଧଙ୍କୁ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀ ୩ରେ ସମ୍ବଲପୁର ବୁଢ଼ାରଜାସ୍ଥିତ ମଣପୁରମ ସୁନା ଋଣ ସଂସ୍ଥାରୁ ସଶସ୍ତ୍ର ଡକାୟତମାନେ ୩୦ କେଜି ସୁନା ଓ ନଗଦ ପ୍ରାୟ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଅଇଁଠାପାଲି ପୋଲିସ ତନାଘନା ଆରମ୍ଭ କରି ବିଭିନ୍ନ ସମୟରେ ଏଥିରେ ସମ୍ପୃକ୍ତ ସମସ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ପ୍ରଥମେ ୨୦୨୫ ଜାନୁଆରୀ ୧୬ରେ ବିହାର ହାଜିପୁରରୁ ପଙ୍କଜ ପାଶ୍ୱାନ(୨୬) ଓ ଅଜୟ ପାଶ୍ୱାନ(୨୪) ଓ ୨୦୨୫ ଫେବୃଆରୀ ୧ରେ ଆସାମର ଗୁଆହାଟୀରୁ ବିହାର ବୈଶାଳୀ ଜିଲା ହାଜିପୁର ଦିଘିକୋଲା ପଶ୍ଚିମର ଉତ୍ତମ ପାଶ୍ୱାନ(୨୨)ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଲୁଟ୍ ସୁନା ବା ଟଙ୍କା ଉଦ୍ଧାର ହୋଇ ନ ଥିଲା। ଏମାନଙ୍କ ସୂଚନା ଆଧାରରେ ପରବର୍ତ୍ତିକାଳରେ ଗତ ମାର୍ଚ୍ଚ ୨୭ରେ କୋଲକାତା ପ୍ରେସିଡେନ୍ସି ଜେଲ୍ରେ ଥିବା ଏହାର ମୁଖ୍ୟ ଅଭିଯୁକ୍ତ ସୁବୋଧ ସିଂଙ୍କୁ ଅଇଁଠାପାଲି ପୋଲିସ ରିମାଣ୍ଡରରେ ସମ୍ବଲପୁର ଆଣିଥିଲା। ସୁବୋଧ ଅନ୍ୟ ଏକ ଡକାୟତି ମାମଲାରେ ପ୍ରେସିଡେନ୍ସି ଜେଲ୍ରେ ଥିଲେ। ସେହି ମାସ ୨୮ ତାରିଖରେ ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେଇ ପୋଲିସ ପଚାରଉଚରା କରିଥିଲା। ସେ ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ତେବେ ରିମାଣ୍ଡ ଅବଧି ସରିଲା ପରେ ସୁବୋଧ ସେହିଦିନଠାରୁ ସମ୍ବଲପୁର ମଣ୍ଡଳ ଜେଲ୍ରେ ରହିଥିଲେ। ଏହି ସମୟରେ କୌଣସି ଆପରାଧିକ ଘଟଣାର ସମ୍ପୃକ୍ତିକୁ ନେଇ ରାଜସ୍ଥାନର ଉଦୟପୁର ପୋଲିସ ଦଳ ସମ୍ବଲପୁରରେ ପହଞ୍ଚି ସ୍ଥାନୀୟ ଜିଲା କୋର୍ଟରେ ସୁବୋଧଙ୍କ ରିମାଣ୍ଡ ଆବେଦନ କରିଥିଲେ। ଜିଲା ଅଦାଲତଙ୍କ ଅନୁମତି କ୍ରମେ ତାଙ୍କୁ ରାଜସ୍ଥାନ ପୋଲିସ ୧୪ ଦିନିଆ ରିମାଣ୍ଡରେ ନେଇଥିବା ଜଣାପଡ଼ିଛି।

# ଚିକିତ୍ସାଧୀନ ଅବସ୍ଥାରେ ୨ ଆଖି ବୁଜିଲେ

## ଗୋଷ୍ଠୀ ସଂଘର୍ଷ ଘଟଣା

### ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ବରଗଡ଼, ୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଥାନାଠାରୁ କିଛିଦୂରରେ ଥିବା ହାଟପଦା ସାଇ ମନ୍ଦିର ପାଖ ବିଟ୍ ରାସ୍ତା ଉପରେ ଗୁରୁବାର ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ କଲେଜ ରୋଡ୍ ବାସିନ୍ଦା ଦିଲୀପ ଲୁହା(୨୪) ଏବଂ ଗୋବିନ୍ଦପାଲି ନିବାସୀ ସୁରଜ ବାରିକ(୨୪)। ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ଦିଲୀପଙ୍କ ମୃତ୍ୟୁ ଘଟିଥିବା ବେଳେ ଶୁକ୍ରବାର ସକାଳେ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ସୁରଜଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ଋତ୍ୱିକ୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ଟାଉନ ଥାନା ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାହେବା ସୁଦ୍ଧା(ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ) ଅଭିଯୁକ୍ତମାନେ ଧରାପଡ଼ି ନାହାନ୍ତି। ସେହିପରି କେଉଁ କାରଣରୁ ଏଭଳି ହତ୍ୟାକାଣ୍ଡ ଘଟିଲା, ତାହା ଜଣାପଡ଼ି ନାହିଁ। ପୂର୍ବ ଶତ୍ରୁତା କିମ୍ବା ନିଶା କାରବାର ଏହାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି।


ଦିଲ୍ଲୀପ ଲୁହା


ସୁରଜ ବାରିକ

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଦିଲୀପ, ସୁରଜ, ଋତ୍ୱିକ ହାଟପଦା ସାଇ ମନ୍ଦିର ପାଖରେ ଥିଲେ। ସେଠାକୁ ଅନ୍ୟ ଏକ ଗୋଷ୍ଠୀ ହଠାତ୍ ଭୁଜାଲି, ଛୁରି ଆଦି ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ସେଠାରେ ସାମାନ୍ୟ ବଚସା ଆରମ୍ଭ ହେବା ପରେ ଅଭିଯୁକ୍ତମାନେ ଲୋକ ଗହଳି ସତ୍ତ୍ୱେ ଜଣେ ପରେ ଜଣଙ୍କୁ ଭୁଜାଲି, ଛୁରିରେ ଆକ୍ରମଣ କରି ଚାଲିଥିଲେ। ପରେ ଅଭିଯୁକ୍ତମାନେ ନିର୍ଭୟରେ ସେଠାରୁ ଖସି ଯାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ସେଠାରେ ଦିଲୀପଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ୨ଜଣଙ୍କୁ ରାତାରାତି ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

# ଯାତ୍ରା କଳାକାର ନିଶା ମହାରଣାଙ୍କୁ ଆଗୁଆ ଜାମିନ

କଟକ,୬।୨(କାର୍ତ୍ତିକ ସାହୁ)

ଯାତ୍ରା କଳାକାର ନିଶା ମହାରଣାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ ମଞ୍ଜୁର କରିବା ପରେ ନିଶା ଯାତ୍ରା ମଞ୍ଚରେ ପୁଣି ନୃତ୍ୟ ପରିବେଷଣ କରିବାର ରାସ୍ତା ଉନ୍ମୁକ୍ତ ହୋଇଛି ବୋଲି ଚର୍ଚ୍ଚା ହୋଇଛି। ସୂଚନାନୁସାରେ, ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚନ୍ଦନଭାଟିଠାରେ ଆୟୋଜିତ ଏକ ଅପେରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବାରୁ ନିଶାଙ୍କ ନାମରେ ବଲାଙ୍ଗୀର ସଦର ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ଘଟଣାରେ ସମ୍ଭାବ୍ୟ ଗିରଫଦାରିକୁ ଏଡ଼ାଇବା ଲାଗି ନିଶା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଯୋଗୁ ମଞ୍ଚ ତଳେ ବସିଥିବା ଦର୍ଶକମାନେ ଚେୟାର ଫିଙ୍ଗିଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ବଲାଙ୍ଗୀର ସଦର ଥାନା ପୋଲିସ ନିଜଆଡ୍ରୁ ଏତଲା ରୁଜୁ କରିଥିଲା।

# ନିଖୋଜ ଯୁବତୀଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ମାର୍ଶାଘାଇ, ୬।୨
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଲୁଣାନଦୀରୁ ଶୁକ୍ରବାର ଜଣେ ଯୁବତୀଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତା ଯୁବତୀ ଜଣକ ହେଲେ ଡେରାବିଶ ଥାନା ଅଧୀନ ପଲେଇ ପଞ୍ଚାୟତ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ହରପ୍ରସାଦ ସାମଲଙ୍କ ଝିଅ ସ୍ୱାତୀ ସ୍ୱରୂପା (୨୧)। ମାର୍ଶାଘାଇ ପୋଲିସଠାରୁ ଖବର ପାଇ ପରିବାର ଲୋକ ତାଙ୍କୁ ଚିହ୍ନିବା ପରେ ପୋଲିସ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଏ ନେଇ ହରପ୍ରସାଦ ଶୁକ୍ରବାର ସକାଳେ ଡେରାବିଶ ଥାନାରେ କରିଥିବା ନିଖୋଜ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ସ୍ୱାତୀ ଗୁରୁବାର ସକାଳ ୮ଟାରୁ କେନ୍ଦ୍ରାପଡ଼ାସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରକୁ କୋଚିଂ ନେବା ପାଇଁ ଯାଇଥିଲେ। ମାତ୍ର ଆଉ ଫେରି ନ ଥିଲେ। ତେବେ ଝିଅର ଫେରିବା ବିଳମ୍ବ ଦେଖି ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ପରେ ଥାନାରେ ଏକ ନିଖୋଜ ଅଭିଯୋଗ କରିଥିବା ହରପ୍ରସାଦ କହିଛନ୍ତି। ତେବେ ଝିଅ କେଉଁ ପରିସ୍ଥିତିରେ ମାର୍ଶାଘାଇ ଥାନା ଅଞ୍ଚଳକୁ ଆସିଲା ଏବଂ ତା'ର ମୃତଦେହ ଶୁକ୍ରବାର ମିଳିବା ନେଇ ସମ୍ପୂର୍ଣ୍ଣ ସନ୍ଦେହ ଘେରରେ ପରିବାର ରହିଥିବା ହରପ୍ରସାଦ କହିଛନ୍ତି। ତାଙ୍କ ଝିଅକୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ବାପା ହରପ୍ରସାଦ ମାର୍ଶାଘାଇ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।


**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Tele/Fax - 06821-241015, E-mail: dfo.ghumsursouth@odisha.gov.in
**TENDER CALL NOTICE FOR RATE CONTRACT FOR SUPPLY AND INSTALLATION OF CHILDREN PLAYING EQUIPMENT AND OPEN-AIR GYM EQUIPMENT.**
ADVERTISE
**No.8001/17/2526** : Sealed tenders are invited from the Original Manufacturer/ Authorised Distributor / Authorised Supplier for Supply and Installation of Children Playground Equipment and Open-Air Gym Equipment (Including for Specially Abled) in Ecotourism at Maa Sankulei Peetha, Antarapada under Buguda Range and at Rolla under Badgada Range. The value of procurement to be made by Ranges is likely to be Rs. 33.32 lakh (approx.).
The Divisional Forest Officer, Ghumsur South Division, Bhanjanagar hereby invites reputed Original Equipment Manufacturer (OEM) / Authorised Distributor/ Authorised Supplier for Empanelment for Supply, Installation and Maintenance of Children Playground and Open-Air Gym equipment as per details mentioned in the Scope of Work in the Tender document. Interested agency, for further details, may download the Tender document from website: https://ganjam.odisha.gov.in/or and https://odishaforest.in/ and submit their Tender in a sealed envelope by Registered Post /Courier/Hand delivery on or before **11.02.2026** on or before 5:00 PM to the Divisional Forest Officer, Ghumsur South Division, Bhanjanagar.
Bids received on offline shall be opened at **3.30 P.M of 13.02.2026**.
Sd./- Divisional Forest Officer
Ghumsur South Division
OIPR-8001/8051/1/25-26/0017



**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Weir on Bridge Work**
**Identification No.- Online Tender- Weir on Bridge N.C.B. No.406 for 2025-26.**
No.25001/27/2526 **Letter No.768/Date. 29.01.2026//**
1. Name of the work : Construction of Weir adjacent to Bridge over Katra Nallah at 33th Km on Jharpokharia to Kulapata Road in the District of Mayurbhanj for the year 2024-25, 2. Total No. of work : 1 No. (One), 3. Estimated Cost : **Rs.200.45 Lakhs (approximately)**, 4. Eligible Class of Contractor : **As per annexure**, 5. Period of Completion : **As per annexure**, 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Weir on Bridge On-line N.C.B. No.406 | Dt.10.02.2026 at 11.00 A.M. | Dt.25.02.2026 up to 5.00 P.M. | Dt.24.02.2026 up to 5.00 P.M. | Dt.26.02.2026 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.
• Any Corrigendum / Addendum will be displayed in the above e_tender website only.
Sd./- Er. A.K Naik
Chief Construction Engineer, R.W. Circle, Baripada
OIPR-25001/25130/1/25-26/0027



**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE:C/2, NAYAPALLI, BHUBANESWAR-751012
CIN: U51211OR1980SGC000894
Tel No:0674-2395391, Fax No:0674-2395291, Website:www.oscsc.in
**Request for Proposal (RFP) for Empanelment of manufacturers to supply FORTIFIED RICE KERNEL (FRK) for the KMS 2025-26 in the State of Odisha**
File No.OSCSC-PROC-PROC-0042-2025
RFP Advt.No. 2051/ OSCSC Ltd., Date: 05.02.26
No.7001/3/2526: Proposals are invited from interested bidders registered under the Companies Act-1956/2013 or any other legal entity registered in India and having valid registration certificate and eligibility as per the criteria given in the Request for Proposal (RFP) published in the official website www.foododisha.in & www.oscsc.in & www.tendersodisha.gov.in for **"Empanelment of Manufacturers to supply FORTIFIED RICE KERNEL (FRK) for the KMS-2025-26** in the state of Odisha. The details of timetable of the RFP are as under.

| Sl. No. | Event Description | Date |
|---|---|---|
| 1 | Publication of RFP in website | 06/02/2026 at 18:00 hours |
| 2 | Pre-Bid Meeting | 17/02/2026 at 15:00 Hours at Office of OSCSC Ltd., C/2, Nayapalli, Bhubaneswar-751012 |
| 3 | Last Date and time for submission of Proposal | 02/03/2026 at 17:00 Hours through online at **www.tendersodisha.gov.in** |
| 4 | Opening of Technical Proposal | 05/03/2026 by 11:00 Hours at Office of OSCSC Ltd. C/2, Nayapalli, Bhubaneswar-751012 |
| 5 | Opening of Financial Bid | 09/03/2026, 11:00 Hours<br>Any Change to the aforementioned scheduled date, the same will be intimated through online and registered e-mail id for the technical qualified bidders |

Any amendment in the tender document due to decision in pre-bid meeting/ extension of bid, if any, shall be notified in the websites mentioned above. The proposals shall be submitted through online mode at **www.tendersodisha.gov.in.** The authority reserves the right to cancel any or the entire selection process without assigning any reason thereof.
Sd./- Managing Director
Odisha State Civil Supplies Corporation Limited
OIPR-7001/7002/1/25-26/0003



**GOVERNMENT OF ODISHA**
**DEPARTMENT OF HIGHER EDUCATION**
RE-OPENING OF PORTAL FOR ONLINE APPLICATION AND VALIDATION OF SCHOLARSHIP UNDER "MUKHYAMANTRI MEDGABI CHHATRA PROTSAHAN YOJANA" 2025-26 FROM FRESH STUDENTS FOR REMAINING VACANCIES
No.11001/10/2526

| Sl. No. | Scheme & sub-Scheme | | Dateline for submission of online application by students from fresh students (no further extension) | Dateline for validation of scholarship application (fresh) by Heads of Institutions / Principals concerned (no further extension) |
|---|---|---|---|---|
| 1 | e-Medhabruti | UG merit | 06.02.26 to 26.02.26 | Up to 06.03.26 |
| 2 | | PG merit | 06.02.26 to 26.02.26 | Up to 06.03.26 |
| 3 | | Technical & Professional merit | 06.02.26 to 26.02.26 | Up to 06.03.26 |
| 4 | Vyasakabi Fakir Mohan Bhasabruti Scheme | | 06.02.26 to 26.02.26 | Up to 06.03.26 |
| 5 | Gopabandhu Shikhya Sahayata Yojana | | 06.02.26 to 26.02.26 | Up to 06.03.26<br>Up to 19.03.26 (only at DWO level) |
| | Important Note for Non-SAMS Students | | **Uploading of documents through Digilocker has been made mandatory** | |

***Separate merit list will be prepared for the students whose applications will be received after 06.02.26 at Department level against the remaining vacancies.** In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of helpline, Higher Education Department - **0674(2396550), 0674(2391126), 0674(2391127), 0674(2391128),** (on all working days from 10.30 A.M. to 5.30 P.M.) or e-mail on scholarshiphed@gmail.com.
OIPR-11001/11001/1/25-26/0010 Sd./- Joint Secretary to Government



**DIRECTORATE OF AVIATION**
**GOVERNMENT OF ODISHA**
**JOB OPPORTUNITIES**
**No.9001/4/2526:**Directorate of Aviation, Odisha wishes to fill in purely temporary contractual posts for existing and upcoming Aviation projects & state-owned Airports as well as for regular operation of Directorate of Aviation. Indian Nationals who meet the requirements stipulated herein may apply for the following posts on a purely Contractual engagement /temporary engagement Basis [Contract Period: two years) which may be renewed subject to their performance and as per the requirement.
Preference will be given to candidates with experience in Airport Management & Operations and Aviation Sectors.
Number of vacancies given below is indicative as per operational requirements.

| Sl. No. | Post | Vacancy | Remuneration per month | Essential Educational Qualification and Experience |
|---|---|---|---|---|
| 1 | DY. DIRECTOR (OPERATION & PROTOCOL) | 1 | Rs,1,20,000/- | Graduate/ Post graduate in Science/ Engineering with 10+ years In Airport Operation, Airport infrastructure development, Change Management, Aerodrome Safe guarding. Safety Management, ARFF. |
| 2 | DY. DIRECTOR (ENGINEERING & MAINTENANCE) | 1 | Rs.1,20,000/- | Graduate/Postgraduate in Civil Engineering with at least 10 years of experience in airport infrastructure, maintenance of aviation facilities, utilities and compliance with DGCA/BCAS standards. Experience in project management and vendor supervision preferred. |
| 3 | ASST. DIRECTOR (AERO SAFE GUARD) | 1 | Rs.80,000/- | Graduate in /Aerospace/Engineering/Science/ or any discipline with minimum 8 years of experience in airside operation, Aerodrome Safeguarding, runway/ taxiway operations, wildlife hazard management, and ICAO safety compliance. Certification on Aerodrome Safeguarding Desirable |
| 4 | ASST. DIRECTOR (FLIGHT OPERATION & BUSINESS DEVELOPMENT) | 1 | Rs.80,000/- | Bachelors in any discipline / Finance / Business / Science (MBA preferred) with 8-10 years working experience in Aviation, operation, finance, PPPS, knowledge in Public Procurement RFP/RFQ etc is essential |
| 5 | ASST. DIRECTOR (SAFETY & COMPLIANCE) | 1 | Rs.80,000/- | Graduate/Postgraduate /Engineering/Management/Science /or any discipline with 8-10 years of experience in regulatory compliance, DGCA/ICAO audits, safety, inspections and risk assessment. Change Management Prior exposure to Quality Management Systems and SMS implementation preferred. |
| 6 | ASST. DIRECTOR (SECURITY) | 1 | Rs.80.000/- | Graduate in any discipline with minimum 8 years of experience in aviation security operations, BCAS/DGCA compliance, AVSEC certification, CISF/ airport security agencies. Experience in crisis management and emergency response planning desirable. |
| 7 | SENIOR EXECUTIVE (MIS) | 1 | Rs.50,000/- | Graduate in any discipline with Diploma in Computer or equivalent certification and having more than 5 years working experience with Government (preferably aviation) |

**AGE: Age of the candidates (35-60) YR as on 01.01.2026. Preference will be given for ex-AAI, ex-Defence Officials/ Pilots /persons having knowledge of Airlines/flight operation/NSOP/Airport Management etc.**
**PLACE OF POSTING:** O/o Directorate of Aviation, Odisha, BPI Airport, Bhubaneswar - Deputy Director (Operation & Protocol), Deputy Director (Engineering & Maintenance), Asst Director (Aero Safe Guard), Assistant Director (Business Development & Flight Operation), Assistant Director (Safety & Compliance), Assistant Director (Security) and Senior Executive-MIS.
**GENERAL INSTRUCTION:** Interested candidates are requested to submit their detailed CVs with cover letter, self-attested certificates (degrees, aviation experience, achievements) and two recent passport size photos via Speed/Registered Post or email (transcivilaviation@gmail.com or orissa_aviation@yahoo.co.in) by **28.02.2026.**
• Application after due date shall not be entertained. • Only short listed candidates will be contacted for Interview. • Candidates are advised to visit the official website of the Commerce and Transport Department at https://ct.odisha.gov.in/to obtain detailed information about the aforementioned vacancies. Queries may be submitted via the provided email address
**ADDRESS:-** Directorate of Aviation, Government of Odisha, Old Terminal Building, B.P.I. Airport, Bhubaneswar, Pin- 751020, E-mail:-transcivilaviation@gmail.com or orissa_aviation@yahoo.co.in
Sd./- Deputy Director
Directorate of Aviation, Bhubaneswar
OIPR-9001/9003/1/25-26/0004



See Career Appointment on every Wednesday & Saturday



No.32001/17/2526
Government of Odisha, Department of Water Resources
**OFFICE OF THE SUPERINTENDING ENGINEER**
**GAJAPATI IRRIGATION DIVISION, PARALAKHEMUNDI**
Phone/Fax : 06815-223249, Email Id : eepkdgpt@gmail.com
**e-Procurement Notice No. SE-GID-05/2025-26**
1. Nature of work : Flood protection works
2. Number of works : 02 (Two)
3. Approximate amount put to tender : Rs.84.04 Lakh each
4. Period of completion : 11 Calendar months
5. Date & Time of availability of Bid document in the portal : Dt.10.02.2026 at 10.00 hours to 25.02.2026 at 17.30 hours
6. Last date & time of seeking Tender Clarification : Dt.10.02.2026 at 10.00 hours to 16.02.2026 at 17.30 hours
7. Last date & time of receipt of Bids in the portal : Dt.25.02.2026 at 17.30 hours
8. Date, time & place of opening of Technical Bid : Dt.26.02.2026 at 11.00 hours in the Office of the Superintending Engineer, Gajapati Irrigation Division, Paralakhemundi
9. Date, time & place of opening of Financial Bid : To be intimated to qualified bidders after evaluation of technical bid.
10. Name & address of the officer inviting bid : Superintending Engineer, Gajapati Irrigation Division, Paralakhemundi, Dist.-Gajapati
11. Any corrigendum required will be made available in Govt. website only. Further details can be seen from the e-Procurement portal https://tendersodisha.gov.in
Sd./- Superintending Engineer
Gajapati Irrigation Division, Paralakhemundi
OIPR-32001/32523/1/25-26/0017



**GOVERNMENT OF ODISHA, DEPARTMENT OF WATER RESOURCES**
Office of the Engineer-In-Chief,
Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com
No.32001/18/2526 **e-Procurement Notice**
**- Bid Identification No. - CEM/MDB-15/2025-26**
1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDB - 15/2025-26
5. Estimated Cost : Rs.74,92,068.00
6. Period of Completion : 30 days
7. Date & time of availability of bid documents in the Portal : From Dt.07.02.2026 (10.00 A.M.) to Dt.13.02.2026 (5.30 P.M.)
8. Last date / time for receipt of bid in the portal : Dt.13.02.2026 (up to 5.30 P.M.)
9. Date and Place of opening of Technical Bid : Dt.16.02.2026 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar
Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.
Sd./- Chief Engineer, Mechanical
O/o - Engineer-In-Chief, Secha Sadan, Bhubaneswar
OIPR-32001/32520/1/25-26/0018

ବୈଭବ
୧୭୫ ରନ
୮୦ ବଲ
୧୫ ଚୌକା
୧୫ ଛକା



# ରେକର୍ଡ ବୁକ୍‌ରେ ବୈଭବ ସୂର୍ଯ୍ୟବଂଶୀ

**୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ଫାଇନାଲରେ ୮୦ ବଲ୍‌ରୁ ୧୭୫ ରନର ଇନିଂସ ଖେଳିଛନ୍ତି। ଏହା ମଧ୍ୟରେ ୧୫ ଚୌକା ଓ ୧୫ ଛକା ସାମିଲ...**

● ୧୭୫: ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ ଫାଇନାଲ କି ମ୍ଵ। ୟୁଥ୍ ଦିନିକିଆ ନକ୍‌ଆଉଟ ଗେମ୍‌ରେ ଏହା ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୫ ଏସିଆ କପ୍ ଫାଇନାଲରେ ପାକିସ୍ତାନର ସମୀର ମିନହାସ ଭାରତ ବିପକ୍ଷରେ ସର୍ବାଧିକ ୧୭୨ ରନକରି ରେକର୍ଡର ଅଧିକାରୀ ଥିଲେ। କୌଣସି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ମଧ୍ୟ ୧୭୫ ରନ ସର୍ବାଧିକ ସ୍କୋର। ଏହା ୧୯ ବର୍ଷରୁ କମ୍ ହେଉ କି ସିନିୟର ସ୍ତରର। ୨୦୨୨ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲରେ ଭାରତ ବିପକ୍ଷରେ ଇଂଲଣ୍ଡର ଆଲିସା ହିଲି ସ୍କୋର କରିଥିବା ୧୭୦ ରନ ସର୍ବାଧିକ ଥିଲା।

● ୧: ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ବିଶ୍ୱକପରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାରେ ସକ୍ଷମ ହୋଇଛନ୍ତି। ପୂର୍ବରୁ ୨୦୨୨ରେ ଭାରତର ରାଜ ବାୱା ଉଗାଣ୍ଡା ବିପକ୍ଷରେ ୧୬୨ ରନରେ ଅପରାଜିତ ରହି ରେକର୍ଡର ଅଧିକାରୀ ଥିଲେ।

● ୧୫: ନିଜର ୧୭୫ ରନର ଇନିଂସ ମଧ୍ୟରେ ସୂର୍ଯ୍ୟବଂଶୀ ୧୫ ଛକା ମାରିଛନ୍ତି। କୌଣସି ୟୁଥ୍ ଦିନିକିଆ ଇନିଂସରେ ଏହା ସର୍ବାଧିକ। ଗତ ଡିସେମ୍ବରରେ ସେ ୟୁଏଇ ବିପକ୍ଷରେ ୧୪ ଛକା ମାରିଥିଲେ। ଏବେ ସେ ନିଜ ରେକର୍ଡ ଭାଙ୍ଗିଛନ୍ତି।

● ୧୫୦: ସୂର୍ଯ୍ୟବଂଶୀ କେବଳ ବାଉଣ୍ଡରି (୧୫ ଚୌକା, ୧୫ ଛକା)ରୁ ୧୫୦ ରନ ସ୍କୋର କରିଥିଲେ। ୟୁଥ୍ ଦିନିକିଆରେ ଏହା ହେଉଛି ଅନ୍ୟ ଏକ ରେକର୍ଡ। ପୂର୍ବରୁ ଶ୍ରୀଲଙ୍କାର ହସିଥା ବୋୟାଗୋଦା ୨୦୧୮ରେ କେନିୟା ବିପକ୍ଷରେ ବାଉଣ୍ଡରିରୁ ସର୍ବାଧିକ ୧୨୪ ରନ ସଂଗ୍ରହ କରିଥିଲେ। ସେ ଏହି ମ୍ୟାଚରେ ୧୯୧ ରନ କରିଥିଲେ। ହସିଥା ସେତେବେଳେ ୨୮ ଚୌକା ଓ ୨ ଛକା ମାରିଥିଲେ।

● ୭୧: ସୂର୍ଯ୍ୟବଂଶୀ ୧୫୦ ରନ ପୂରଣଲାଗି ୭୧ଟି ବଲ୍‌ର ସହାୟତା ନେଇଥିଲେ। ଏହା ୟୁଥ୍ ଦିନିକିଆରେ ଦ୍ରୁତତମ। ନିକଟରେ ସେ ଏସିଆ କପ୍‌ରେ ୟୁଏଇ ବିପକ୍ଷରେ ୮୪ ବଲ୍‌ରୁ ୧୫୦ ରନ ପୂରଣ କରିଥିଲେ। ଏଥର ସେ ନିଜ ରେକର୍ଡ ଭାଙ୍ଗିଛନ୍ତି। ୟୁଥ୍ ଦିନିକିଆରେ ଏକାଧିକଥର ୧୫୦+ ସ୍କୋର କରିବାରେ ସେ ଶ୍ରୀଲଙ୍କାର ପୁଲିନ୍ଦୁ ପେରେରା ଓ ଦକ୍ଷିଣ ଆଫ୍ରିକାର ଜୋରିଚ୍ ଭାନ୍ ଶାଲ୍କୱିକ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି।

● ୨: ସୂର୍ଯ୍ୟବଂଶୀଙ୍କ ୫୫ ବଲ୍ ଶତକ ୧୯ ବର୍ଷରୁ କମ୍ ବିଶ୍ୱକପରେ ଦ୍ୱିତୀୟ ଦ୍ରୁତତମ। ଅଷ୍ଟ୍ରେଲିଆର ୱିଲ୍ ମାଲାଜୁକ୍ ଜାପାନ ବିପକ୍ଷରେ ୫୧ ବଲ୍‌ରୁ ଶତକ ପୂରଣ କରି ରେକର୍ଡର ଅଧିକାରୀ ଅଛନ୍ତି।

● ୧୧୦: ୟୁଥ୍ ଦିନିକିଆର ଶେଷ ୨୫ଟି ଇନିଂସରେ ସୂର୍ଯ୍ୟବଂଶୀ ୧୧୦ ଛକା ମାରି ନିଜ ରେକର୍ଡକୁ ଅଧିକ ମଜଭୁତ କରିଛନ୍ତି। ବାଂଲାଦେଶର ଜୱାଦ ଆର୍ବାର ତାଙ୍କ ଅଧା ଅର୍ଥାତ୍ ୫୫ଟି ଛକାମାରି ଦ୍ୱିତୀୟରେ ରହିଛନ୍ତି।

● ୧୪୧୨: ୟୁଥ୍ ଦିନିକିଆରେ ବୈଭବ ମୋଟ ୧୪୧୨ ରନ ପୂରଣ କରିଛନ୍ତି। ଭାରତ ପାଇଁ ଏହା ସର୍ବାଧିକ ଏବଂ ଓଭରଅଲ୍ ଚତୁର୍ଥ ସର୍ବାଧିକ। ପୂର୍ବରୁ ବିଜୟ ଜୋଲ୍ ୧୪୦୪ ରନକରି ଜଣେ ଭାରତୀୟ ଭାବେ ଏହି ରେକର୍ଡର ଅଧିକାରୀ ଥିଲେ।



ବିସ୍ଫୋରକ ଶତକୀୟ ଇନିଂସପାଇଁ ବୈଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ଖେଳାଳି ଅଭିନନ୍ଦନ ଜଣାଉଛନ୍ତି।

## ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ ରେକର୍ଡ

**ଗୋଟିଏ ଇନିଂସରେ ସର୍ବାଧିକ ଛକା**
୧୫: ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
୧୨: ମାଇକେଲ ହିଲ୍ (ଅଷ୍ଟ୍ରେଲିଆ) ବନାମ ନାମ୍ବିଆ, ପେନାଙ୍ଗ, ୨୦୦୮
୧୧: କ୍ରେଗ୍ ସିମନ୍ସ (ଅଷ୍ଟ୍ରେଲିଆ), ବନାମ କେନିୟା, ଡୁନେଡିନ, ୨୦୦୨

**ଫାଇନାଲରେ ସର୍ବୋଚ୍ଚ ସ୍କୋର**
୧୭୫: ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
୧୧୫: କାଲେବ ଫାଲ୍କନର (ଇଂଲଣ୍ଡ) ବନାମ ଭାରତ, ହରାରେ, ୨୦୨୬
୧୧୧*: ଉନ୍ମୁକ୍ତ ଚାନ୍ଦ (ଭାରତ), ବନାମ ଅଷ୍ଟ୍ରେଲିଆ, ଟାଉନ୍ସଭିଲେ, ୨୦୧୨
୧୦୮: ବ୍ରେଟ୍ ୱିଲିୟମ୍ସ (ଅଷ୍ଟ୍ରେଲିଆ), ବନାମ ପାକିସ୍ତାନ, ଆଡିଲେଡ, ୧୯୮୮

**ଦ୍ରୁତତମ ୧୫୦**
୭୧ ବଲ୍: ବୈଭବ ସୂର୍ଯ୍ୟବଂଶୀ (ଭାରତ) ବନାମ ଇଂଲଣ୍ଡ, ହରାରେ, ୨୦୨୬
୯୮ ବଲ୍: ବେନ୍ ମାୟେସ (ଇଂଲଣ୍ଡ), ବନାମ ସ୍କଟଲାଣ୍ଡ, ହରାରେ, ୨୦୨୬

## ଭାରତ-ଇଂଲଣ୍ଡ ଫାଇନାଲ ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୪୧୧/୯ (ବୈଭବ ସୂର୍ଯ୍ୟବଂଶୀ-୧୭୫, ଅଭିଜ୍ଞାନ କୁଣ୍ଡୁ-୪୦, କନିଷ୍କ ଚୌହାନ ଅପରାଜିତ-୩୭, ବେଦାନ୍ତ ତ୍ରିବେଦୀ-୩୨, ଭିହାନ ମାଲହୋତ୍ରା-୩୦, ଜେମ୍ସ ମିଣ୍ଟୋ-୩/୬୩, ସେବାଷ୍ଟିଆନ ମୋର୍ଗାନ-୨/୭୪, ଆଲେକ୍ସ ଗ୍ରୀନ୍-୨/୪୯, ମାନି ଲୁମ୍ସଡେନ-୧/୮୧)। ଇଂଲଣ୍ଡ ୪୦.୨ ଓଭରରେ ୩୧୧/ଅଲ୍‌ଆଉଟ (କାଲେବ ଫାଲ୍କନର-୧୧୫, ବେନ୍ ଡକିନ୍ସ-୬୬, ବେନ୍ ମାୟେସ-୪୫, ଥୋମାସ ରିଉ-୩୧, ଆର.ଏସ. ଆମ୍ବ୍ରିସ-୩/୫୬, ଦୀପେଶ ଦେବେନ୍ଦ୍ରନ-୨/୬୪, କନିଷ୍କ ଚୌହାନ-୨/୬୩, ଖିଲାନ ପଟେଲ-୧/୬୬, ଆୟୁଷ ମାହାତ୍ରେ-୧/୩୧)।

# ୧ ସ୍ୱର୍ଣ୍ଣ ସମେତ ଓଡ଼ିଶାକୁ ୧୧ ପଦକ

**ଜାତୀୟ କାନୋଇ ସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍**

କଟକ,୬।୨ (କୁମାରଶ୍ରୀ)

ଜାତୀୟ କାନୋଇସ୍ପ୍ରିଣ୍ଟ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜଳକ୍ରୀଡ଼ାବିତ୍‌ମାନେ ଉଚ୍ଚକୋଟୀର ପ୍ରଦର୍ଶନ ବଜାୟ ରଖିଛନ୍ତି। ଭୋପାଳର ଛୋଟହ୍ରଦରେ ଶେଷ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ପଦକ ସମେତ ୧୧ଟି ପଦକ ମିଳିଛି। ୨୦୦ମିଟର ଇଭେଣ୍ଟ କାନୋଇଂ-୧ ମହିଳା ବର୍ଗରେ ସୋଫିଆ ଦେବୀ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟର ପୁରୁଷ କାୟାକିଂ-୨ରେ କିଶାନ ସିଂହ ଏବଂ ଦେବ ଚୌଧୁରୀ ବ୍ରୋଞ୍ଜ, ମହିଳା କାନୋଇଂ-୨ରେ ସଞ୍ଜନା କେରକେଟା ଏବଂ ସ୍ମିତା ବେଗ୍ ବ୍ରୋଞ୍ଜ , ମହିଳା କାନୋଇଂ-୪ରେ ସ୍ମିତା ବେଗ୍, ବଂଶିକା ପ୍ରିୟଦର୍ଶିନୀ ବେହେରା, ସଞ୍ଜନା କେରକେଟା, ଆକାଂକ୍ଷା ବ୍ରୋଞ୍ଜ ପଦକ ଜିତିଥିଲେ। ୫୦୦ମିଟର ମହିଳା କାୟାକିଂ-୪ରେ କୋନସମ ଦେବୀ, ଆଞ୍ଚଲ ସାହାରେ, ଜି. ଉର୍ବଶୀ, ଶ୍ରୁତି ଚୌଗୁଲେଙ୍କ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ମହିଳା ୫ ହଜାର ମିଟର କାୟାକିଂ-୨ ଇଭେଣ୍ଟରେ ଓଡ଼ିଶାକୁ ରୌପ୍ୟ ପଦକ ମିଳିଥିଲା। ଫୁଲମଣି ଖାଖା ଏବଂ ଏଲିନ ଟପ୍ପୋ ଏହି ସଫଳତା ଦେଇଥିଲେ। ୧ହଜାର ମହିଳା କାୟାକିଂ-୪, ୫ଶହ ମିଟର ମହିଳା କାନୋଇଂ-୨, ୫ଶହ ମିଟର ପୁରୁଷ କାୟାକିଂ-୨, କାୟାକିଂ-୪, ୫୦୦ମିଟର ମହିଳା କାୟାକିଂ-୪ରେ ଓଡ଼ିଶାକୁ ଅବଶିଷ୍ଟ ୫ଟି ବ୍ରୋଞ୍ଜ ପଦକ ମିଳିଥିଲା। ଓଡ଼ିଶା କାୟାକିଂ ଏବଂ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶାର ବିଜୟ ଅଭିଯାନ

କଟକ,୬।୨(କୁମାରଶ୍ରୀ)

ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଲିଟ ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ମଧ୍ୟପ୍ରଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ରାଜକୋଟର ସନୋସାରା କ୍ରିକେଟ ଗ୍ରାଉଣ୍ଡ-ବି'ରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରିଥିବା ଓଡ଼ିଶା ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ସରିତା ମେହେରଙ୍କ ୮୪ରନ ଏବଂ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୫୭ରନ ସହାୟତାରେ ଦଳ ୯ ଉଇକେଟ ବିନିମୟରେ ୨୫୭ରନ ସଂଗ୍ରହ କରିଥିଲା। ୨୫୮ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମଧ୍ୟପ୍ରଦେଶର ଇନିଂସ୍ ୨୨୨ରନରେ ସୀମିତ ରହିଥିଲା। ଅନନ୍ୟା ଦୁବେ ସର୍ବାଧିକ ୮୫ରନ କରିଥିଲେ। ଅଧିନାୟିକା ସୁଶ୍ରୀ ଏବଂ ଏସ୍‌ବି ଲରେନ୍ସ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୁଶ୍ରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ସୁଶୀଲଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୬।୨ (ପି.ଟି.)

ସ୍ଥାନୀୟ ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜାତୀୟ ଜୁନିୟର କୁସ୍ତି ଚାମ୍ପିୟନ ସାଗର ଧନକରଙ୍କ ହତ୍ୟା ମାମଲାରେ ଗିରଫ ଅଲିମ୍ପିଆନ ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀର ଏକ କୋର୍ଟ ଖାରଜ କରିଦେଇଛନ୍ତି। ସେଲିବ୍ରିଟି ଅଲିମ୍ପିଆନ ରେସ୍‌ଲରଙ୍କ ଜାମିନ ଆବେଦନର ଶୁଣାଣି କରୁଥିଲେ ଅତିରିକ୍ତ ସେସନ ଜଜ୍ ସୁଶୀଲ କୁମାର। ୨୦୨୧ ମେ ମାସରେ ଏକ ସମ୍ପତ୍ତି ବିବାଦକୁ ନେଇ କୁମାର ଓ ତାଙ୍କ ସହଯୋଗୀମାନେ ଧନକର ଓ ତାଙ୍କ ସାଥୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟ ଅନୁସାରେ ଆକ୍ରମଣରେ ଧନକରଙ୍କ ମସ୍ତିଷ୍କ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ତାଙ୍କର ଅନ୍ୟ ଦୁଇ ସାଥୀ ମଧ୍ୟ ଆଘାତପ୍ରାପ୍ତ ହୋଇଥିଲେ। କୁମାର ୨୦୨୧ ମେ'ରେ ଗିରଫ ହୋଇଥିଲେ। ୨୦୨୩ ଜୁଲାଇ ୧୯ରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ପାଇଁ ଏକ ସେସନ କୋର୍ଟ କୁମାରଙ୍କୁ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ହତ୍ୟା, ଆପରାଧିକ



ଷଡ଼ଯନ୍ତ୍ର, ଧମକ ଓ ମାରାତ୍ମକ ଅସ୍ତ୍ର ସହ ହଙ୍ଗାମା କରିବା ଆଦି ଅଭିଯୋଗରେ ଭାରତୀୟ ପିଙ୍ଗଳ କୋର୍ଡ (ଆଇପିସି)ର ଧାରା ଅନୁସାରେ କୁମାରଙ୍କ ବିରୋଧରେ ୨୦୨୨ ଅକ୍ଟୋବରରେ ଏକ ଟ୍ରାଏଲ୍ କୋର୍ଟ ଚାର୍ଜଫ୍ରେମ୍ କରାଯାଇଥିଲା। ଅସ୍ତ୍ରଶସ୍ତ୍ର ଆଇନ ଅନୁସାରେ ମଧ୍ୟ ଚାର୍ଜଫ୍ରେମ୍ କରାଯାଇଥିଲା। ଟ୍ରାଏଲ କୋର୍ଟ ଉଲ୍ଲେଖ କରିଥିଲେ ଯେ, ଧନକର ଓ ତାଙ୍କ ସାଥୀମାନଙ୍କୁ ଅପହରଣ କରି ସେମାନଙ୍କୁ ଷ୍ଟାଡିୟମ ଭିତରକୁ ଅଣାଯାଇଥିଲା। ବେସ୍‌ବଲ୍ ଏବଂ ହକି ଷ୍ଟିକ୍‌ରେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା।

# ହାଜେଲଉଡ୍ ଖେଳିବେନି

**ମେଲବୋର୍ନ, ୬।୨ (ପି.ଟି.):** ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍ ଶନିବାରଠାରୁ ଆରମ୍ଭ ହେବାକୁଥିବା ବେଳେ ଅଷ୍ଟ୍ରେଲିଆ ଦଳକୁ ଆଉ ଏକ ଶକ୍ତ ଧକ୍କା ଲାଗିଛି। ହାମଷ୍ଟ୍ରିଙ୍ଗ ଇଞ୍ଜୁରୀରୁ ମୁକ୍ତି ପାଇବା ପାଇଁ ଦଳର ପ୍ରମୁଖ ପେସ୍ ବୋଲର ଜୋଶ ହାଜେଲଉଡ୍‌ଙ୍କୁ ଆହୁରି କିଛି ଦିନ ଲାଗିବ। ତେଣୁ ସେ ଟି୨୦ ବିଶ୍ୱକପ୍‌ରେ ଆଦୌ ଖେଳି ପାରିବେନି। ଅଷ୍ଟ୍ରେଲିଆ ଏହି ୩୫ ବର୍ଷୀୟଙ୍କ ବଦଳ ଖେଳାଳିଙ୍କ ନାମ ଏପର୍ଯ୍ୟନ୍ତ ଘୋଷଣା କରିନାହିଁ। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ପୂର୍ବରୁ ସୂଚନା ଦିଆଯାଇଥିଲା ଯେ, ହାଜେଲଉଡ୍ ଭାରତ ଓ ଶ୍ରୀଲଙ୍କାରେ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟର ମଧ୍ୟମ ଭାଗ କିମ୍ବା ପରବର୍ତ୍ତୀ ଭାଗ ପାଇଁ ଉପଲବ୍ଧ ହେବେ। ବଦଳ ଖେଳାଳିଙ୍କ ନାମ କେତୋଟି ମ୍ୟାଚ ଖେଳାଯିବା ପରେ ସ୍ଥିର କରାଯିବ ବୋଲି ଚୟନକର୍ତ୍ତା ଟୋନି ଡୋଡ୍‌ମେଡ୍ ପ୍ରକାଶ କରିଛନ୍ତି।

# ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ

କଟକ,୬।୨(କୁମାରଶ୍ରୀ)

ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା କୁସ୍ତି ସଂଘ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ମୋଟ୍ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇ ଦିନିଆ ଏହି ରାଜ୍ୟ ଚାମ୍ପିୟନଶିପ୍‌ରେ କେବଳ ୨୩ବର୍ଷରୁ କମ୍, ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ଇଭେଣ୍ଟ ଖେଳାଯାଇଥିଲା।

୨୩ବର୍ଷରୁ କମ୍ ପୁରୁଷ ୫୭ କେଜି ବର୍ଗରେ ଅମିତ କୁମାର ପ୍ରଧାନ, ୬୧ କେଜି ବର୍ଗରେ ଅଜିତ ଭୂୟାଁ, ୬୫ କେଜି ବର୍ଗରେ ଦୀପକ ନାୟକ, ୭୦ କେଜି ବର୍ଗରେ ଅଭିଷେକ ଗୁରୁ, ୭୫ କେଜି ବର୍ଗରେ ଆର୍ଯ୍ୟନ ସାହୁ, ୭୯ କେଜି ବର୍ଗରେ ଦେବାଶିଷ ପାଣିଗ୍ରାହୀ, ୮୬ କେଜି ବର୍ଗରେ ସାହିଲ ସୁନ୍ଦର ବେହେରା, ୯୨ କେଜି ବର୍ଗରେ ଶୁଭଙ୍କର ଷଡ଼ଙ୍ଗୀ, ମହିଳା ୫୩କେଜି ବର୍ଗରେ ଶୁଭଲକ୍ଷ୍ମୀ ପାଲ, ୫୫କେଜି ବର୍ଗରେ ସୋନିଆ ନାୟକ, ୫୭ କେଜି ବର୍ଗରେ ଶାନ୍ତିଲତା ସୁବୁଦ୍ଧି, ୫୯ କେଜି ବର୍ଗରେ ରୋଜାଲିନ ଜେନା, ୬୨କେଜି ବର୍ଗରେ ଗାୟତ୍ରୀ ପାଣି, ୬୫ କେଜି ବର୍ଗରେ ରୋନାଲି ଗିରି, ୬୮କେଜି ବର୍ଗରେ ଭବାନୀ ସେନାପତି, ୫୦କେଜି ବର୍ଗରେ ଶୁଭଶ୍ରୀ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ୧୭ବର୍ଷରୁ କମ୍ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ସିନେ କଳାକାର ତଥା ଭାଜପା ନେତା ଶ୍ରୀତମ ଦାସ, ଓଡ଼ିଶା ଆଥଲେଟିକ ସଂଘ ସଭାପତି ଜିଏସ୍ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମୀରଞ୍ଜନ ସାମନ୍ତରାୟ, କଟକ ସ୍ପୋର୍ଟସ ହଷ୍ଟେଲ ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




ରାଜ୍ୟ କୁସ୍ତି ଚାମ୍ପିୟନଶିପର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ସେମିରେ ଯାଜପୁର ଇଲେଭେନ ଷ୍ଟାର

**ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ**

ଧାମନଗର, ୬।୨(ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍। ରାଉରକେଲାର ଆର୍‌ୱାଇସିସି ଓ ଯାଜପୁର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେଭେନ ଷ୍ଟାର ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ରାଉରକେଲା ଟିମ୍ ନିର୍ଦ୍ଧାରିତ ୨୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ୍ କରିଥିଲା। ଦଳ ପକ୍ଷରୁ ସତୀଶ କନସାରି ୪୪, ରୋଶନ ଶର୍ମା ୨୫ ଓ ଅଙ୍କିତ ଗୁପ୍ତା ୧୯ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଚନ୍ଦନ ନାୟକ ୫ ଉଇକେଟ ଓ ଦିବ୍ୟଜ୍ୟୋତି ଦାସ ୨ ଉଇକେଟ ଅକ୍ତିଆର କରିଥିଲେ। ଯାଜପୁର ଇଲେଭେନ ଷ୍ଟାର ୨୦.୧ ଓଭରରେ ୫ ଉଇକେଟ ହରାଇ ୧୫୨ ରନ୍ କରିଥିଲା। ଦଳ ପକ୍ଷରୁ ସରତାଜ ୫୦, ଅନସୁଲ ବାରିକ ୪୦ ଓ ଆକାଶ ତ୍ରିପାଠୀ ୪୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅମନ ରାଜପୁତ ୩ ଉଇକେଟ ଓ ଅଙ୍କିତ ଗୁପ୍ତା ୨ ଉଇକେଟ ଅକ୍ତିଆର କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ଇଲେଭେନ ଷ୍ଟାରର ଚନ୍ଦନଙ୍କୁ ପୂର୍ବତନ ସରପଞ୍ଚ ଶରତ ମାଝୀ ପୁରସ୍କୃତ କରିଥିଲେ। ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ସତ୍ୟବ୍ରତ ଜେନା ମ୍ୟାଚ୍ ପରିଚାଳନା କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ଚନ୍ଦନ ନାୟକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# କୁନ୍ତଳା କୁମାରୀ ଥିଲେ ଅସଲରେ 'ଭାରତ-ଭାରତୀ'

**ରୀତା ସ୍ୱାଇଁ**

୮ ଫେବୃଆରୀ ୧୯୦୦ ମସିହାରେ ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ବସ୍ତର ଜିଲାର ଜଗଦଲପୁରଠାରେ ପିତା ଦାନିଏଲ୍ ସାବତ ଓ ମାତା ମନିକା ସାବତଙ୍କର ଜ୍ୟେଷ୍ଠା କନ୍ୟାଭାବେ ଜନ୍ମଗ୍ରହଣ କରିଥିଲେ କୁନ୍ତଳା କୁମାରୀ। କୁନ୍ତଳାଙ୍କ ଜନ୍ମର ବର୍ଷେ ନ ପୂରୁଣୁ ପିତା ଦାନିଏଲ୍ ବୃତ୍ତି ଦାୟରେ ସପରିବାର ବର୍ମାକୁ ଚାଲିଯାଇଥିଲେ। ବର୍ମାରେ କୁନ୍ତଳାଙ୍କର ଚଉଦବର୍ଷର ରହଣି ପରେ ୧୯୧୫ରେ ସେ ଖୋର୍ଦ୍ଧାରେ ରହୁଥିବା ତାଙ୍କ ଜେଜେବାପା ଓ ଜେଜେମା'ଙ୍କ ପାଖକୁ ଚାଲିଆସିଥିଲେ। ସ୍କୁଲ ଶିକ୍ଷା ପରେ କୁନ୍ତଳା ୧୯୧୮ରେ କଟକ ମେଡିକାଲ ସ୍କୁଲରେ ନାମ ଲେଖାଇଥିଲେ। ମେଡିକାଲ ସ୍କୁଲର ଏଣ୍ଟ୍ରାନ୍ସ ପରୀକ୍ଷାରେ ସେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଲାଭ କରିବା ସହ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। କୁନ୍ତଳା 'ଉତ୍କଳ ସାହିତ୍ୟ' ପତ୍ରିକାର ୧୯୨୨, ୨୫/୩ ସଂଖ୍ୟାରେ 'ତାରା ପ୍ରତି' ପ୍ରଥମ କବିତା ଲେଖି ଓଡ଼ିଆ ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ପରେ 'ଶେଫାଳି ପ୍ରତି', 'କମଳ ପ୍ରତି', 'ପୂଜା', 'ଛଳନା', 'ମଣିକାଞ୍ଚନ', 'ପୌଷମାସେ', 'ସ୍ୱାଗତ', 'ଜାତୀୟ ସଂଗୀତ', 'ଯୌବନ', 'ନବବର୍ଷେ', 'ତରୁଣର ଆବାହନ' ପ୍ରଭୃତି କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶ ଲଭି ତାଙ୍କୁ କବି ଭାବରେ ପରିଚୟ ପ୍ରଦାନ କରିଥିଲା।



[୧୯୦୦ – ୧୯୩୮]

**ଅବଲୋକନ**

୧୯୨୭ରେ କଟକଠାରେ ନିଜସ୍ୱ ପ୍ରଚେଷ୍ଟାରେ 'ଭାରତୀ ତପୋବନ' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଢ଼ିବା ସହ କୁନ୍ତଳା ଚାକିରିରୁ ଇସ୍ତଫା ଦେଇଥିଲେ। ୧୯୨୮ ଜୁଲାଇରେ ସେ ଓଡ଼ିଶା ଛାଡ଼ି ଦିଲ୍ଲୀ ଚାଲିଯାଇଥିଲେ। ସେଠାରେ ସେହିବର୍ଷ ଅଗଷ୍ଟ ୮ରେ ଶ୍ରୀ କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ସେ ବିବାହ କରିଥିଲେ। ଅନାବିଳ ପ୍ରଣୟ ଚେତନାର ଦୁର୍ବାର ପ୍ରଣୟ ସ୍ରୋତରେ ଭାସିଭାସି ସେ ୧୯୨୮ ପରେ ଲେଖିଥିଲେ 'ପ୍ରେମ ଚିନ୍ତାମଣି'।

କୁନ୍ତଳା ଓଡ଼ିଆ ସାହିତ୍ୟରେ ମାନବବାଦ ଓ ବିପ୍ଳବର କବି ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ କବିତା ସଂକଳନଗୁଡ଼ିକ ହେଉଛି ଅଞ୍ଜଳି (୧୯୨୨), ଉଚ୍ଛ୍ୱାସ (୧୯୨୩), ଅର୍ଚ୍ଚନା (୧୯୨୭), ସ୍ଫୁଲିଙ୍ଗ (୧୯୨୯), ଆହ୍ୱାନ (୧୯୩୦), ପ୍ରେମ ଚିନ୍ତାମଣି (୧୯୩୦), ଓଡ଼ିଆଙ୍କ କାନ୍ଦଣା (୧୯୩୬), ଗଡ଼ଜାତ କୃଷକ (୧୯୩୯) ଓ ମଣିକାଞ୍ଚନ କାବ୍ୟ। ଉପନ୍ୟାସଗୁଡ଼ିକ ହେଉଛି 'ଭ୍ରାନ୍ତି', ପରଶମଣି (୧୯୨୪), ନଅତୁଣ୍ଡୀ (୧୯୨୫), କାଳୀବୋହୂ (୧୯୨୭), ରଘୁ ଅରକ୍ଷିତ (୧୯୨୮)। ଅନ୍ୟ ଦୁଇଟି ଅସମ୍ପୂର୍ଣ୍ଣ ଉପନ୍ୟାସ 'ଚିତ୍ରପଟ' କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର୍ସ ଦ୍ୱାରା ଏବଂ 'ମାଆ ଓ ପୁଅ' ଭାରତୀ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ।

ତାଙ୍କ ସାହିତ୍ୟ କର୍ମପ୍ରବଣତା ଓ ପରୋପକାରୀ ଜୀବନର ଯଥାର୍ଥ ପ୍ରତିଛବି। ପ୍ରାରମ୍ଭିକ ପର୍ଯ୍ୟାୟର କବିତାରେ ବିଭୁଚେତନା, ପ୍ରେମ ଓ ଆତ୍ମୋତ୍ସର୍ଗର ଭାବ ବିଶେଷଭାବେ ସବଳିତ। ପ୍ରେମ ଓ ସତ୍ୟରେ ହିଁ ସୃଷ୍ଟିର ସଫଳତା ନିହିତ। ତାଙ୍କ ରଚନାରେ ପ୍ରେମ, ପ୍ରକୃତି, ଆଶା, ନିରାଶା, ଦେଶାତ୍ମବୋଧ, ସ୍ୱାଧୀନତାବୋଧ, ସାମାଜିକ ଚେତନା, ଧର୍ମୀୟ ଉଦାରତା ଓ ନାରୀ ପ୍ରତି ସମ୍ବେଦନଶୀଳତାର ସ୍ୱର ପ୍ରତିଫଳିତ। ସେ 'ଶେଫାଳି ପ୍ରତି' କବିତାରେ କହନ୍ତି– ''ତୋହ ପରି ତୁଚ୍ଛ ମୁହିଁ ତୋହ ପରି କ୍ଷଣିକ/ ହସେ ବାସେ ରସେ ମାତ୍ର ଫୁଟିଅଛି ଘଡ଼ିକ/ ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ/ ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି/ ଏଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି।'' ହିନ୍ଦୀରେ ସେ ଦୁଇଟି କବିତା ବହି ରଚନା କରିଥିଲେ– 'ବରମାଳା' ଓ 'ସପନା'।


ସତ୍ୟବାଦୀ ବନ ବିଦ୍ୟାଳୟରେ ତାଙ୍କ ରଚିତ 'ପୂଜା ପଦ୍ଧତି' ପ୍ରାର୍ଥନା ସଂଗୀତ ରୂପେ ବୋଲାଯାଉଥିଲା।


ବୃତ୍ତିଗତ ସମସ୍ତ ବ୍ୟବସ୍ଥା ମଧ୍ୟରେ ବ୍ୟସ୍ତ ଥାଇ ବି 'ମହାବୀର', 'ଜୀବନ', 'ମନମୌଜି', 'ନାରୀ' ଓ 'ଭାରତୀ' ଆଦି ହିନ୍ଦୀ ପତ୍ରିକାର ସେ ସାମୟିକ ସମ୍ପାଦନା କରିଥିଲେ। କଲିକତାରୁ ପ୍ରକାଶିତ 'ପ୍ରବାସୀ ଓଡ଼ିଆ' ପତ୍ରିକା ଓ ହିନ୍ଦୀ ସାପ୍ତାହିକ 'ସ୍ତ୍ରୀ ଭୂଷଣ' ପତ୍ରିକାର ସେ ଥିଲେ ସମ୍ପାଦିକା। ହିନ୍ଦୀ ସାହିତ୍ୟ ସଭାର କର୍ମକର୍ତ୍ତାବୃନ୍ଦ ତାଙ୍କୁ ସଭାର ଉପସଭାପତି ଭାବେ ମନୋନୀତ କରିଥିଲେ। ପରେ ସେ ହିନ୍ଦୀ ନାଟ୍ୟ ପରିଷଦର ସଭାପତି ଆସନ ଲାଗି ମନୋନୀତ ହୋଇଥିଲେ। ହିନ୍ଦୀରେ ଉଚ୍ଚକୋଟୀର ଲେଖା ଲେଖି ସେ ହିନ୍ଦୀ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ତାଙ୍କର ଜୀବନ ଓ ସାହିତ୍ୟର ବୈଚିତ୍ର୍ୟମୟ ରୂପ ସନ୍ଦର୍ଶନ କରି ହିନ୍ଦୀ ଔପନ୍ୟାସିକ ଜୈନେନ୍ଦ୍ର ତାଙ୍କ ଜୀବନୀ ଆଧାରରେ 'କଲ୍ୟାଣୀ' (୧୯୩୯) ଉପନ୍ୟାସ ରଚନା କରିଥିଲେ।


କୁନ୍ତଳା କୁମାରୀ କେବଳ ପ୍ରାଦେଶିକ ସ୍ତରରେ ନୁହେଁ, ଜାତୀୟ ସ୍ତରରେ ମଧ୍ୟ ନିଜର କର୍ମପ୍ରବଣତା ଓ ସାରସ୍ୱତ କୃତି ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ଦିଲ୍ଲୀ ପ୍ରାଦେଶିକ ହିନ୍ଦୀ ପ୍ରଚାରିଣୀ ସଭାର ସେ ଥିଲେ ସଭାନେତ୍ରୀ। ଆଲାହାବାଦର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତଥା ଉତ୍ତର ଭାରତର ଅନ୍ୟ କେତେକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କ ଅଭିଭାଷଣ ଖୁବ୍ ପ୍ରଭାବୀ ଥିଲା। ୧୯୨୪ରେ ସେ କେଶବ ଚନ୍ଦ୍ର ସେନ୍‌ଙ୍କ ପ୍ରତିଷ୍ଠିତ 'ନବବିଧାନ' ବ୍ରାହ୍ମ ସମାଜର ସଭ୍ୟପଦ ଗ୍ରହଣ କରିଥିଲେ। ୧୯୨୫ରେ ମହିଳାବନ୍ଧୁ ସମିତି ଦ୍ୱାରା ସେ 'ଉତ୍କଳ ଭାରତୀ' ପଦବୀରେ ଭୂଷିତା ହୋଇଥିଲେ। ସେହିବର୍ଷ ସେପ୍ଟେମ୍ବର ୧୧ରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତସଭା ତରଫରୁ ତାଙ୍କୁ ଭ୍ରାନ୍ତି, ପରଶମଣି, ଅଞ୍ଜଳି ଓ ଉଚ୍ଛ୍ୱାସ ଗ୍ରନ୍ଥ ପାଇଁ ସ୍ୱତନ୍ତ୍ର ପ୍ରଶଂସାପତ୍ର ମିଳିଥିଲା। ୧୯୩୧ରେ କରାଚୀଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ସେ ଯୋଗଦେଇଥିଲେ। ବାଲେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହିଳା ଅଧିବେଶନରେ ପୌରୋହିତ୍ୟ କରିଥିଲେ। ୧୯୩୨ରେ ବରେଲି ସମ୍ମିଳନୀରେ ୪୦ପୃଷ୍ଠା ସମ୍ବଳିତ 'ନାରୀ ସ୍ୱରାଜ୍ୟ' ସମ୍ପର୍କରେ ତାଙ୍କ ହିନ୍ଦୀ ବକ୍ତବ୍ୟ ଚିନ୍ତା ଉଦ୍ରେକକାରୀ ସାବ୍ୟସ୍ତ ହୋଇଥିଲା। ଦିଲ୍ଲୀଠାରେ ହିନ୍ଦୀ ପ୍ରଚାରିଣୀ ସଭା ତାଙ୍କୁ 'ଭାରତ କବୟିତ୍ରୀ' ଉପାଧି ପ୍ରଦାନ କରିଥିଲେ। 'ସହକାର'ରେ ପ୍ରକାଶିତ ତାଙ୍କର ୯ଟି 'ଦିଲ୍ଲୀ ଚିଠି' ଓଡ଼ିଆଙ୍କୁ ଦେଶାତ୍ମବୋଧରେ ଅନୁପ୍ରାଣିତ କରିଥିଲା। ଓଡ଼ିଆ ନରନାରୀ ନିଜକୁ 'ବୀରଶ୍ରୀ' ଓ 'ବୀରଶ୍ରୀମତୀ' ଭାବେ ସମ୍ବୋଧିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ତାଙ୍କର ଏହି ଉଦ୍‌ବୋଧନ 'ଓଡ଼ିଶା ପ୍ରଦେଶ ଗଠନ'ରେ ବିଶେଷ ସହାୟକ ହୋଇଥିଲା। କେବଳ କବି ନୁହନ୍ତି, ବରଂ ଜଣେ ଦେଶହିତୈଷୀ ମାନବବାଦୀ ଓ ଅଧ୍ୟାତ୍ମବାଦୀ ଲେଖିକା ଭାବେ ସେ ସମଗ୍ର ଭାରତରେ ପରିଚିତ ଥିଲେ।

୨୩ ଅଗଷ୍ଟ ୧୯୩୮ରେ ତାଙ୍କର ପରଲୋକ ହୋଇଥିଲା। ସେ ଥିଲେ ଏକାଧାରରେ ପ୍ରେମିକା, ଗୃହିଣୀ ଓ ବିପ୍ଳବିଣୀ। ତାଙ୍କ ଜୀବନ ଓ ବ୍ୟକ୍ତିତ୍ୱ ଆଧୁନିକ ଓଡ଼ିଆ ନାରୀର ମାର୍ଗ ପ୍ରଦର୍ଶକ ଥିଲା। ଜୀବନକୁ ବୁଝିବା, ନିଜକୁ ବୁଝିବା, ନିଜର ମୂଲ୍ୟ ଉପଲବ୍ଧି କରିପାରିବାର ସାମର୍ଥ୍ୟ ସମ୍ପର୍କରେ ପ୍ରଥମେ ସେ ହିଁ ନାରୀମାନଙ୍କୁ ସଚେତନ କରିଥିଲେ। ସେ କେବଳ 'ଉତ୍କଳ-ଭାରତୀ' ନ ଥିଲେ, ଅସଲରେ ଥିଲେ 'ଭାରତ-ଭାରତୀ'। ପବିତ୍ର ଜନ୍ମଦିନ ଅବକାଶରେ ତାଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

– ଖଜୁରା, କସର୍ଦା, କଟକ
ମୋ: ୯୪୩୭୨୫୬୧୭୬




## ପୁସ୍ତକ ପରିଚୟ

### ଅମନ ମନ୍ଦିରେ ବାସ



**ଲେଖକ:** କ୍ଷୀରୋଦ ପରିଡ଼ା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/–

ବହିର ଆଦ୍ୟାଂଶ (ଇନର)କୁ ବାଦ୍ ଦେଲେ ୧/୮ ଡିମେଇ ସାଇଜ୍‌ରେ ଆଲୋଚ୍ୟ 'ଚରିତ ଉପନ୍ୟାସ'ଟିର ମୁଖ୍ୟ ପାଠ୍ୟାଂଶ ୨୩୯ ପୃଷ୍ଠାର। ଏହି ଧରଣର ଅନ୍ୟ ଦୁଇଟି ଉପନ୍ୟାସ 'ଅଭିନବ ଚୈତନ୍ୟ' ଓ 'ଅବଧୂତିକା' ପ୍ରକାଶ ପାଇବା ପରେ ଏହା ହେଉଛି ଲେଖକଙ୍କର ତୃତୀୟ ଉପନ୍ୟାସ, ଯାହା ମହାକବି ଭୀମଭୋଇଙ୍କ ଜୀବନ ଓ ରଚନାକୁ ଆଧାର କରି ପରିକଳ୍ପିତ। ଏହି ଉପନ୍ୟାସ ରଚନାର ପ୍ରେରଣା ସେ ନିଜ ପିତାଙ୍କଠାରୁ ପାଇଥିବା କଥା 'ପ୍ରାକ୍‌କଥନ'ରେ କହିଛନ୍ତି। ଉପନ୍ୟାସଟି ସମ୍ପର୍କରେ ଲେଖକଙ୍କର ବକ୍ତବ୍ୟ: ''କବି ତାଙ୍କ ଜୀବନକଥା ବା ବୃତ୍ତାନ୍ତ ଲେଖି ନାହାନ୍ତି, ଯାହା କେତେ ଧାଡ଼ି ରହିଛି, ତାହା ତାଙ୍କ ପରଲୋକର ମାତ୍ର ୩ ବର୍ଷ ପୂର୍ବରୁ ରଚିତ 'ସ୍ତୁତି ଚିନ୍ତାମଣି' କବିତା ସଂକଳନରେ ରହିଛି– ଯାହାର ବହୁ ପୂର୍ବରୁ ତାଙ୍କ ଗୁରୁଙ୍କର ପରଲୋକ ହୋଇଯାଇଛି। ସେହି କେତୋଟି 'ବୋଲି'ର ଅଳ୍ପ କେତୋଟି ପଦ ହିଁ ଆମ ପାଇଁ ତାଙ୍କ ଜୀବନ ଚରିତ। ବାକି ସବୁ କବିଙ୍କ ମୃତ୍ୟୁପରେ ବର୍ଣ୍ଣିତ ଜନଶ୍ରୁତି ଆଧାରରେ ଲିଖିତ। ଗଢ଼ିଉଠିଛି ଅନେକ କିମ୍ବଦନ୍ତୀ– ତାଙ୍କ ସପକ୍ଷରେ କମ୍, ବିପକ୍ଷରେ ବେଶି। ଏଇ ଚରିତ ଉପନ୍ୟାସରେ ମୁଁ ଯଥାସମ୍ଭବ କିମ୍ବଦନ୍ତୀଗୁଡ଼ିକୁ ବାଦ ଦେଇଛି ବା ସାମାନ୍ୟ ସୂଚନା ପ୍ରାୟ ବ୍ୟବହାର କରିଛି।'' ଏହି ଉଲ୍ଲେଖକୁ ସ୍ମରଣରେ ରଖି ପାଠିକାପାଠକମାନଙ୍କୁ ଉପନ୍ୟାସଟି ପଢ଼ିବାକୁ ହେବ। ଭୀମ ଭୋଇଙ୍କ ସ୍ୱରଚିତ ଗୀତ, ଭଜନ, ଜଣାଣ ଓ ତତ୍ତ୍ୱବଖାଣକୁ ଆଧାର କରି ଲେଖକ କାହାଣୀ କଥନ ଭଙ୍ଗୀରେ କହିଚାଲିଛନ୍ତି କବି ଚରିତ ; ତାହା ପୁଣି ମିଥ୍ୟା ନୁହେଁ, ସତ୍ୟ ଆଧାରିତ। ଭୀମ ଭୋଇଙ୍କ ଆବିର୍ଭାବରୁ ବ୍ରହ୍ମଲୀନ ପର୍ଯ୍ୟନ୍ତ ବୃତ୍ତାନ୍ତ ରୂପ ଘେନିଛି ଉପନ୍ୟାସରେ। ଏହା ଉପନ୍ୟାସ ନା ଗଦ୍ୟରେ ଲେଖା ହେଇଥିବା କବିତା ? – ଏପରି ଏକ ଅନୁଭବ ବହିଟି ପଢ଼ିସାରିଲା ପରେ ଅନୁଭୂତ ହୁଏ। ଭୀମ ଭୋଇଙ୍କ ୧୭୫ତମ ଜନ୍ମବର୍ଷ ଓ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରୂପ ନେବାର ଶତବର୍ଷରେ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସର ପରିପ୍ରକାଶ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ।


### ଆଦ୍ୟାକ୍ଷର




**କବି:** ତ୍ରିଲୋଚନ ବେହେରା
**ପ୍ରକାଶକ:** ଅନୁପମା ମିଡିଆ ହାଉସ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/–

ମୋଟ ୭୩ଟି କବିତା ଆଲୋଚ୍ୟ ସଂକଳନରେ ସ୍ଥାନିତ। ଆରମ୍ଭରେ ''ନିଜ କଥା ଦି'ପଦ'' ଶୀର୍ଷକ ଗଦ୍ୟଲେଖରେ କବି ଲେଖିଛନ୍ତି ତାଙ୍କ କବିତା ରଚନାର ଆରମ୍ଭ ଓ କ୍ରମ ପରିଣତ ଦିନଗୁଡ଼ିକର କଥା। ଜୀବନର ନାନା ଘାତ ପ୍ରତିଘାତ, ସଫଳତା ବିଫଳତା ଆଦି ମଧ୍ୟ ଦେଇ ତାଙ୍କ କବି ହେଇ ଉଠିବାର ଅନୁଭୂତି ସେ ବଖାଣିଛନ୍ତି। କବି ଆଶୁତୋଷ ପରିଡ଼ା ଲେଖିଛନ୍ତି ବହିର ପ୍ରଚ୍ଛଦଲେଖ ଓ କହିଛନ୍ତି: ''କାବ୍ୟ ରଚନା ପାଇଁ ଯେକୌଣସି ଉଚ୍ଚଶିକ୍ଷା ଅପରିହାର୍ଯ୍ୟ ନୁହେଁ, ଏହା କବି ତ୍ରିଲୋଚନ ବେହେରା ପ୍ରମାଣିତ କରିଛନ୍ତି ନିଜ କବିତା ମାଧ୍ୟମରେ। ନିଜ ଜୀବନର ଦୁଃଖ, ହତାଶା ଓ ବିଡ଼ମ୍ବନାକୁ ସେ ଭୋଗିଛନ୍ତି x x ଏସବୁ ଅନୁଭବ ଖୁବ୍ ମର୍ମସ୍ପର୍ଶୀ ଭାଷାରେ ତାଙ୍କ କବିତାରେ ରୂପାୟିତ ହୋଇଛି। x x ସମାଜରେ କାୟା ବିସ୍ତାର କରିଥିବା ଧନ-ଲାଳସା, କ୍ଷମତା- ଆଧିପତ୍ୟ, ଶୋଷଣ ଓ ପ୍ରତାରଣା ବିରୋଧରେ ସେ କେବଳ ପ୍ରତିବାଦ କରିନାହାନ୍ତି, ଅଧିକନ୍ତୁ ବିପ୍ଳବର ଆହ୍ୱାନ ମଧ୍ୟ ଦେଇଛନ୍ତି।'' କବିଙ୍କ କବିତାରୁ ଗୋଟିଏ ଯୋଡ଼ିଏ ଉଦାହରଣ ନେବା ତାଙ୍କ କବିତାର ଭାଷା ଓ ଭାବରୂପକୁ ଚିହ୍ନିବା ପାଇଁ: ୧. ''ଜୀବନ ଆକାଶରେ/ ମୁଁ ଏକ ଏମିତି ଖଣ୍ଡି କାକର ଯେ/ ନା ଦେଇହୁଏ କାହାକୁ ଟିକେ ବୋଲି ଭିଜାପଣ/ ନା କାହାର ହେଇପାରିଲି ଏ ଯାଏ/ ଆସ୍ଥାର ଭାଜନ ?'' (ଖଣ୍ଡି କାକର, ପୃ: ୧୩୪), ୨. ''ତୁମ ମନକୁ ଛୁଇଁଲା ଭଳି ଗାଇପାରିନାହିଁ/ ପଦେହେଲେ ମଧୁଗୀତି/ ବଖାଣି ନାହିଁ ପ୍ରେମ ଗପ/ କିନ୍ତୁ ନିତି ପଢ଼େ ଜୀବନ କବିତା x x କବିତା ଆଉ କ'ଣ କି ?'' (ଜଗତେ ମହତ, ପୃ: ୧୮୦)। ବହିର ପୃଷ୍ଠବନ୍ଧ ଲେଖିଛନ୍ତି କବି ଅକ୍ଷୟ ବେହେରା ଏବଂ ତ୍ରିଲୋଚନଙ୍କୁ ସେ 'ସତ୍ୟନିଷ୍ଠ କବି'ର ଆଖ୍ୟା ଦେଇଛନ୍ତି। ମାତ୍ର ସପ୍ତମ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ଥିବା ଏହି ଗ୍ରାମୀଣ କବିଙ୍କ କାବ୍ୟ-ସ୍ୱାକ୍ଷର ପାଠିକାପାଠକଙ୍କୁ ବିସ୍ମୟ ଓ ଆନନ୍ଦ ଦେବ ବୋଲି ଆଶା।

## କାଳକାଳକୁ



''ମୋର ଏପରି ଲୋକ ପସନ୍ଦ ନୁହନ୍ତି, ଯେଉଁମାନେ କେବେ ପତନ ବା ପ୍ରତାରଣାର ସ୍ୱାଦ ଚାଖିନାହାନ୍ତି। ଏପରି ଜୀବନର କିଛି ଖାସ୍ ମୂଲ୍ୟ ନାହିଁ। ଜୀବନ ଏମାନଙ୍କ ନିକଟରେ ତା'ର ସୌନ୍ଦର୍ଯ୍ୟ ଉନ୍ମୋଚନ କରିନାହିଁ।''
– ବୋରିସ୍ ପାସ୍ତରନାକ୍

**ବୋରିସ୍ ପାସ୍ତରନାକ୍‌ଙ୍କ** ଜନ୍ମ ୧୦ ଫେବୃଆରୀ ୧୮୯୦ରେ ରୁଷ୍‌ର ମସ୍କୋରେ ଓ ପରଲୋକ ୩୦ ମେ ୧୯୬୦ରେ ରୁଷ୍‌ର ପେରେଡେଲକିନୋରେ। ସେ ଏକାଧାରରେ କବି, ଔପନ୍ୟାସିକ ଓ ଅନୁବାଦକ। ୧୯୨୨ରେ ବର୍ଲିନ୍‌ରୁ ପ୍ରକାଶିତ ତାଙ୍କର ପ୍ରଥମ କବିତା ବହି 'My Syster, Life'। ପ୍ରକାଶ ମାତ୍ରେ ବହିଟିକୁ ମିଳେ ସୋଭିଏଟ୍ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କବିତାଗ୍ରନ୍ଥର ମାନ୍ୟତା। ୧୯୫୭ରେ ପ୍ରକାଶ ପାଏ ତାଙ୍କର ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ 'Doctor Zhivago' ଇଟାଲିରୁ ଏବଂ ୧୯୫୮ରେ ତାଙ୍କୁ ମିଳେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର, ଯାହା ସୋଭିଏଟ୍ ରୁଷ୍ କମ୍ୟୁନିଷ୍ଟ ପାର୍ଟିର ବିରାଗକୁ ଏଡ଼ାଇବା ପାଇଁ ସେ ଗ୍ରହଣ କରନ୍ତି ନାହିଁ। ମୃତ୍ୟୁ ପରେ ତାଙ୍କ ପୁଅ ୧୯୮୯ରେ ପିତାଙ୍କ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରନ୍ତି। ଗ୍ୟେଟେ ଓ ସେକ୍ସପିୟରଙ୍କ ସାହିତ୍ୟର ସବୁଠୁଁ ଜନପ୍ରିୟ ଅନୁବାଦକ ଏହି ଲେଖକ।

## କବିତା

### ପ୍ରୀତି-ପଦାର୍ଥ

**ସୂର୍ଯ୍ୟ ମିଶ୍ର**

ଜଳିବା ପାଇଁ ସାରାଜୀବନ,
ସେତକ ଯଥେଷ୍ଟ।

ଛାଇ ଓ ଛତା ମୁକାଳିଦେଲେ
ଗୁଣୁଗୁଣଉଥାଏ ପକ୍ଷୀ ପରି ଛାତି ଭିତରେ,
ମହାକାଳର ସ୍ପନ୍ଦନ ହୋଇ
ହଜାର ଥର ଭାଙ୍ଗେ, ଗଢ଼େ ?

ପାଦ ତଳର ମାଟି ପାଲଟେ ମହିମାନ୍ୱିତ ଆକାଶ ତ
ଦେହର ପଳପଳ ମାଉଁସରୁ ନିଗିଡ଼େ
ମୋକ୍ଷର ଗୋପନ ଆକୁତି।

ଝାଳ, ଲୁହ, ରକ୍ତ, କ୍ରୋଧ, କାରୁଣ୍ୟ, କାମନା
ସବୁରିଙ୍କୁ ଆଉଟି ପାଉଟି
ଶୁଦ୍ଧ ସୁବର୍ଣ୍ଣ ପରି ଠିଆ କରାଏ ସଂସାର,
କରିନିଏ ଅମର।

ନାଇଁ ନାଇଁ ଏଥିରେ ମିଛ ଉତ୍ତାପ
କୁମ୍ଭୀରକାନ୍ଦଣା କି ପ୍ରତାରଣାର ପ୍ରଲେପ
ନିଆଁ, ପବନ, ପାଣି ପରି ଶୋହେ ଶରୀରେ
ଦୋ'ଦୋ'ପାଞ୍ଚ ନ୍ୟାୟରେ
ସମ୍ଭାଳି ହୁଏନି ତା'ର ପ୍ରତାପ।

ନଥାଏ ମୁଖମଣ୍ଡଳ କି ନାଭିମଣ୍ଡଳରେ,
ଦେଖିହୁଏନା, ସେ ଚାହିଁ ରହେ
ସଂସାରଯାକର କୋଳାହଳକୁ,
କାନରେ ଦେଖେ ତ ଆଖିରେ ଶୁଣେ,
ପାପ ପୁଣ୍ୟର ପାଚେରି ହାଣେ।

ଇଙ୍ଗିତେ ତା'ର ଚଳପ୍ରଚଳ
ସାରା ସଂସାର ଅବିରଳ:
ସାଇତି ରଖିବା ସ୍ୱପ୍ନ
ନିହାତି ଜଟିଳ।

– ୧୦୯, ବି ବ୍ଲକ୍, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର
ମୋ: ୬୩୭୧୪୩୫୨୮

### ବାମନ

**ଗୌରୀଶଙ୍କର ସାହୁ**

ଆଜିଯାଏ ଦେଖିପାରିଲିନି ତାଙ୍କ ତାଳୁରୁ ତଳିପା
ଛୋଟ, ଅତି ଛୋଟ
ଯେମିତି ଅଣୁ, ପରମାଣୁ, ଇଲେକ୍‌ଟ୍ରନ, ଆଲୋକ
ବାମନ ବାପୁଡ଼ା।

ଏଇତ ମାୟା, ମିଛ ଦୁନିଆ
ସତ ନୁହଁ ଗୋଟିପଣେ
ତମେ ଦେଖୁଛ, ଯାହା।

ଆଖି ଆଗରେ ପୃଥିବୀ
ମୁଣ୍ଡ ଉପରେ ଆକାଶ
ବେଶିରେ ବେଶି ଏତିକି ହେବ
ସ୍ରଷ୍ଟାଙ୍କ ସାମ୍ରାଜ୍ୟ
ତାଙ୍କ ରାଜ୍ୟ ତାଙ୍କର ଦେଶ।

ମୋର ବା କ'ଣ ଅଛି ସେଥିରେ
ମୁଁ ଦେହ, ଦେହାତୀତ।
ତିନି ପାଦ ଜମି ଦାନ ଦେବାବେଳେ
ପ୍ରଥମେ ମପାଗଲା ଦୁଇ ପାଦ ଭୂମି
ମୁଣ୍ଡ ଉପରେ ବାମନର ପାଦ
ପାତାଳ ପାଦତଳେ
ଭାଙ୍ଗି ଚୂର୍‌ମାର୍ ଦୁନିଆର ସବୁ
ଡେଙ୍ଗା ପୁରୁଷ।

ଏବେ ଦେଖାଯାଉଛନ୍ତି ପରିଷ୍କାର
ଆଗରେ, ପଛରେ, ନଭ ମଣ୍ଡଳରେ
ପାଣିରେ, ପାହାଡ଼ ଶିଖରେ
ଈଶ୍ୱର, ସର୍ବବ୍ୟାପୀ– ସର୍ବୋଚ୍ଚ।

ମୋ: ୭୯୭୮୪୨୧୮୩୫

### ଗୀତି-କବିତା

### କେହି ତ ଆସୁଛି ଫେରି

**ମଞ୍ଜୁଲତା ସିଂହ**

ସପନ ବୋଇତ ଭାସି ଭାସି ଆସେ
ପ୍ରୀତିର ବଣିଜ ସାରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ବେଳା ବୁକେ କେହି ଗଢ଼େ ନିତି ବସି
ସପନର ବାଲିଘର
ସଜାଇବା ପାଇଁ ସେ ବାଲିଘରକୁ
ଆଣେ କେ ପ୍ରୀତିର ଭାର
କା' ଉଦାସୀ ଆଖି ଚାହିଁଛି ତା' ବାଟ
କେହି ଜଣେ ଆସେ ଫେରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ବୋଇତରେ ଭରା ପ୍ରୀତିର ସଉଦା
ଆଣିଛି ସେ ମନ ଜାଣି
ସାଗର ସେପାରି ଲବଙ୍ଗ ଦ୍ୱୀପର
ବାସ୍ନା ଦେଉଅଛି ବୁଣି
ଆଞ୍ଜୁଳା ଆଞ୍ଜୁଳା ଅନୁରାଗ ନେଇ
କେହି ତ ଆସୁଛି ଫେରି
ରାତି ଦରିଆର ଢେଉ କାଟି କାଟି
ଅନ୍ଧାରର ବୁକୁ ଚିରି।

ମୋ: ୮୮୪୭୮୫୨୯୧୭

## କଥାଟିଏ

# କାନ୍ଦୁଥିବା ଝିଅର ଠିକଣା

**ଶିବ ମିଶ୍ର**

ବେଳ ବୁଡ଼ିନଥିଲା, ବୁଡ଼ିବ ବୁଡ଼ିବ ହେଉଥିଲା। ଚିଲିକାକୂଳର ସେହି ଦୀପ ମୁଣ୍ଡିଆ ତଳେ ଖଣ୍ଡେ ପଥର ଉପରେ ବସିଥିଲି ମୁଁ। କିଛି ଦୂରରେ ଥିବା ଭାଲେରି ପାହାଡ଼ର ମଥାନରେ ମେଲାଣି ନେଉଥିବା ସୂର୍ଯ୍ୟ ତା'ର ଲୋହିତ କିରଣ ପସରା ମେଲି ଦେଇଥିଲା ନୀଳାମ୍ବୁ ଚିଲିକାର ଏ ମୁଣ୍ଡରୁ ସେ ମୁଣ୍ଡ। ମୁଁ ଦେଖୁଥିଲି, କୁନି କୁନି ଲହରିଗୁଡ଼ିକର ମନ ଉଲୁସିଆ ନୃତ୍ୟ। ଅତି ସୁନ୍ଦର ଥିଲା ସେଇ ଦୃଶ୍ୟ। ମନ ଡାକିଲା କବିତାଟିଏ ଲେଖିବା ପାଇଁ। କାନ୍ଧ ଝୁଲାମୁଣିରୁ କାଗଜକଲମ ବାହାରକଲାବେଳକୁ ହଠାତ୍ ଅନ୍ଧାର ଘୋଟିଗଲାଆକାଶରୁ ମାଟିଯାଏଁ। ବଡ଼ ଆଚମ୍ବିତ କଥା! ସଞ୍ଜ ନଇଁ ନାହିଁ, ନିତି ବେଳବୁଡ଼ିବା ପରେ ସେ କାଳର ରାଜା ମହାରାଜାଙ୍କ ଭାଟ ପରି ଯେଉଁ ଗୋଟିକିଆ ତାରାଟି ରାତି ଆସୁଥିବା ଖବର ନେଇ ସବା ଆଗ ଆସୁଥିଲା, ତା'ର ଦେଖାନାହିଁ। ଏମିତି ଅନ୍ଧାର ଘୋଟିଲା କେମିତି! ମୁଁ ଚକିତ ଅବାକ୍ ହୋଇ ଚାହୁଁଥିଲି ଚତୁର୍ଦ୍ଦିଗକୁ। ଏତିକିବେଳେ ଶୁଭିଲା ଜଣେ ମହିଳାର ବିକଳ କାନ୍ଦଣା। ସେଇ ପାଖରେ କୋଉଠି କାନ୍ଦୁଥିଲା ସିଏ।

କିଏ ସେ ମହିଳା, କାହିଁକି କାନ୍ଦୁଛି ଜାଣିବା ପାଇଁ ସେଇ ଶବ୍ଦକୁ ଲକ୍ଷ୍ୟ କରି ମୁଁ ଅନ୍ଧାର ଭିତରେ ସତର୍କରେ ଆଗେଇଲି। ଚାରି ଛଅ ପାହୁଣ୍ଡ ଯିବା ପରେ ଲାଗିଲା ଚିଲିକା ପାଣିରେ ଗୋଡ଼ ରଖି ପନ୍ତା ବାଲିରେ ବସିଥିଲା କିଏ ଜଣେ। ଅନ୍ଧାରରେ ତା'ର ଚେହେରା ସ୍ପଷ୍ଟ ଦେଖାଯାଉ ନ ଥିଲେ ବି ମୁଁ ଅନୁମାନ କରିନେଲି ଯେ, ସିଏ ଜଣେ ଝିଅ। ପଚାରିଲି– ତମେ କାହିଁକି କାନ୍ଦୁଛ ? ମୋ' କଥାର ଉତ୍ତର ଦେଲାନି କି କାନ୍ଦ ବନ୍ଦ କଲାନି ସେ ଝିଅ। ମୁଁ ତା' ପାଖକୁ ଯାଇ ପୁଣି ପଚାରିଲି– କ'ଣ ହୋଇଛି ତୁମର ? ସିଏ ଚଟ୍‌କିନା ଠିଆ ହୋଇପଡ଼ି କହିଲା– ମୋର କିଛି ହୋଇନାହିଁ, ଯାହା ହୋଇଛି ତମର ହୋଇଛି। ମୁଁ ପଚାରିଲି– ତମେ ମୋତେ ଜାଣିଛ ? ଚିହ୍ନିଛ ? ଝିଅଟି କହିଲା– ହଁ, ମୁଁ ତମକୁ ଚିହ୍ନିଛି ଆଉ ଜାଣିଛି ଯେ ତମର ଆଖି ଥାଇ ତମେ ଦେଖିପାରୁନ, କାନ ଥାଇ ଶୁଣିପାରୁନ ଆଉ ମୁଣ୍ଡରେ ମଗଜ ଥାଇ ବି କିଛି ବୁଝିପାରୁନ।

ମୁଁ କହିଲି– ତମେ ଏମିତି କ'ଣ କହୁଛ ? ଏଇ ଅନ୍ଧାରରେ ତମ ଚେହେରା ଠିକ୍ ଦେଖାଯାଉ ନ ଥିଲେ ମଧ୍ୟ ମୁଁ ଜାଣିପାରୁଛି ତମେ ଜଣେ ଝିଅ, ମାନେ ତମେ ଜଣେ ଯୁବତୀ। ମୋ' କଥା ଉପରେ କଥା ମଡ଼େଇ ସିଏ କହିଲା– ପୁଣି ତମେ ଜାଣିପାରୁଥିବ ମୁଁ ଖୁବ୍ ସୁନ୍ଦରୀ, ମୋ' ଚେହେରାରେ ଚମକ ଅଛି, ଚାହାଣିରେ ମାଦକତା ଅଛି। ଆହୁରି ବି ଜାଣିପାରୁଥିବ ଯେ, ମୁଁ ହସିଲାବେଳେ ଜେଜୀମା' କାହାଣୀର ସେଇ ରାଜକୁମାରୀ ପରି ମୋ' ଓଠରୁ ଫୁଲ ଝରୁଥିବ।

ମୁଁ କହିଲି– ତମେ ଏ ସବୁ କାହିଁକି କହୁଛ ? ସିଏ କହିଲା– କାହିଁକି କହୁଛି ନା ଆଗରୁ ଯେତେବେଳେ ତମେ ମୋ' ପାଖକୁ ଆସିଛ, ମୋତେ ଦେଖିଛ, ସେତେବେଳେ ଏମିତି କେତେ କ'ଣ ସାଉଁଟିବା ପାଇଁ ମୋ' ଦେହସାରା ତମ ମୁନିଆଁ ନଜର ଘୂରେଇଛ ଆଉ ତମ ମନ ବୋଧ ହୋଇଗଲା ପରେ ମୋ' ପାଖରୁ ଦୂରେଇଯାଇଛ। କିନ୍ତୁ ଯେଉଁମାନେ ତାଙ୍କ ସ୍ୱାର୍ଥର ଶାଣଦିଆ ନଖରେ ମୋ' ଦେହକୁ ବିଦାରି ଖିନ୍‌ଭିନ୍ କରି, ମୋ' ରକ୍ତ ଶୋଷି, ମାଂସ ଝୁଣି, ମୋତେ କଙ୍କାଳସାର, କଦାକାର, ବୀଭତ୍ସ କରିବାରେ ଲାଗିଛନ୍ତି ; ସେମାନଙ୍କୁ ଦେଖିପାରୁନାହିଁ ତମ ଆଖି। ଶୁଣି ପାରୁନାହିଁ ତମ କାନ ମୋର ବୁକୁଫଟା ବିକଳ ଆର୍ତ୍ତନାଦ।

ମୁଁ କହିଲି– ତମେ କ'ଣ କହୁଛ ବୁଝି ହେଉନାହିଁ। ତମେ ପ୍ରଥମେ କୁହ ତମ ନାଁ କ'ଣ ? ତମ ଘର କେଉଁଠି ? ସେ ଝିଅ କିଛି ନ କହି ପୁଣି କାନ୍ଦିବା ଆରମ୍ଭ କରିଦେଲା। ଏଥର ସିଏ ଏତେ ଜୋର୍‌ରେ କାନ୍ଦିଲା ଯେ, ମୋ' ଆଖି ବୁଜି ହୋଇଗଲା। ଟିକିଏ ପଛକୁ ଠେଲି ହୋଇଗଲା ପରି ଲାଗିଲା ମୋତେ।



କ୍ଷଣକ ପରେ ମୋର ମୁଦାଆଖି ଖୋଲିଲା ବେଳକୁ ସେ ଅନ୍ଧାର ରାତି ନ ଥିଲା। ଭାଲେରି ପାହାଡ଼ ଶିଖରରେ ଥାଇ ଅସ୍ତଗାମୀ ସୂର୍ଯ୍ୟ ସେମିତି ବିଞ୍ଚୁଥିଲା ନାରଙ୍ଗୀ ଆଲୁଅ। ଦୀପ ମୁଣ୍ଡିଆ ତଳର ସେଇ ପଥର ଖଣ୍ଡ ଉପରେ ମୁଁ ବସିଥିଲି ସେମିତି ଏକୁଟିଆ। ସେ ଝିଅ ନଥିଲା କି ସେ ଆଖପାଖରେ ଆଉ କେହି ବି ନ ଥିଲେ। କେଜାଣି କୁଆଡ଼େ ଗଲା ସେ ଝିଅ! ମୁଁ ମୁହଁ ଫେରାଇ ଚିଲିକା ଆଡ଼କୁ ଚାହିଁଲାବେଳକୁ ମୋତେ ଲାଗିଲା ସତେ ଯେମିତି ଚିଲିକା କାନ୍ଦୁଥିଲା ସେଇ ଝିଅପରି ବିକଳ କାନ୍ଦଣା। ସେତେବେଳେ ସେଇ ବାଟ ଦେଇ ଯାଉଥିବା ସୁଲୁସୁଲିଆ ପବନ ଟିକିଏ ଅଟକି ଯାଇ ମୋ' କାନ ପାଖରେ କହିଲା– ବୋଧହୁଏ ଏବେ ତୁମକୁ ମିଳି ଯାଇଥିବ ସେଇ କାନ୍ଦୁଥିବା ଝିଅର ଠିକଣା।

– ବାଣପୁର, ଖୋରଧା
ମୋ: ୯୮୫୩୦୭୦୦୧୮

5 ସମସ୍ୟା ନିବାରକ ଆୟୁର୍ବେଦିକ ଆଇ ଡ୍ରପ୍ସ
Eye Strain
Eye Dryness
Eye Tiredness
Eye Freshness
Eye Cleanliness
12 ଗୁଣକାରୀ ଆୟୁର୍ବେଦିକ ଔଷଧ ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୁଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍ସ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ ରଖିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।
Clinically Tested*
24x7 Helpline: 8196822222
www.eyemantra.com
AYURVEDIC EYE RELIEF DROPS


ଆଖିର ଥକ୍କାପଣକୁ ଦୂର କରିବାର ସହଜ ସମାଧାନ
ପ୍ରୟୋଗ ବିଧି:
2 ରୁ 3 ଡ୍ରପ୍ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁସାରେ ବ୍ୟବହାର କରନ୍ତୁ।


# ଭାରତ ପ୍ରଥମେ ଆମେରିକାକୁ ଭେଟିବ

ମୁମ୍ବାଇ, ୬।୨ (ପି.ଟି.)

ଆଇସିସି ପୁରୁଷ ଟି୨୦ କ୍ରିକେଟ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ପ୍ରତିଯୋଗିତାରେ ଗତଥରର ଚାମ୍ପିୟନ ଭାରତ ନିଜର ପ୍ରଥମ ମ୍ୟାଚରେ ଆମେରିକାକୁ ଭେଟିବ। ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବା ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ରହିଛି। ଗ୍ରୁପ୍ 'ଏ'ରେ ଭାରତ ଓ ଆମେରିକା ବ୍ୟତୀତ ନାମ୍ବିୟା, ନେଦରଲାଣ୍ଡ୍ସ ଓ ପାକିସ୍ତାନ ସ୍ଥାନ ପାଇଛି।

୨୦୨୪ରେ ଭାରତ ଚାମ୍ପିୟନ ହେବାବେଳେ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦଳର ସଦସ୍ୟ ଥିଲେ। ଏଥର ଯଦିଓ ଏହି ଦୁଇ ଖେଳାଳି ନାହାନ୍ତି ତେବେ ପ୍ରମୁଖ ଟାଇଟଲ ଦାବିଦାର ରହିଛି ଟିମ୍ ଇଣ୍ଡିଆ। ୨୦୨୪ ପରଠାରୁ ଭାରତ ଓଭରଅଲ୍ ୯ଟି ସିରିଜ ଜିତିଥିବାବେଳେ ଗତବର୍ଷ ଏସିଆ କପ୍ ଚାମ୍ପିୟନ ହୋଇଛି। ୨୦୨୫ରେ ଖରାପ ଫର୍ମରେ ଥିବା ସୂର୍ଯ୍ୟକୁମାର ଯାଦବ ଏବେ ନିଜ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ବିସ୍ଫୋରକ ବ୍ୟାଟିଂ ମାଧ୍ୟମରେ ଇଶାନ କିଶନ ଭାରତୀୟ ଦଳକୁ ସଫଳ ପ୍ରତ୍ୟାବର୍ତ୍ତନ କରିବା ସହ ଓପନର ସ୍ଥାନ ଦଖଲ କରିଛନ୍ତି। ଇଶାନଙ୍କ ଓପନିଂ ପାର୍ଟନର ହେବେ ଅନ୍ୟତମ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା। ସୂର୍ଯ୍ୟକୁମାର ଫର୍ମକୁ ଫେରିବା ସହ ମିଡିଲ ଅର୍ଡରରେ ତିଲକ ବର୍ମା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଉପ ଅଧିନାୟକ ଅକ୍ଷର ପଟେଲ ଓ ଶିବମ ଦୁବେଙ୍କୁ ନେଇ ଗଠିତ ଭାରତର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଶକ୍ତିଶାଳୀ। ଫିନିଶର ଭୂମିକା ତୁଲାଇବାକୁ ପ୍ରସ୍ତୁତ ଥିବା ଅନ୍ୟତମ

## ଆଜିଠୁ ଟି୨୦ ବିଶ୍ୱକପ୍

ଧୂଆଁଧାର ବ୍ୟାଟର ହେଲେ ରିଙ୍କୁ ସିଂ।

ଯଶପ୍ରୀତ୍ ବୁମ୍‌ରା ଭାରତୀୟ ବୋଲିଂ ବିଭାଗର ନେତୃତ୍ୱ ନେବେ। ଇଞ୍ଜୁରି ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ତାଙ୍କ ଯତ୍ନ ନିଆଯାଉଛି। ଅର୍ଶଦୀପ ସିଂ ତାଙ୍କ ସହ ନୂଆବଲ ପାର୍ଟନର ହେବା ଆଶା କରାଯାଉଛି। ଆହତ ସମସ୍ୟା ଦୃଷ୍ଟିରୁ ଅନ୍ୟତମ ଦ୍ରୁତ ବୋଲର ହର୍ଷିତ ରାଣା ଖେଳିବେ ନାହିଁ ବୋଲି ସୂଚନା ମିଳିଛି। ଦଳରେ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ରୂପରେ ବିଶ୍ୱର ଦୁଇ ଶ୍ରେଷ୍ଠ ସ୍ପିନର ଅଛନ୍ତି। ତେବେ ପିଚ୍ କଣ୍ଡିଶନକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ଏକାଦଶରେ କିଏ ସ୍ଥାନ ପାଇବେ କିମ୍ବା ଦୁଇଜଣ ଖେଳିବେ ତାହା ନିର୍ଭର କରିବ। ଦଳରେ ଶୁବମନ ଗିଲ୍ କିମ୍ବା ଯଶସ୍ୱୀ ଜୟସ୍ୱାଲ ନ ଥିବାରୁ ସଞ୍ଜୁ ସାମସନଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିପାରେ।



ଅଭ୍ୟାସ ଅବସରରେ ଅର୍ଶଦୀପ ସିଂ।

ଆଗାମୀ ମ୍ୟାଚରେ ୟୁଏସ ଜର୍ସି ପରିହିତ କେତେକ ପରିଚିତ ଖେଳାଳିଙ୍କୁ ସମ୍ମୁଖୀନ ହେବେ ସୂର୍ଯ୍ୟକୁମାର। ଏକଦା ସୂର୍ଯ୍ୟକୁମାର ୱାଙ୍ଖେଡେ ଷ୍ଟାଡିୟମରେ ଶୁଭମ୍ ରଞ୍ଜାନେ, ହରମିତ ସିଂ ଓ ସୌରମ ନେତ୍ରାଭଲକରଙ୍କ ସହ ଡ୍ରେସିଂରୁମ୍ ଶେୟାର କରିଥିଲେ। ପଡ଼ିଆ ଓ ପିଚ୍ ସମ୍ପର୍କରେ ଅଭିଜ୍ଞତା ଥିବାରୁ ଏହି ତିନି ଭ୍ରମଣକାରୀ 'ମୁମ୍ବାଇକର'ଙ୍କୁ ଆମେରିକା ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିପାରେ। ଆମେରିକା ବିପକ୍ଷ ମ୍ୟାଚକୁ ଭାରତ ହାଲ୍‌କାଭାବେ ନେଇ ପାରିବନି। କାରଣ ଏହି ଦଳ ଗତବର୍ଷ ଖେଳିଥିବା ୯ ମ୍ୟାଚରୁ ୮ଟି ବିଜୟ ସହ ବିଶ୍ୱକପ ଖେଳିବାକୁ ଆସିଛି। ଶ୍ରୀଲଙ୍କାରେ ଏହି ଦଳ ୩ ସପ୍ତାହଧରି କ୍ୟାମ୍ପ ମଧ୍ୟ କରିଛି। ଅଧିନାୟକ ମୋନାଙ୍କ ପଟେଲ ଦଳର ମୁଖ୍ୟ ବ୍ୟାଟର ହୋଇଥିବାବେଳେ ସାଇତେଜା ମୁକ୍କାମାଲ୍ଲା ଓ ମିଲିନ୍ଦ କୁମାର ତାଙ୍କୁ ସହଯୋଗ କରିବେ। ନେତ୍ରାଭଲକର, ହରମିତ ଓ ରଞ୍ଜାନେ ବୋଲିଂ ବିଭାଗର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ୱାଙ୍ଖେଡେ ଷ୍ଟାଡିୟମ ଶର୍ଟ ବାଉଣ୍ଡରି ବିଶିଷ୍ଟ ହୋଇଥିବାରୁ ଭାରତକୁ ହରାଇ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ରହିବ ଆମେରିକା।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଇଶାନ କିଶନ, ସଞ୍ଜୁ ସାମସନ, ଅଭିଷେକ ଶର୍ମା, ତିଲକ ବର୍ମା, ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ।

ଆମେରିକା ଦଳ: ମୋନାଙ୍କ ପଟେଲ (ଅଧିନାୟକ), ଆନ୍ଦ୍ରେସ ଗୋଉସ, ସାଇତେଜା ମୁକ୍କାମାଲ୍ଲା, ଶାୟନ ଜାହାଙ୍ଗୀର, ହରମିତ ସିଂ, ଶୋହାନ ଜୟସୂରିୟା, ସଞ୍ଜୟ କ୍ରିଷ୍ଣାମୂର୍ତ୍ତୀ, ମିଲିନ୍ଦ କୁମାର, ମହମ୍ମଦ ମୋହସିନ, ଶୁଭମ ରଞ୍ଜାନେ, ଶେଡଲେ ଭାନ୍ ଶାଲକୱିକ, ଅଲି ଖାଁ, ଯଶଦୀପ ସିଂ, ନୋସ୍ଥୁଶ କେଞ୍ଜିଗେ, ସୌରମ ନେତ୍ରାଭଲକର।

## ଆଜିର ମ୍ୟାଚ

**ପାକିସ୍ତାନ ବନାମ ନେଦରଲାଣ୍ଡ୍ସ**
ସ୍ଥାନ: କଲମ୍ବୋ, ସମୟ: ପୂର୍ବାହ୍ନ ୧୧ଟା

**ୱେଷ୍ଟଇଣ୍ଡିଜ ବନାମ ସ୍କଟଲାଣ୍ଡ**
ସ୍ଥାନ: କୋଲକାତା, ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଆମେରିକା**
ସ୍ଥାନ: ମୁମ୍ବାଇ, ସମୟ: ସନ୍ଧ୍ୟା ୭ଟା

**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

## ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ହର୍ଷିତ ରାଣା

ମୁମ୍ବାଇ, ୬।୨ (ପି.ଟି.)

ଏକ ଏକ ଅଭ୍ୟାସ ମ୍ୟାଚରେ ଆଣ୍ଠୁରେ ଆଘାତ ଲାଗିଥିବାରୁ ଭାରତର ଯୁବ ସ୍ପିଡଷ୍ଟର ହର୍ଷିତ ରାଣା ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ୱାର୍ମଅପ୍ ଗେମ୍‌ରେ ମାତ୍ର ଗୋଟିଏ ଓଭର ବୋଲିଂ କରିପାରିଥିଲେ ଏବଂ ୧୬ ରନ ଦେଇଥିଲେ। ସେ ଆଣ୍ଠୁରେ ଆଘାତପାଇ ପଡ଼ିଆ ବାହାରକୁ ଚାଲି ଆସିଥିଲେ। ହର୍ଷିତଙ୍କର ୯ଟି ଅନ୍ତର୍ଜାତୀୟ ଦିନିକିଆରେ ୧୦.୬୦ ଇକୋନୋମି ରେଟ୍ ରହିଛି। ତାଙ୍କ ସ୍ଥାନରେ ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ଦଳରେ ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି। ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସୂଚନା ଦେଇଥିଲେ ଯେ, ହର୍ଷିତ ଟୁର୍ନାମେଣ୍ଟ ସମୟରେ ଆଘାତଜନିତ ସମସ୍ୟାରୁ ମୁକୁଳିବା ଭଳି ମନେ ହେଉ ନାହାନ୍ତି। ହର୍ଷିତଙ୍କର ଯଦିଓ ପ୍ରଥମ ଏକାଦଶରେ ସ୍ଥାନ ପାଇବା ଗ୍ୟାରେଣ୍ଟି ନ ଥିଲା କେତେକ କଣ୍ଡିଶନରେ ତାଙ୍କର ଆବଶ୍ୟକତା ରହିଥାଏ। ତାଙ୍କ ସ୍ଥାନ ପୂରଣ ଲାଗି ଦୌଡ଼ରେ ସିରାଜଙ୍କ ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ରହିଥିଲେ।

MARUTI SUZUKI
NEXA
Let February Inspire Your Drives.
The perfect season to command the road is here.
Bring home your favourite NEXA car.


NEXA SAFETY SHIELD
GRAND VITARA
EFFECTIVE PRICE OF ₹9.87 LAKH*
XL6
EFFECTIVE PRICE OF ₹11.03 LAKH#
UP TO 100% WAIVER ON CAR LOAN PROCESSING FEE**
SCAN TO CONNECT TO A SHOWROOM NEAR YOU
T&C available at your nearest dealership. *Ex. Showroom Price of Grand Vitara Sigma ₹10.77 lakh, Consumer Offer (-) ₹25 000, Exchange/Loyalty Bonus (-) ₹ 50 000, Rural/ISL (-) ₹ 15 000, = ₹9.97 lakh. #Ex. Showroom Price of XL6 Zeta ₹11.52 lakh, Consumer Offer (-) ₹20 000, Exchange/Loyalty Bonus (-) ₹ 20 000, Rural/ISL (-) ₹ 10 000, = ₹11.03 lakh. The actual Effective Price mentioned may vary based on the customer's eligibility, profile, and applicable offers at the time of purchase. Offers are valid on Grand Vitara Sigma Variant & XL6 Zeta Variant. Maruti Suzuki India Limited reserves the right to discontinue offers without notice, and offers may vary across variants. The above offers are valid until stocks last. Creative visualisation. Images used are for illustration purposes only. Car colour may vary due to printing on paper. **By selected finance partners. Finance is at the sole discretion of the financier. Prices and savings mentioned above are for select variants and may vary across cities/variants.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ